NITIDIN
RNI REG. NO. ODIODI/2015/62237 ● POSTAL REGD. NO.BN/258/18-20
12 PAGES ● ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
TUESDAY
15 APRIL 2025
ମଙ୍ଗଳବାର
୧୫ ଏପ୍ରିଲ୍ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 ● ISSUE 325 BHUBANESWAR I BERHAMPUR I SAMBALPUR I BALASORE I JAJPUR
ବର୍ଷ ୧୦ ● ସଂଖ୍ୟା ୩୨୫ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


# ବାପାକୁ ମାରି ମା' ହତ୍ୟାର ବଦଳା

## କୁହୁଳୁଥିଲା ପ୍ରତିଶୋଧର ନିଆଁ

**ରାଉରକେଲା,୧୪।୪/ଏନ୍ଏନ୍ଏସ୍:**

ମା' ହତ୍ୟାର ପ୍ରତିଶୋଧ। ଜେଲ୍ ଫେରନ୍ତା ବାପାକୁ ହତ୍ୟା କଲା ପୁଅ। ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ବ୍ରାହ୍ମଣୀ ତରଙ୍ଗ ଥାନା ଭାଲୁପୁତ୍ର ଗାଁରେ ଘଟିଛି ଏହି ବିଭତ୍ସ ହତ୍ୟାକାଣ୍ଡ। ପ୍ରକାଶ ଯେ ମୃତକ କ୍ରାନ୍ତି ବର୍ମା ପୂର୍ବରୁ ନିଜ ସ୍ତ୍ରୀକୁ ହତ୍ୟା କରିଥିଲେ। ଯାହାପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଆଉ ଏବେ ଜେଲ୍‌ରୁ ଫେରିଥିଲେ କ୍ରାନ୍ତି ବର୍ମା। ହେଲେ ପୁଅ ମନରୁ ଲିଭିନଥିଲା ପ୍ରତିଶୋଧର ନିଆଁ। ମାଆକୁ ହତ୍ୟା କରିଥିବା ରାଗ ପୁଅ ମନରେ କୁହୁଳୁଥିଲା। ଯାହାର ପରିଣତି ହେଉଛି, ଏବେ ଜେଲ୍ ଫେରନ୍ତା ବାପାକୁ ହତ୍ୟା କରିଛି ପୁଅ। ହତ୍ୟା ପରେ ଅଭିଯୁକ୍ତ ପୁଅ ବିଷ୍ଣୁ ବର୍ମାଙ୍କୁ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ନିକଟସ୍ଥ ମେଡିକାଲକୁ ପଠାଇ ଘଟଣାର ଅଧିକ ତଦନ୍ତ କରୁଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ମୃତକ କ୍ରାନ୍ତି ବର୍ମା ଡିସେମ୍ବର ୨୦୨୪ରେ ଦୋଷମୁକ୍ତ ହୋଇ ଘରକୁ ଫେରିଥିଲେ। ହେଲେ ଅଭିଯୁକ୍ତ ପୁଅ ଦର୍ଶାଇଛି ଯେ ସେ ହିଂସାତ୍ମକ ଥିଲେ ଏବଂ ତାକୁ ଆକ୍ରମଣ କରୁଥିଲେ।

# ୧୯ରେ ଓଡ଼ିଶା ଆସିବେ ଗଡ଼କରୀ

**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:**

## ଉଦ୍‌ଘାଟନ କରିବେ ଏନ୍ଏଚ୍ ପ୍ରକଳ୍ପ



କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଆସନ୍ତା ୧୯ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ସୋମବାର ସୂଚନା ଦେଇଛନ୍ତି। ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ସେ କହିଛନ୍ତି ଯେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଏପ୍ରିଲ ୧୯ ତାରିଖରେ ଭୁବନେଶ୍ୱର ଆସି ବରମୁଣ୍ଡା ଗ୍ରାଉଣ୍ଡରେ ରାଜ୍ୟ ପାଇଁ ଅନେକ ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ପାଇଁ ଏବେ ସୁବର୍ଣ୍ଣ ଯୁଗ, କାରଣ ଡବଲ ଇଞ୍ଜିନ ସରକାର ଅଧୀନରେ ବିକାଶ ପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ନେତୃତ୍ୱ ରାଜ୍ୟକୁ ଆସୁଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ସମ୍ପ୍ରତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ରାଜ୍ୟ ଗସ୍ତରେ ଆସି ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆରମ୍ଭ କରିଥିଲେ। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା ସେ କହିଛନ୍ତି।

# ମନ୍ଦିରରେ ବିନ୍ଧିଲା ମହୁମାଛି

**ଗଜପତି,୧୪।୪/ଏନ୍ଏନ୍ଏସ୍:**

## ୨୦ଶ୍ରଦ୍ଧାଳୁ ଆହତ

ଠାକୁର ଦର୍ଶନ କରିବାକୁ ଯାଇଥିବା ବେଳେ ଆକ୍ରମଣ କଲା ବାଘ ମହୁମାଛି। ଫଳରେ ୨୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ସମସ୍ତ ଆହତଙ୍କୁ ଉଦ୍ଧାର କରାଯାଇ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଗଜପତି ଜିଲ୍ଲା ମୋହନା ଥାନା ଚନ୍ଦ୍ରଗିରି ଶିବ ମନ୍ଦିରରେ ଏଭଳି ଘଟଣା ଘଟିଥିବାର ଖବର ସାମ୍ନାକୁ ଆସିଛି। ସୂଚନା ମୁତାବକ ସୋମବାର ମହାବିଷୁବ ସଂକ୍ରାନ୍ତି ତଥା ମେରୁ ସଂକ୍ରାନ୍ତି ଉପଲକ୍ଷେ ଶ୍ରଦ୍ଧାଳୁମାନେ ଚନ୍ଦ୍ରଗିରି ଶିବ ମନ୍ଦିରକୁ ଦର୍ଶନ କରିବାକୁ ଯାଇଥିଲେ। ତେବେ ମନ୍ଦିର ନିକଟରେ ଥିବା ଗଛ ଉପରୁ ବାଘୁଆ ମହୁମାଛି ବାହାରି ହଠାତ ଆକ୍ରମଣ କରିଥିଲେ। ମହୁମାଛି ଆକ୍ରମଣରେ ଶ୍ରଦ୍ଧାଳୁମାନେ ଭୟରେ ଦୌଡ଼ିଥିଲେ। ହେଲେ ୨୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରାଯାଇଛି।

## ପ୍ରକାଶ ପାଇଲା ୨୦୨୫-୨୬ ଶିକ୍ଷାବର୍ଷ କ୍ୟାଲେଣ୍ଡର୍

# ମେ ୬ରୁ ସ୍କୁଲ୍ ଖରା ଛୁଟି




**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:**

ପ୍ରକାଶ ପାଇଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୨୦୨୫-୨୬ ଶିକ୍ଷାବର୍ଷ କ୍ୟାଲେଣ୍ଡର। ୨୦୨୫ ଶିକ୍ଷାବର୍ଷ ପାଇଁ ପ୍ରକାଶିତ କ୍ୟାଲେଣ୍ଡରରେ ସମସ୍ତ ଛୁଟି ବିବରଣୀ ପ୍ରକାଶ ପାଇଛି। ଓସେପା ପକ୍ଷରୁ ପ୍ରାଥମିକ ଓ ମାଧ୍ୟମିକ ଶ୍ରେଣୀ ପାଇଁ ଶିକ୍ଷା କ୍ୟାଲେଣ୍ଡର ପ୍ରକାଶ କରାଯାଇଛି। ଶିକ୍ଷା କ୍ୟାଲେଣ୍ଡରକୁ କଡ଼ାକଡ଼ି ପାଳନ ଲାଗି ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ ୬ ତାରିଖରୁ ଖରାଛୁଟି ରହିଛି। ମେ ୬ ତାରିଖରୁ ଜୁନ୍ ୧୭ ତାରିଖ ପର୍ଯ୍ୟନ୍ତ ଖରାଛୁଟି ପାଇଁ ସମସ୍ତ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବ। ବିଶେଷ ଭାବରେ ବିଦ୍ୟାଳୟରେ କାର୍ଯ୍ୟ ସମୟ ସକାଳ ସାଢ଼େ ୯ଟା ୩୦ରୁ ଅପରାହ୍ଣ ସାଢ଼େ ୪ଟା ୩୦ ପର୍ଯ୍ୟନ୍ତ ପାଠପଢ଼ା ରଖାଯାଇଛି। ଶନିବାର ଦିନ ସକାଳ ସାଢ଼ ୬ଟାରୁ ଦିନ ୧୨ ଟା ୩୦ ଯାଏଁ ପାଠପଢ଼ା ହେବ। ଏହା ସହ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସ୍କୁଲରେ ଶିକ୍ଷକ ଶିକ୍ଷୟିତ୍ରୀ ରହିବା ବାଧ୍ୟତାମୂଳକ କରାଯାଇଛି। ତେବେ ସ୍କୁଲରେ ୨୩୧ଟି କାର୍ଯ୍ୟ ଦିବସ ରହିଛି। ଏପ୍ରିଲ ମାସରେ ୨୨ଟି କାର୍ଯ୍ୟଦିବସ ରହିଥିବା ବେଳେ ମେ' ରେ ୪ଟି, ▶▶ ୭

## ଘଟଗାଁରେ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

# ତାରିଣୀ ମନ୍ଦିର ପାଇଁ ୨୧୫ କୋଟି

**କେନ୍ଦୁଝର,୧୪।୪/ଏନ୍ଏନ୍ଏସ୍:**

ଖୁବ୍‌ଶୀଘ୍ର ଘଟଗାଁ ମା' ତାରିଣୀଙ୍କ ମନ୍ଦିର ଓ ମନ୍ଦିର ପାରିପାର୍ଶ୍ୱିକ ବିକାଶ କାମ ଆରମ୍ଭ ହେବ। ଏଥିପାଇଁ ୨୧୫ କୋଟିରୁ ଅଧିକ ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଛି। ଓଡ଼ିଆ ନବ ବର୍ଷ ଅବସରରେ ସୋମବାର ଘଟଗାଁ ଗସ୍ତ କରି ମା' ତାରିଣୀଙ୍କୁ ଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି। ସୋମବାର ମା'ତାରିଣୀଙ୍କ ପ୍ରସିଦ୍ଧ ଚଇତି ଯାତ୍ରା ତଥା ଓଡ଼ିଆ ନବ ବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘଟଗାଁ ଆସି ମା' ତାରିଣୀଙ୍କ ଦର୍ଶନ କରିବା ସହିତ ଓଡିଶା ବାସୀଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ଏଥି ସହିତ କେନ୍ଦୁଝରକୁ ଏକ ସୁନାର କେନ୍ଦୁଝର ରୂପେ ଗଢି ତୋଳିବା ପାଇଁ ମା'ତାରିଣୀଙ୍କ ଚରଣରେ ଶରଣ ପଶିଛନ୍ତି। ଆଜି ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପ୍ରାୟ ୧୨ ଟା ୩୦ ମିନିଟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ଥାନୀୟ ଷ୍ଟାଡିୟମରେ ହେଲିକ୍ୟାପ୍ଟରେ ଅବତରଣ କରିଥିଲେ। ପରେ ସ୍ଥାନୀୟ ସାଂସଦ ଅନନ୍ତ ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଓ ଘଟଗାଁ ବିଜେପି ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ସେଠାରୁ ସିଧା ମା'ତାରିଣୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ମାଙ୍କ ଦର୍ଶନ କରିବା ସହ ପୁଷ୍ପାଞ୍ଜଳି, ଆରତୀ କରିଥିଲେ । ମା' ଆଶୀର୍ବାଦ ଗ୍ରହଣ କରି ରାଜ୍ୟବାସୀଙ୍କୁ ନୂତନ ବର୍ଷ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ପୀଠର ବିକାଶ ପାଇଁ ୨୧୫ କୋଟିର ଡିପିଆର ପ୍ରସ୍ତୁତି କରାଯାଇଛି। ଖୁବ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପୀଠକୁ ଜାତୀୟ ପର୍ଯ୍ୟଟନ ସ୍ଥଳୀରେ ସାମିଲ କରିବା ପାଇଁ ସବୁ ପ୍ରକାର ସହାୟତା ପ୍ରଦାନ କରାଯିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେହିପରି କେନ୍ଦୁଝର ଜିଲ୍ଲାକୁ ଏକ ନମ୍ବର ଜିଲ୍ଲା କରିବା ସହ ଷ୍ଟିଲ ପ୍ଲାଣ୍ଟ ନିଶ୍ଚିତ ଭାବେ ପ୍ରତିଷ୍ଠା ହେବ ବୋଲି କହିଥିଲେ। ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକାର, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ସାଂସଦଙ୍କ ପ୍ରତିନିଧି ଅଖିଳ ପାତ୍ର, ବିଜେପି ନେତା ରାଜେନ୍ଦ୍ର ପଟ୍ଟନାୟକ, ରବି ନାରାୟଣ ଦେହୁରୀ, ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ, ଯୁବନେତା ରୁଦ୍ର ବେହେରା, ମକରଧ୍ୱଜ ବେହେରା, ପ୍ରିତମ ରୋଶନ ମହାପାତ୍ର, ଉତ୍ତମ ପ୍ରଧାନ ଓ ଅଜିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ଆରମ୍ଭ ହେବ ପୀଠର ବିକାଶ କାର୍ଯ୍ୟ

## ମହାବୀର ଜୟନ୍ତୀ ଶୋଭାଯାତ୍ରାରେ ହେଲେ ସାମିଲ



ଅନ୍ୟପକ୍ଷରେ ହନୁମାନ ଜୟନ୍ତୀ ▶▶ ୭

# ତାଣ୍ଡବ ରଚିବ କାଳବୈଶାଖୀ



## ବିଜୁଳି ଘଡ଼ଘଡ଼ି ସହ ହେବ ବର୍ଷା

## ୪୦ରୁ ୫୦ କିମି ବେଗରେ ବହିବ ପବନ

**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:**

ଆହୁରି ୭ ଦିନ ତାଣ୍ଡବ ରଚିବ କାଳବୈଶାଖୀ। ଆଗାମୀ ୭ ଦିନ ଯାଏ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଝଟକା ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ବହିବ। କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଯାହାକୁ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ବର୍ଷା ପ୍ରଭାବରେ ଆଗାମୀ ୪ରୁ ୫ ଦିନ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଆଗାମୀ ୨୪ ଘଣ୍ଟାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ରହିବ। ସେହିପରି ଝଟକା ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିମି ରହିବ। ଯାହାକୁ ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତାକାଲି ୭ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ବହିବ। ସମ୍ପୃକ୍ତ ଜିଲ୍ଲାଗୁଡ଼ିକ ହେଉଛି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଢେଙ୍କାନାଳ, ଗଞ୍ଜାମ ଓ ଗଜପତି । ସେହିପରି ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାରେ ମଧ୍ୟ ବର୍ଷା ସହ ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ଝଟକା ପବନ ୪୦ରୁ ୫୦ କିମି ବେଗରେ ବହିବ । ଏସବୁ ଜିଲ୍ଲାକୁ ୟେଲୋ ▶▶ ୭

# ୧୮୦୦ କୋଟିର ଡ୍ରଗ୍ସ ଜବତ



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:**

ଗୁଜରାଟ ଉପକୂଳବର୍ତ୍ତୀ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ନିକଟରେ ୧,୮୦୦ କୋଟି ଟଙ୍କା ମୂଲ୍ୟର ୩୦୦ କିଲୋଗ୍ରାମ ନିଶାଦ୍ରବ୍ୟ ଜବତ କରାଯାଇଛି। ଭାରତୀୟ ତଟରକ୍ଷୀ ବାହିନୀ ଗୁଜରାଟ ଏଟିଏସ୍ ସହଯୋଗରେ ଏହାକୁ ଜବତ କରିଛି। ଏହି ଆଣ୍ଟି ନାର୍କୋଟିକ୍ସ ଜଏଣ୍ଟ ଅପରେଶନ ଜବତ ହୋଇଥିବା ନିଶାଦ୍ରବ୍ୟ ମେଥାମ୍ଫେଟାମାଇନ ବୋଲି ସନ୍ଦେହ କରାଯାଉଛି। ସମୁଦ୍ର ମଝିରେ ଏହି ମିଳିତ ଅପରେସନ ଆନ୍ତଃ-ଏଜେନ୍ସି ସମନ୍ୱୟର ଏକ ଉତ୍କୃଷ୍ଟ ଉଦାହରଣ ଥିଲା। ଗୁଜରାଟ ଏଟିଏସର ସୂଚନା ଆଧାରରେ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ସମୁଦ୍ରରେ ଏକ ସନ୍ଦିଗ୍ଧ ଡଙ୍ଗାକୁ ଅଟକାଇଥିଲା। ଆଉ ସେଥିରୁ ୩୦୦ କିଲୋଗ୍ରାମ ନିଶାଦ୍ରବ୍ୟ ଜବତ କରିଥିଲା। ଏନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋମବାର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରିଥିବା ମେସେଜରେ କହିଛନ୍ତି ଯେ ନରେନ୍ଦ୍ର ମୋଦୀ ସରକାର ଡ୍ରଗ୍ସ ନେଟୱାର୍କକୁ ମୂଳୋତ୍ପାଟନ ପାଇଁ କଠୋର ନିଷ୍ପତ୍ତି ନେଇଛନ୍ତି। ସେ ଲେଖିଛନ୍ତି ଯେ ନିଶା ମୁକ୍ତ ଭାରତ ନିର୍ମାଣର ନିରନ୍ତର ଅନୁସନ୍ଧାନରେ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମା ନିକଟରେ ୧,୮୦୦କୋଟି ଟଙ୍କା ମୂଲ୍ୟର ୩୦୦କିଲୋଗ୍ରାମ ନିଶାଦ୍ରବ୍ୟ ଜବତ କରି ଏକ ଉଲ୍ଲେଖନୀୟ କାର୍ଯ୍ୟ ହାସଲ କରାଯାଇଛି। ଗୁଜୁରାଟ ପୁଲିସ, ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ(ଏଟିଏସ) ଏବଂ ଭାରତୀୟ ତଟରକ୍ଷା ବାହିନୀକୁ ଏଥିପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପ୍ରଶଂସା କରିଛନ୍ତି।

## ଖଣି ଚୋରିର ତଦନ୍ତ

# କୋଇଡ଼ାରେ ଏନ୍‌ଫୋର୍ସମେଣ୍ଟ ଟିମ୍

**ସୁନ୍ଦରଗଡ଼,୧୪।୪/ଏନ୍ଏନ୍ଏସ୍:**

ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଅଞ୍ଚଳରେ ସବୁ ସୀମା ଟପିଛନ୍ତି ମାଙ୍ଗାନିଜ୍ ମାଫିଆ । ଗତ ୨ ଦଶନ୍ଧି ଧରି ବେଆଇନ୍ ଓ ବେଧଡ଼କ୍ ଭାବେ ଏଠାରୁ ମାଙ୍ଗାନିଜ୍ ଚୋରା ଚାଲାଣ ଚାଲିଛି। ବର୍ଷ ବର୍ଷ ଧରି ଏ ସମ୍ପର୍କରେ ଅଭିଯୋଗ ହୋଇଆସୁଥିଲା। ଶେଷରେ ରାଜ୍ୟ ସରକାର ଗଠନ କରିଥିବା ସ୍ୱତନ୍ତ୍ର ୯ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍ ଉତ୍ତୋଳନ ହେଉଥିବା ସ୍ଥାନକୁ ଯାଇ ସରଜମିନ୍ ତଦନ୍ତ କରିଛନ୍ତି।



ପ୍ରକାଶ ଯେ କୋଇଡ଼ା ଅଞ୍ଚଳରେ କଳାହୀରାର କଳା କାରବାର ଚଳାଇ ଆସୁଛନ୍ତି ମାଫିଆ। କୋଇଡ଼ାର ଜିଡେଇ, କଳମଙ୍ଗ, ମାଲଦା ଓ ଗଲୁଆଁ ଭଳି ଅନେକ ଗାଁ ନିକଟରେ ଥିବା ସରକ୍ଷିତ ଜଙ୍ଗଲ ଯେମିତି ମାଫିଆମାନଙ୍କ ଚରାଭୂଇଁ ପାଲଟିଯାଇଛି। ଏହାଦ୍ୱାରା ସରକାର ହରାଉଛନ୍ତି ଶହ ଶହ କୋଟି ଟଙ୍କାର ରାଜସ୍ୱ। ଅଞ୍ଚଳବାସୀ ଏ ସମ୍ପର୍କରେ ବର୍ଷ ବର୍ଷ ଧରି ଅଭିଯୋଗ କରୁଥିଲେ ମଧ୍ୟ ମାଫିଆମାନେ ଖାତିର କରୁନଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ▶▶ ୭

# ୧୬ରୁ +୩ ନାମଲେଖା ଆବେଦନ




**ଭୁବନେଶ୍ୱର,୧୪।୪/ଏନ୍ଏନ୍ଏସ୍:**

ଶିକ୍ଷାବର୍ଷ ୨୦୨୫-୨୬ ଲାଗି ଉଭୟ+୩ ଏବଂ ଦୁଇ ବର୍ଷିଆ ବିଏଡ୍, ଏମଏଡ୍, ବିଏଚ୍ଏଡ୍ ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟା ଆସନ୍ତା ୧୬ତାରିଖରୁ ଆରମ୍ଭ ହେବ। ସ୍ନାତକ ଶ୍ରେଣୀ ପାଠ୍ୟକ୍ରମରେ ନାମଲେଖା ଲାଗି ଆବେଦନକାରୀମାନେ କମନ୍ ଆପ୍ଲିକେସନ ଫର୍ମ ମାଧ୍ୟମରେ ଆବେଦନ କରିବେ। ତେବେ ଚଳିତବର୍ଷ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। ଏହି ଶିକ୍ଷା ନୀତି ଅନୁସାରେ ଛାତ୍ରଛାତ୍ରୀ ସାମ୍ସ ମାଧ୍ୟମରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ପାଠ୍ୟକ୍ରମର ବିଭିନ୍ନ ପ୍ରକାର ଯଥା: ଗୋଟିଏ ମୁଖ୍ୟ ବିଷୟ ସହିତ ଦୁଇଟି ଉପବିଷୟ କିମ୍ବା ଦୁଇଟି ମୁଖ୍ୟ ବିଷୟ କିମ୍ବା ତିନିଟି ଉପବିଷୟ ଚୟନ କରିପାରିବେ। ଏହାବ୍ୟତୀତ ସ୍ନାତକ ପାଠପଢ଼ା ଜୁଲାଇ୧୦ ସୁଦ୍ଧା ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି।

## ଜୁଲାଇ ୧୦ରୁ ପାଠପଢ଼ା ଆରମ୍ଭ

### ଭିତରେ ପୃଷ୍ଠାରେ...


- ସୌରଭ ଗାଙ୍ଗୁଲି ଆଇସିସି କ୍ରିକେଟ୍ କମିଟି ଅଧ୍ୟକ୍ଷ
- ପଶ୍ଚିମବଙ୍ଗ ହିଂସା ଘଟଣା: ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା
- ମେଟା ବିରୋଧରେ ଅବିଶ୍ୱାସ ମାମଲା: ଶୁଣାଣି ଆରମ୍ଭ
- 'ଜୁନିଅର ହୋଇ ଦଳୀୟ ଶୃଙ୍ଖଳା ଭଙ୍ଗ କରୁଛନ୍ତି'


# ପଳାତକ ଚୋକ୍‌ସିଙ୍କୁ ଆଉ ନାହିଁ ତ୍ରାହି

## ବେଲ୍‌ଜିୟମ୍‌ରେ ଗିରଫ, ପ୍ରତ୍ୟର୍ପଣ ପାଇଁ ଭାରତର ଅପିଲ୍

**ବ୍ରସେଲସ,୧୪।୪/ଏଜେନ୍ସି:**

ଭାରତର ପଳାତକ ବ୍ୟବସାୟୀ ମେହୁଲ୍ ଚୋକସିଙ୍କୁ ସୋମବାର ବେଲଜିୟମ୍ ପୁଲିସ୍ ଗିରଫ କରିଛି। ଏସମ୍ପର୍କରେ ସୂଚନା ମିଳିବା ମାତ୍ରେ ଭାରତ ପକ୍ଷରୁ ମେହୁଲ୍‌ଙ୍କ ପ୍ରତ୍ୟର୍ପଣ ପାଇଁ ଆବେଦନ ମଧ୍ୟ କରାଯାଇଥିବା ବେଲଜିୟମ୍ ସରକାର ଏବଂ ପ୍ରଶାସନ ସ୍ପଷ୍ଟ କରିସାରିଛନ୍ତି। ବେଲଜିୟମ ଫେଡେରାଲ ପବ୍ଲିକ ସର୍ଭିସ ଅଫ୍ ଜଷ୍ଟିସ ନିଶ୍ଚିତ କରିଛି ଯେ, ଭାରତୀୟ କର୍ତ୍ତୃପକ୍ଷ ପଳାତକ ବ୍ୟବସାୟୀ ମେହୁଲ୍ ଚୋକସିଙ୍କ ପାଇଁ ଏକ ପ୍ରତ୍ୟର୍ପଣ ଅନୁରୋଧ ଦାଖଲ କରିଛନ୍ତି। ପ୍ରକାଶ, ମେହୁଲ ଚୋକ୍‌ସି



୧୩,୮୫୦ କୋଟିରୁ ଅଧିକ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ (ପିଏନ୍‌ବି) ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ନୀରବ ମୋଦୀଙ୍କ ସହ ଅନ୍ୟତମ ଅଭିଯୁକ୍ତ ରହିଛନ୍ତି। ପିଏନ୍‌ବି ଘୋଟାଲା କରିବା ସମ୍ପର୍କରେ ଜଣାପଡିବା ପରେ ଗିରଫଦାରୀ ଭୟରେ ଉଭୟ ୨୦୧୮ରେ ଭାରତ ଛାଡି ଫେରାର ହୋଇଯାଇଥିଲେ। ବେଲଜିୟମ୍ ଫେଡେରାଲ୍ ପବ୍ଲିକ୍ ଅଫ୍ ଜଷ୍ଟିସ୍ କହିଛି ଯେ, ବେଲ୍‌ଜିୟମ୍ ପୁଲିସ୍ ବର୍ତ୍ତମାନ ସମୟରେ ତାଙ୍କ ପଛରେ ପଡ଼ିଥିବା ମେହୁଲ ଜାଣିପାରିଥିଲେ, ଏହି କାରଣରୁ ସେ ସ୍ୱିଜରଲ୍ୟାଣ୍ଡ ଖସି ଚାଲିଯିବାକୁ ଉଦ୍ୟମ କରୁଥିଲେ। ତେବେ ▶▶ ୭

# ବଡ଼ପଣ ଦେଖାଇଲେ ମୋଦୀ

## ନିଜ ପ୍ରଶଂସକଙ୍କୁ ପିନ୍ଧାଇଲେ ଜୋତା

**ଚଣ୍ଡିଗଡ଼,୧୪।୪/ଏଜେନ୍ସି:**

ବଡ଼ପଣ ଦେଖାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ହରିୟାଣାରେ ଜିତିଲେ ହୃଦୟ। ଜଣେ ସାଧାରଣ ଲୋକଙ୍କୁ ଜୋତା ପିନ୍ଧାଇ ଦେଇ ଆଜି କୋଟି କୋଟି ଭାରତୀୟଙ୍କ ଆଖିରେ ପୁଣି ନିଜ ବଡ଼ପଣର ପରିଚୟ ଦେଇଛନ୍ତି ମୋଦୀ। ଆଉ ପ୍ରଧାନମନ୍ତ୍ରୀଙ୍କ ବିଶାଳ ହୃଦୟକୁ ହରିୟାଣା ସମେତ ସାରା ଦେଶ ଦେଖିଛି ପ୍ରଧାନମନ୍ତ୍ରୀଙ୍କ ବିଶାଳ ହୃଦୟକୁ। ମୋଦୀ ପୁଣିଥରେ ନିଜ ▶▶ ୭



## ଅମରନାଥ ଯାତ୍ରା ପାଇଁ ପଞ୍ଜିକରଣ ଆରମ୍ଭ



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ବାବା ଅମରନାଥଙ୍କ ଶ୍ରଦ୍ଧାଳୁ, ଭକ୍ତଙ୍କ ପାଇଁ ଏକ ସୁଖଦ ଖବର। ଅମରନାଥ ଯାତ୍ରା ପାଇଁ ଆଜି (ଏପ୍ରିଲ ୧୪) ଠାରୁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଚଳିତ ବର୍ଷ ଅମରନାଥ ଯାତ୍ରା ଆସନ୍ତା ଜୁନ୍ ୨୯ରୁ ଅଗଷ୍ଟ ୧୯ ପର୍ଯ୍ୟନ୍ତ ଚାଲିବ। ଅମରନାଥ ଯାତ୍ରାରେ ଅଂଶଗ୍ରହଣ କରିବା ପାଇଁ, ଏହାର ଅଫିସିଆଲ୍ ୱେବ୍‌ସାଇଟ୍ www.jksasb.nic.in ରେ ପଞ୍ଜୀକରଣ ଫର୍ମ ଉପଲବ୍ଧ କରାଯାଇଛି। ଶ୍ରଦ୍ଧାଳୁମାନେ ୱେବସାଇଟ୍ ପରିଦର୍ଶନ ପୂର୍ବକ ଫର୍ମ ପୂରଣ କରିବା ପୂର୍ବକ ଯାତ୍ରା ପାଇଁ ପଞ୍ଜିକରଣ କରିପାରିବେ। ସେହିପରି ଅଫ୍‌ଲାଇନ୍ ମୋଡ୍‌ରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପାଇଁ ପଞ୍ଜିକରଣ କରିବାର ସୁବିଧା ଉପଲବ୍ଧ (ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଜମ୍ମୁ ଏବଂ କାଶ୍ମୀର ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଏବଂ ଏସ୍‌ବିଆଇ ବ୍ୟାଙ୍କର ଶାଖାଗୁଡ଼ିକରେ ସହଜରେ ମିଳିପାରିବ) କରାଯାଇଛି। ତେବେ ଉଭୟ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍ ରେଜିଷ୍ଟ୍ରେସନ୍ ପାଇଁ ଆଧାର, ଭୋଟର ପରିଚୟପତ୍ର କିମ୍ବା ପାସପୋର୍ଟ, ପାସପୋର୍ଟ ଆକାରର ଫଟୋ ସହିତ ଏକ ପରିଚୟପତ୍ର ଆବଶ୍ୟକ ହେବ। ଏହା ବ୍ୟତୀତ, ଶ୍ରାଇନ୍ ବୋର୍ଡ ଦ୍ୱାରା ଅନୁମୋଦିତ ଡାକ୍ତରଙ୍କ ଠାରୁ ଏକ ଡାକ୍ତରୀ ପ୍ରମାଣପତ୍ର ତିଆରି କରିବାକୁ ପଡିବ। ଏତଦ୍‌ବ୍ୟତୀତ, ପଞ୍ଜିକରଣ ଶୁଳ୍କ ଭାବରେ ୧୫୦ଟଙ୍କା ମଧ୍ୟ ଜମା କରିବାକୁ ପଡିବ।

## ଡାନିଏଲ୍ ନୋବୋଆ ପୁଣିଥରେ ଇକ୍ୱେଡର ରାଷ୍ଟ୍ରପତି ନିର୍ବାଚିତ



**କ୍ୱିଟୋ,୧୪।୪/ଏଜେନ୍ସି:** ଡାନିଏଲ ନୋବୋଆ ପୁଣିଥରେ ଇକ୍ୱେଡର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି। ଇକ୍ୱେଡର ଜାତୀୟ ନିର୍ବାଚନ ପରିଷଦ ରବିବାର ରାଷ୍ଟ୍ରପତି ଡାନିଏଲ ନୋବୋଆଙ୍କୁ ପୁନଃ ନିର୍ବାଚିତ କରିଛି। ସଦ୍ୟ ସମାପ୍ତ ରାଷ୍ଟ୍ରପତି ନିର୍ବାଚନରେ ଡାନିଏଲ ନୋବୋଆ ଭୋଟ୍ ଗଣତି ସମୟରେ ବାମପନ୍ଥୀ ଲୁଇସା ଗୋଞ୍ଜାଲେଜଙ୍କ ବିପକ୍ଷରେ ଏକ ସ୍ଥିର ଏବଂ ଅପ୍ରତ୍ୟାଶିତ ୧୨ ପଏଣ୍ଟର ଅଗ୍ରଣୀ ବଜାୟ ରଖିବାରେ ସଫଳ ହୋଇଛନ୍ତି। ପ୍ରାୟ ୯୩% ଭୋଟ୍ ବାକ୍ସ ଗଣନା ହେବା ପରେ, ନୋବୋଆ ୫୫.୮% ଭୋଟ୍ ପାଇଥିବା ବେଳେ ଗୋଞ୍ଜାଲେଜ ୪୪.୧% ଭୋଟ୍ (ଯାହାକି ୧୦ ଲକ୍ଷରୁ ଅଧିକ ଭୋଟ୍‌ର ପାର୍ଥକ୍ୟ) ପାଇଥିବା ସ୍ପଷ୍ଟ ହୋଇଯାଇଥିଲା। ତେବେ ଗୋଞ୍ଜାଲେଜ କହିଛନ୍ତି ଯେ, ସେ ଫଳାଫଳକୁ ଗ୍ରହଣ କରନ୍ତି ନାହିଁ ଏବଂ ପୁନଃଗଣନା ଦାବି କରିବେ। ଏହାକୁ ଇକ୍ୱେଡରର ଇତିହାସର ସବୁଠାରୁ ଖରାପ ଏବଂ ସବୁଠାରୁ ଭୟଙ୍କର ନିର୍ବାଚନ ଜାଲିଆତି ବୋଲି କହିଛନ୍ତି। ଦେଶରେ ବୃଦ୍ଧି ପାଉଥିବା ନିଶା କାରବାର ସାଙ୍ଗକୁ ଅନ୍ୟ ଅପରାଧିକ କାର୍ଯ୍ୟକଳାପ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଏବଂ ଆଇନ ଏବଂ ଶୃଙ୍ଖଳା ସମ୍ପର୍କରେ ତାଙ୍କର ସ୍ପଷ୍ଟ ନିଷ୍ପତ୍ତି ପାଇଁ ଲୋକପ୍ରିୟ ସାଜିଥିବା ଡାନିଏଲ୍ ନୋବାଆଙ୍କ ପୂର୍ବ ଟ୍ରାକ୍ ରେକର୍ଡକୁ ଦୃଷ୍ଟିରେ ରଖି ଇକ୍ୱେଡର ଜାତୀୟ ନିର୍ବାଚନ ପରିଷଦ ତାଙ୍କୁ ପୁନଃ ରାଷ୍ଟ୍ରପତି ଭାବେ ନିର୍ବାଚିତ କରିଛି।

## ୫ ବର୍ଷ ଝିଅର ହତ୍ୟାକାରୀ ପୁଲିସ୍ ଏନ୍‌କାଉଣ୍ଟରରେ ନିହତ

**ବେଙ୍ଗାଲୁରୁ,୧୪।୪/ଏଜେନ୍ସି:** କର୍ଣ୍ଣାଟକର ହୁବଳି ଅଞ୍ଚଳରେ ଏକ ୫ ବର୍ଷର ଶିଶୁ କନ୍ୟାକୁ ପ୍ରଥମେ ଅପହରଣ କରିନେବା ପରେ ହତ୍ୟା କରିଥିବା ନୀତେଶ କୁମାର (୩୫) ନାମକ ଅଭିଯୁକ୍ତ ରବିବାର ଦିନ ପୁଲିସ୍ ଏନ୍‌କାଉଣ୍ଟରରେ ପ୍ରାଣ ହରାଇଛି। ଏସମ୍ପର୍କରେ କର୍ଣ୍ଣାଟକ ପୁଲିସ୍ ସୋମବାର ସୂଚନା ଦେବାପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିଛି। ପୁଲିସ୍ ସୂଚନାନୁସାରେ ଅଭିଯୁକ୍ତ ନୀତେଶର ଠିକଣା ସମ୍ପର୍କରେ ସୂଚନା ମିଳିବା ମାତ୍ରେ ଚଢ଼ଉ କରାଯାଇଥିଲା। କିନ୍ତୁ ସେ ପୁଲିସ୍ ଟିମ୍ ଉପରେ ଆକ୍ରମଣ କରିବାରୁ ପୁଲିସ୍ କର୍ମଚାରୀ ମଧ୍ୟ ପାଲଟା ଫାୟାରିଂ କରିଥିଲେ। ଏହି ଏନ୍‌କାଉଣ୍ଟର ଘଟଣାରେ ଜଣେ ପୁଲିସ୍ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ପ୍ରକାଶ, ନୀତେଶ କୁମାର ବିରୋଧରେ ପୋକ୍‌ସୋ ଆଇନ ଅନ୍ତର୍ଗତ ଦୁଷ୍କର୍ମ ଏବଂ ହତ୍ୟା ମାମଲା ରୁଜୁ କରାଯାଇଥିଲା। ନୀତେଶ ବିହାର ରାଜ୍ୟ ପାଟନା ଜିଲ୍ଲାର ସ୍ଥାୟୀ ବାସିନ୍ଦା ଥିବା ଜଣାପଡ଼ିଛି। ତେବେ ସେ କାହିଁକି ଶିଶୁକନ୍ୟାକୁ ହତ୍ୟା କରିଥିଲା ସେସମ୍ପର୍କରେ ପୁଲିସ୍ କୌଣସି ସୂଚନା ଦେଇନାହିଁ। ମୃତ ଝିଅଟିର ପରିବାର କୋପ୍ପାଳ ଜିଲ୍ଲା ବାସିନ୍ଦା। ମୃତ ଝିଅର ମାଆ ଜଣେ ଘରୋଇ ସହାୟିକା ଭାବେ ଏବଂ ଏକ ବିୟୁଟି ପାର୍ଲରରେ କାମ କରନ୍ତି, ସେହିପରି ବାପା ଜଣେ ରଙ୍ଗମିସ୍ତ୍ରୀ ଭାବରେ କାମ କରନ୍ତି।

### ପଶ୍ଚିମବଙ୍ଗ ହିଂସା ଘଟଣା: ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ ଦାବି

# ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା

**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ୱାକଫ୍ ସଂଶୋଧନ ଆଇନ୍‌କୁ କେନ୍ଦ୍ର କରି ପଶ୍ଚିମବଙ୍ଗର ମୁର୍ଶିଦାବାଦ୍ ଏବଂ ଅନ୍ୟ ଜିଲ୍ଲାଗୁଡ଼ିକରେ ଘଟିଥିବା ହିଂସାକାଣ୍ଡ ଘଟଣା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ରିପୋର୍ଟ ଅନୁସାରେ ଏହି ହିଂସାକାଣ୍ଡ ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ (ଏସ୍‌ଆଇଟି)

**ସୋମବାର ୨୪ ପ୍ରଗଣାରେ ବ୍ୟାପକ ହିଂସାକାଣ୍ଡ**

ଗଠନ ଦାବି ପୂର୍ବକ ଏକାଧିକ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟଙ୍କ ନିକଟରେ ଦାୟର କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଡଭୋକେଟ୍ ଶଶାଙ୍କ ଶେଖର ଝା' କହିଛନ୍ତି, ହିଂସା ଏବଂ ମୃତ୍ୟୁଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରିବାକୁ ଏବଂ ସୁପ୍ରିମକୋର୍ଟ ତଦନ୍ତ ଉପରେ ନଜର ରଖିବାକୁ ଦାବି କରାଯାଇଛି। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ଠାରୁ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ବିଷୟରେ ସ୍ପଷ୍ଟୀକରଣ ଲୋଡ଼ିବା ଉଚିତ୍ ଏବଂ ଜୀବନ ରକ୍ଷା ଏବଂ ଏପ୍ରକାର ହିଂସାକୁ ରୋକିବା ପାଇଁ ପଦକ୍ଷେପ ନେବା ଉଚିତ୍।

ନୂଆ ୱାକଫ୍ ଆଇନ୍‌କୁ ବିରୋଧ କରି ଗତ ସପ୍ତାହରେ ମୁର୍ଶିଦାବାଦ





ସହ ଦକ୍ଷିଣ ୨୪ ପ୍ରଗଣା, ମାଲଦା ଏବଂ ହୁଗଲି ସମେତ ବଙ୍ଗଳାର ଅନେକ ଜିଲ୍ଲାରେ ବ୍ୟାପକ ହିଂସାକାଣ୍ଡ ସଂଘଠିତ ହୋଇଯାଇଛି। ବିଶେଷକରି ମୁର୍ଶିଦାବାଦ୍ ଜିଲ୍ଲାରେ ଗୋଟିଏ ପରିବାରର ବାପ ପୁଅ ଏବଂ ଅନ୍ୟଜଣଙ୍କୁ ମିଶାଇ ୩ ଜଣ ମୃତ୍ୟୁବରଣ କରିଥିଲେ ଏବଂ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। ପୁଲିସ୍ ପ୍ରଶାସନ ଯଦିଓ ଏହି ଘଟଣାରେ ୨୦୦ ରୁ ଅଧିକ ଲୋକଙ୍କୁ ଗିରଫ କରିସାରିଛି କିନ୍ତୁ ପରିବେଶ ଏବେ ବି ଅଶାନ୍ତ ରହିଛି।

ସଂସଦର ଉଭୟ ଗୃହରେ ୱାକଫ୍ ସଂଶୋଧନ ଆଇନ ଗୃହୀତ ହେବା ପରେ, ଏହାକୁ ରାଷ୍ଟ୍ରପତି ମଧ୍ୟ ସ୍ୱୀକୃତି ପ୍ରଦାନ କରିସାରିଛନ୍ତି। ଫଳରେ ଏବେ ଏହା ଏକ ଆଇନରେ ପରିଣତ ହେବା ସହ ଦେଶବ୍ୟାପୀ କାର୍ଯ୍ୟକାରୀ ମଧ୍ୟ ହୋଇସାରିଛି। ତେବେ ଦେଶର ଅଧିକାଂଶ ମୁସଲିମ ସଂଗଠନ ଏହି ଆଇନକୁ ବିରୋଧ କରୁଛନ୍ତି। ସମାନ କ୍ରମରେ, ମୁର୍ଶିଦାବାଦ ସମେତ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ୱାକଫ୍ ଆଇନକୁ ବିରୋଧ କରୁଥିବା ପ୍ରଦର୍ଶନକାରୀମାନେ ବ୍ୟାପକ ହିଂସାତ୍ମକ ଆଚରଣ ଭିଆଇବାରେ ଲାଗିଛନ୍ତି।

ଏସବୁ ମଧ୍ୟରେ ସୋମବାର ୨୪ ପ୍ରଗଣା ଜିଲ୍ଲାରେ ପୁଣିଥରେ ହିଂସାକାଣ୍ଡ ଭଡକିଥିବା ସୂଚନା ମିଳିଛି। ଜିଲ୍ଲାର ଭାଙ୍ଗର ଅଞ୍ଚଳରେ, ପ୍ରଦର୍ଶନକାରୀମାନେ ପୁଲିସ ଗାଡ଼ିଗୁଡ଼ିକୁ ନିଆଁ ଲଗାଇ ଦେବା ସହ ବ୍ୟାପକ ଭଙ୍ଗାରୁଜା ମଧ୍ୟ କରିଛନ୍ତି। ଘଟଣା ପରେ ୨୪ ପ୍ରଗଣାରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ସୂଚନା ଅନୁସାରେ ଆଇଏସ୍‌ଏଫ ବିଧାୟକ ନୌସାଦ ସିଦ୍ଦିକି ୱାକଫ ଆଇନ ବିରୋଧରେ ପ୍ରତିବାଦ କରୁଥିଲେ, ଯେଉଁଥିରେ ପୁଲିସ ପ୍ରତିବାଦକାରୀଙ୍କୁ ଯୋଗଦେବାରୁ ବାରଣ କରିଥିଲା। ଏହା ପରେ ପ୍ରଦର୍ଶନକାରୀମାନେ ଉତ୍ତ୍ୟକ୍ତ ହୋଇ ବରମପୁରରେ ରାସ୍ତା ଅବରୋଧ କରିଥିଲେ। ଏହା ପରେ ପୋଲିସ ମଧ୍ୟ ଲାଠିଚାର୍ଜ କରିଥିଲା।

## ହରିଆଣାକୁ ୧୦ହଜାର କୋଟିର ପ୍ରକଳ୍ପ ଭେଟିଦେଲେ ମୋଦୀ

**ଚଣ୍ଡିଗଡ଼,୧୪।୪/ଏଜେନ୍ସି:** ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୪ତମ ଜନ୍ମବାର୍ଷିକୀ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ହରିଆଣାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରାୟ ୧୦ହଜାର କୋଟି ଟଙ୍କା ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପଗୁଡ଼ିକୁ ଉତ୍ସର୍ଗ କରିଛନ୍ତି। ସେ ଯମୁନାନଗରର ଦୀନବନ୍ଧୁ ଛୋଟୁରାମ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ୮୦୦ ମେଗାୱାଟ୍ ତୃତୀୟ ୟୁନିଟ୍‌ର ଶିଳାନ୍ୟାସ କରିଛନ୍ତି। ଏହା ପ୍ରାୟ ୮,୪୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ। ଏହି ପ୍ରକଳ୍ପଟି ୫୨ ମାସ ମଧ୍ୟରେ ସମାପ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି, ଏବଂ ମାର୍ଚ୍ଚ ୨୦୨୯ ସୁଦ୍ଧା ୪୮ ମାସ ମଧ୍ୟରେ ବାଣିଜ୍ୟିକ କାର୍ଯ୍ୟ ଆରମ୍ଭ ହେବାର ଆଶା କରାଯାଉଛି। ଏହି ନୂତନ ୟୁନିଟ୍ ସହିତ, ହରିଆଣାର ଆଭ୍ୟନ୍ତରୀଣ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ୩,୩୮୨ ମେଗାୱାଟକୁ ବୃଦ୍ଧି ପାଇବ। ଏହି ପ୍ରକଳ୍ପଟି ବିଦ୍ୟମାନ ବିଦ୍ୟୁତ ପ୍ଲାଣ୍ଟର ଏକ ସମ୍ପ୍ରସାରଣ ପ୍ରକ୍ରିୟା, ଯାହାକି ବର୍ତ୍ତମାନ ୨୩୦୦ ମେଗାୱାଟ୍ ୟୁନିଟ୍ ଯୋଗାଣ କରୁଛି। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଯମୁନାନଗରରେ ୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଗୋବରଧନ ପ୍ଲାଣ୍ଟର ମଧ୍ୟ ଶିଳାନ୍ୟାସ କରିବା ସହ ୧୦୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ରେୱାଡ଼ି ବାଇପାସ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରକଳ୍ପ ଭାରତମାଳା ପରିଯୋଜନା ଅଧୀନରେ ହାଇବ୍ରିଡ୍ ବାର୍ଷିକୀ ମୋଡ୍‌ରେ କାର୍ଯ୍ୟକାରୀ ହୋଇଛି। ଟ୍ରାଫିକ୍ ଭିଡ଼ ହ୍ରାସ କରିବା ପାଇଁ ରେୱାଡ଼ି ସହର ଚାରିପାଖରେ ଏହି ଚାରି ଲେନ୍ ବିଶିଷ୍ଟ ବାଇପାସ୍



**ୱାକଫ୍ ଆଇନକୁ ବିରୋଧ ପାଇଁ କଂଗ୍ରେସ ଭୋଟବ୍ୟାଙ୍କ୍ ରାଜନୀତି କରୁଛି: ମୋଦୀ**

ନିର୍ମାଣ କରାଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ମନୋହର ଲାଲ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ କ୍ରିଷନ ପାଲ୍, ହରିଆଣା କ୍ୟାବିନେଟ ମନ୍ତ୍ରୀ ଅନିଲ ଭିଜ୍, କ୍ରିଷନ ଲାଲ୍ ପନୱାର ଏବଂ ଶ୍ୟାମ ସିଂହ ରାଣା ମଧ୍ୟ ଉପସ୍ଥିତ ଥିଲେ। ସେହିପରି ପ୍ରଧାନମନ୍ତ୍ରୀ ମହାରାଜା ଅଗ୍ରସେନ ବିମାନବନ୍ଦରର ନୂତନ ଟର୍ମିନାଲର ମଧ୍ୟ ଶିଳାନ୍ୟାସ କରିଛନ୍ତି। ହିସାରରୁ ଅଯୋଧ୍ୟାକୁ ବିମାନ ଉଡାଣ ପରିପ୍ରେକ୍ଷୀରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ୪୧୦ କୋଟି ବ୍ୟୟବରାଦ କରାଯାଇଛି। ଏହି ଅବସରରେ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂହ ସୈନୀ ଏବଂ ରାଜ୍ୟର ଅନ୍ୟ ମନ୍ତ୍ରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଏକ ଅତ୍ୟାଧୁନିକ ଯାତ୍ରୀ ଟର୍ମିନାଲ, ଏକ କାର୍ଗୋ ଟର୍ମିନାଲ ଏବଂ ଏକ ଏଟିସି ବିଲଡିଂ ଅନ୍ତର୍ଭୁକ୍ତ ହେବ। ଏହି ପ୍ରକଳ୍ପ ଦୁଇ ବର୍ଷ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।

ହରିଆଣାକୁ ୧୦ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଏସବୁ ବିକାଶମୂଳକ ପରିଯୋଜନାଗୁଡ଼ିକୁ ଭେଟିଦେବା ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ମଧ୍ୟ ମୋଦୀ ସମ୍ବୋଧିତ କରିଛନ୍ତି। ମୋଦୀ କହିଛନ୍ତି, ୨୦୧୪ ପୂର୍ବରୁ ଦେଶରେ ଯେଉଁଠି ମାତ୍ର ୭୪ଟି ବିମାନ ବନ୍ଦର ଥିଲା, ୨୦୨୫ ସୁଦ୍ଧା ଦେଶରେ ବିମାନବନ୍ଦର ସଂଖ୍ୟରା ୧୫୦କୁ ବୃଦ୍ଧି ପାଇଛି। ବିକାଶର ଏହା ଏକ ଜ୍ୱଳନ୍ତ ଉଦାହରଣ। ଏହି ପରିପ୍ରେକ୍ଷୀରେ ସେ ବିରୋଧୀ କଂଗ୍ରେସକୁ ତୀବ୍ର ସମାଲୋଚନା ମଧ୍ୟ କରିଛନ୍ତି। ସେହିପରି ୱାକଫ୍ ସଂଶୋଧିତ ଆଇନ୍‌କୁ ନେଇ ଦେଶରେ ଦେଖାଦେଇଥିବା ବିବାଦ, ଉତ୍କଣ୍ଠା ତଥା ହିଂସାକାଣ୍ଡ ସମ୍ପର୍କରେ ମୋଦୀ କହିଛନ୍ତି ଯେ, କଂଗ୍ରେସ ନୂତନ ଭାବରେ ଗୃହୀତ ୱାକଫ ସଂଶୋଧନ ଆଇନକୁ ବିରୋଧ କରିବା ପାଇଁ "ଭୋଟବ୍ୟାଙ୍କ୍" ରାଜନୀତି କରୁଛି। କଂଗ୍ରେସ ଡ. ବିଆର ଆମ୍ବେଦକରଙ୍କ ସାମାଜିକ ନ୍ୟାୟ ସମ୍ବିଧାନର ଦୃଷ୍ଟିକୋଣକୁ ନିଜ ସ୍ୱାର୍ଥ ପାଇଁ ଅସ୍ତ୍ର କରି ଏହାକୁ "ତୁଷ୍ଟିକରଣ" ପାଇଁ ଏକ ଉପକରଣରେ ପରିଣତ କରି ବିଶ୍ୱାସଘାତ କରିଛି। କଂଗ୍ରେସ କେବେ ବି ମୁସଲମାନ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ସମେତ କାହାକୁ ଲାଭ ଦେବା ପାଇଁ ସମ୍ବିଧାନକୁ ବ୍ୟବହାର କରିନାହିଁ।



## ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ମହାବିଷୁବ ପଣାସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଜ୍ୟବାସୀଙ୍କୁ ଓଡ଼ିଆ ନବବର୍ଷର ଶୁଭେଚ୍ଛା ଜଣାଇବା ପୂର୍ବକ କହିଛନ୍ତି ଯେ, ପବିତ୍ର ପଣାସଂକ୍ରାନ୍ତି ଆମ ସମାଜକୁ ପ୍ରେମ ଓ ଶାନ୍ତିର ବାର୍ତ୍ତା ଦେଇଥାଏ। ଦେଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଥାଏ। ଏଥିସହିତ ରାଷ୍ଟ୍ରପତି ସମସ୍ତଙ୍କ ସୁଖସମୃଦ୍ଧି କାମନା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ନିଜ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଆଗାମୀ ବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ସ୍ୱପ୍ନ ସାକାରର ବର୍ଷ ହେଉ। ଆପଣଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି।



ସଂସଦରେ ଆୟୋଜିତ ଭୀମ ରାଓ ଆମ୍ବେଦକରଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖର୍ଗେଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ମୋଦୀ 'ଏକ୍ସ' ରେ ଉଲ୍ଲେଖ କରି କହିଛନ୍ତି ଯେ, ଭୀମରାଓ ଆମ୍ବେଦକରଙ୍କ ପ୍ରେରଣା ଯୋଗୁଁ ଦେଶ ଆଜି ସାମାଜିକ ନ୍ୟାୟର ସ୍ୱପ୍ନକୁ ସାକାର କରିବା ପାଇଁ ଉତ୍ସର୍ଗୀକୃତ ହୋଇଛି। ତାଙ୍କର ନୀତି ଏବଂ ଚିନ୍ତାଧାରା ଆତ୍ମନିର୍ଭର ଭାରତର ବିକାଶକୁ ସୁଦୃଢ଼ ଓ ତ୍ୱରାନ୍ୱିତ କରିବ। ଅନୁସୂଚିତ ଜାତିର ସଶକ୍ତିକରଣ ତଥା ସମ୍ବିଧାନ ପ୍ରସ୍ତୁତ କରିବାରେ ଆମ୍ବେଦକରଙ୍କ ଆଜୀବନ ସଂଗ୍ରାମ ଅବିସ୍ମରଣୀୟ। ୧୮୯୧ ମସିହାରେ ଏକ ଦଳିତ ପରିବାରରେ ଜନ୍ମଗ୍ରହଣ କରିଥିବା ଆମ୍ବେଦକର ବିଦେଶରେ ଅଧ୍ୟୟନ କରିବାକୁ ଯାଇଥିଲେ। ସେ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ ଏବଂ ୧୯୫୬ ମସିହାରେ ତାଙ୍କର ପରଲୋକ ହୋଇଥିଲା।

### ଘନୀଭୂତ ହେଉଛି ଭାଷା ବିବାଦ

## ଏନ୍‌ସିଇଆର୍‌ଟି ଇଂରାଜୀ ପାଠ୍ୟପୁସ୍ତକର ହିନ୍ଦୀ ନାମ

**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ଭାରତରେ ଚାଲିଥିବା ଭାଷା ବିବାଦ ମଧ୍ୟରେ ନ୍ୟାସନାଲ୍ କାଉନ୍‌ସିଲ୍ ଅଫ୍ ଏଜୁକେସନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଆଉ ଏକ ବିତର୍କ ସୃଷ୍ଟି କରିଛି। ଏନ୍‌ସିଇଆର୍‌ଟି ଏହାର ଅନେକ ନୂତନ ଇଂରାଜୀ-ମଧ୍ୟମ ପାଠ୍ୟପୁସ୍ତକକୁ ରୋମାନ ଲିପିରେ ହିନ୍ଦୀ ନାମ ଦେଇ ପ୍ରକାଶିତ କରିଥିବା ଦେଖିବାକୁ ମିଳିଛି। ଉଦାହରଣ ସ୍ୱରୂପ, ଷଷ୍ଠ ଶ୍ରେଣୀ ଇଂରାଜୀ ପାଠ୍ୟପୁସ୍ତକର ଶୀର୍ଷକ ପୂର୍ବରୁ ହନିସକଲ୍ ଥିଲା। ଏବେ, କିନ୍ତୁ ଏହି ପୁସ୍ତକର ନାମ 'ପୂର୍ବୀ' ରଖାଯାଇଛି। ପୂର୍ବୀ' ଏକ ହିନ୍ଦୀ ଶବ୍ଦ ଯାହାର ଅର୍ଥ 'ପୂର୍ବ' ଏବଂ ଏହା ଶାସ୍ତ୍ରୀୟ ସଙ୍ଗୀତର ଏକ ରାଗର ନାମ ମଧ୍ୟ ଅଟେ। ପୂର୍ବରୁ, ଏନ୍‌ସିଇଆର୍‌ଟି ସବୁବେଳେ ବିଭିନ୍ନ ଭାଷା ପାଇଁ ଭିନ୍ନ ଭିନ୍ନ ଶୀର୍ଷକ ଦେଉଥିଲା। ଉଦାହରଣ ସ୍ୱରୂପ, ଷଷ୍ଠ ଶ୍ରେଣୀ ଗଣିତ ପାଠ୍ୟପୁସ୍ତକକୁ ଇଂରାଜୀରେ 'ମାଥେମେଟିକ୍ସ', ହିନ୍ଦୀରେ 'ଗଣିତ' ଏବଂ ଉର୍ଦ୍ଦୁରେ 'ରିଆଜି' ନାମରେ ପ୍ରକାଶିତ କରୁଥିଲା। କିନ୍ତୁ ଏବେ ଇଂରାଜୀ ଏବଂ ହିନ୍ଦୀ




ଉଭୟ ସଂସ୍କରଣର ନାମ 'ଗଣିତ ପ୍ରକାଶ' ରଖାଯାଇଛି। ସେହିପରି, ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପାଠ୍ୟପୁସ୍ତକକୁ ଏବେ ମୃଦଙ୍ଗ ଏବଂ ତୃତୀୟ ଶ୍ରେଣୀ ପାଠ୍ୟପୁସ୍ତକକୁ ସନ୍ତୁର ନାମରେ ନାମିତ କରାଯାଇଛି। ଦୁଇଟି ହିଁ ଭାରତୀୟ ବାଦ୍ୟଯନ୍ତ୍ରର ନାମ। ତେବେ ଏହାକୁ ନେଇ ଏକ ବଡ ବିତର୍କ ଆରମ୍ଭ ହୋଇଯାଇଛି। ବିଶେଷଜ୍ଞ ଏବଂ ଶିକ୍ଷକମାନେ ଏହି ପଦକ୍ଷେପକୁ ପ୍ରଶ୍ନ ଉଠାଇଛନ୍ତି, ଏହାକୁ ବିଭ୍ରାନ୍ତିକର ଏବଂ ଦୀର୍ଘକାଳୀନ ଶିକ୍ଷାଗତ ମାନଦଣ୍ଡରୁ ବିଚ୍ୟୁତି ବୋଲି କହିଛନ୍ତି। ଏମାନଙ୍କ କହିବାନୁସାରେ ଇଂରାଜୀ ପଢ଼ିବା ପାଇଁ ଉଦ୍ଦିଷ୍ଟ ପୁସ୍ତକର ଏପ୍ରକାର ନାମକରଣ ଭାଷା ସହିତ ପୁସ୍ତକର ଶୀର୍ଷକ ମେଳ ଖାଉଥିବାର ଏକ ଦୀର୍ଘକାଳୀନ ପରମ୍ପରାକୁ ଭଙ୍ଗ କରିଛି। ସବୁଠୁ ବଡ଼କଥା ହେଉଛି, ଏହି ପରିବର୍ତ୍ତନଗୁଡ଼ିକ ଏପରି ଏକ ସମୟରେ ଆସିଛି ଯେତେବେଳେ ତାମିଲନାଡୁ ଭଳି ରାଜ୍ୟ ନିଜ ସ୍କୁଲଗୁଡ଼ିକରେ କେନ୍ଦ୍ରର ତ୍ରିଭାଷା ନୀତିକୁ ଦୃଢ଼ ବିରୋଧ କରୁଛନ୍ତି, ଏହାକୁ ଅଣ-ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ହିନ୍ଦୀକୁ ପ୍ରୋତ୍ସାହିତ କରିବାର ଏକ ଉପାୟ ବୋଲି କହୁଛନ୍ତି। ଜାତୀୟ ଶିକ୍ଷା ଗବେଷଣା ଏବଂ ତାଲିମ ପରିଷଦ (ଏନ୍‌ସିଇଆର୍‌ଟି) ହେଉଛି ଏକ ସ୍ୱାୟତ୍ତ ସଂଗଠନ ଯାହା ଭାରତ ସରକାରଙ୍କ ଦ୍ୱାରା ୧୯୬୧ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ସ୍କୁଲ ଶିକ୍ଷାରେ ଗୁଣାତ୍ମକ ଉନ୍ନତି ପାଇଁ ନୀତି ଏବଂ କାର୍ଯ୍ୟକ୍ରମ ଉପରେ ସହାୟତା ଏବଂ ପରାମର୍ଶ ଦେବା ପାଇଁ କାର୍ଯ୍ୟ କରିଥାଏ।

### ମେଟା ବିରୋଧରେ ଅବିଶ୍ୱାସ ମାମଲା: ଶୁଣାଣି ଆରମ୍ଭ

## ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସଆପ୍ ବିକ୍ରି କରିବେ ଜୁକରବର୍ଗ !



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ସୋସିଆଲ ମିଡିଆ କମ୍ପାନୀ ମେଟା' ବିରୋଧରେ ଆଗତ ଏକ ଅବିଶ୍ୱାସ ମାମଲାରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ୱାଶିଂଟନ୍‌ରେ ମେଟା ବିରୋଧରେ ଶୁଣାଣି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମେଟା' କମ୍ପାନୀ ମୁଖ୍ୟ ତଥା ସିଇଓ ମାର୍କ ଜୁକରବର୍ଗ ଏବେ ଇନ୍‌ଷ୍ଟାଗ୍ରାମ୍ ଏବଂ ହ୍ୱାଟ୍‌ସଆପ୍ ଭଳି ଲୋକପ୍ରିୟ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ବିକ୍ରି କରିବା ଉପରେ ବିଚାର କରୁଥିବା ଭଳି ସୂଚନା ମିଳିଛି।

ଆମେରିକୀୟ ପ୍ରତିଯୋଗିତା ଏବଂ ଉପଭୋକ୍ତା ୱାଚଡଗ୍ (ତଦାରଖ କରୁଥିବା ସଂସ୍ଥା) ଏଫ୍‌ଟିସି ପକ୍ଷରୁ ମେଟା' ବିରୋଧରେ ଏହି ମାମଲା ଦାୟର କରାଯାଇଥିଲା। ଅଭିଯୋଗରେ ଦର୍ଶାଯାଇଥିଲା ଯେ, ପୂର୍ବରୁ ଫେସ୍‌ବୁକର ମାଲିକାନା ଥିବା ମେଟା ପ୍ରତିଯୋଗିତାକୁ ଦୂର କରିବା ପାଇଁ ୨୦୧୨ରେ ଇନଷ୍ଟାଗ୍ରାମ ଏବଂ ୨୦୧୪ ରେ ହ୍ୱାଟସଆପ୍‌କୁ କିଣିଥିଲା। ଏହି ୨ଟି ପ୍ଲାଟଫର୍ମର ଅଧିଗ୍ରହଣକୁ ସେତେବେଳେ ଆମେରିକା ଫେଡେରାଲ୍ ଟ୍ରେଡ୍ କମିଶନ (ଏଫ୍‌ଟିସି) ଦ୍ୱାରା ସମୀକ୍ଷା ଏବଂ ଅନୁମୋଦନ କରାଯାଇଥିଲା। ତଥାପି, ଏହି ସଂସ୍ଥାକୁ ଅଧିଗ୍ରହଣର ଫଳାଫଳ ଉପରେ ନଜର ରଖିବାର ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ନେଇ ଏଫ୍‌ଟିସି ଆପତ୍ତି ଉଠାଇଥିଲା। ମେଟାର ଜଣେ ମୁଖପାତ୍ର ବ୍ରିଟିଶ ନ୍ୟୁଜ୍ ଆଉଟଲେଟ୍‌କୁ ସାକ୍ଷାତକାର ଦେବା ଅବସରରେ ଏସମ୍ପର୍କରେ ମଧ୍ୟ କିଛି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ, ଜୁକର୍‌ବର୍ଗ ଏବଂ ଟ୍ରମ୍ପଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। କାରଣ ଜାନୁଆରୀ ୨୦୨୧ରେ ଯେତେବେଳେ ଆମେରିକାର କ୍ୟାପିଟଲ୍ ଦଙ୍ଗା ଘଟଣା ଘଟିଥିଲା ସେତେବେଳେ ଟ୍ରମ୍ପଙ୍କୁ ମେଟାର ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ନିଷେଧ କରାଯାଇଥିଲା।

## ଏମ୍‌ସିଏଲ୍ ପକ୍ଷରୁ ଆମ୍ବେଦକର ଜୟନ୍ତୀ

**ସମ୍ବଲପୁର, ୧୪।୪/ଏଜେନ୍ସି:** ଭାରତ ରତ୍ନ ଡକ୍ଟର ବିଆର ଆମ୍ବେଦକରଙ୍କ ୧୩୪ତମ ଜନ୍ମବାର୍ଷିକୀ (୧୪ ଏପ୍ରିଲ)କୁ ଅତ୍ୟନ୍ତ ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରିଛି ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍)। ସୋମବାର (୧୪ ଏପ୍ରିଲ ୨୦୨୫) ଅବସରରେ ଏମ୍‌ସିଏଲ୍ ନିଜ ସମ୍ବଲପୁର ସ୍ଥିତ କମ୍ପାନୀ ମୁଖ୍ୟ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରିଥିଲା। ଏଥିରେ ଏମ୍‌ସିଏଲ୍ ନିର୍ଦ୍ଦେଶକ (ଏଚ୍‌ଆର୍) କେଶବ ରାଓ ଭାରତୀୟ ସମ୍ବିଧାନର ଏହି ମୁଖ୍ୟ ନିର୍ମାତା (ବିଆର ଆମ୍ବେଦକର)ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସେ ଡକ୍ଟର ଆମ୍ବେଦକରଙ୍କ ଦେଶ ପ୍ରତି ଅତୁଳନୀୟ ଅବଦାନ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଦେଶ ଉଦ୍ଦେଶ୍ୟରେ ବାବାସାହେବ ଆମ୍ବେଦକରଙ୍କ ଅବଦାନକୁ ସମ୍ମାନିତ କରିବା ପାଇଁ ଏହି କାର୍ଯ୍ୟକ୍ରମରେ



ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଅନ୍ୟ ସଦସ୍ୟମାନେ ଏକତ୍ରିତ ହୋଇଥିଲେ।

ଏହି ଅବସରରେ ଡକ୍ଟର ଆମ୍ବେଦକରଙ୍କ ସ୍ଥାୟୀ ଐତିହ୍ୟ, ସାମାଜିକ ନ୍ୟାୟ ପାଇଁ ତାଙ୍କର ନିରନ୍ତର ସଂଘର୍ଷ ଏବଂ ଆଧୁନିକ ଭାରତ ଗଠନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରାଯାଇଥିଲା। ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ଆଲୋଚନା ହୋଇଥିଲା, ଯେଉଁଥିରେ ବାବା ସାହେବଙ୍କ ଜୀବନ, ନୀତି ଏବଂ ଶିକ୍ଷା ଉପରେ ଧ୍ୟାନ ଦିଆଯାଇଥିଲା ଯାହାକି ପିଢ଼ି ପରେ ପିଢ଼ିକୁ ପ୍ରେରଣା ଦେଇ ଆସୁଛି। ସେହିପରି, ଓଡ଼ିଶାର ଅନୁଗୁଳ, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅବସ୍ଥିତ ଏମ୍‌ସିଏଲ୍‌ର ସମସ୍ତ ୟୁନିଟ୍ ଏବଂ ଆଞ୍ଚଳିକ କାର୍ଯ୍ୟାଳୟରେ ଡକ୍ଟର ଆମ୍ବେଦକରଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

## ୱାକଫ୍‌କୁ ନେଇ ସାଂସଦଙ୍କ କଳି ତୀବ୍ର

# ‘ଜୁନିଅର ହୋଇ ଦଳୀୟ ଶୃଙ୍ଖଳା ଭଙ୍ଗ କରୁଛନ୍ତି’

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ୱାକଫ୍ ବିଲ୍ ସମର୍ଥନରେ ବିବେକ ଅନୁସାରେ ଭୋଟ୍ ଦେବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିବାର ଏକ ଭିଡିଓ ଓ ଲେଖା ଦଳୀୟ ସାଂସଦ ସୁଲତା ଦେଓ ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ପରେ ଏହାକୁ ନେଇ ବିବାଦ ଥମୁନାହିଁ। ଆଜି ଏନେଇ ବିଜେଡିର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଷୋଦଗାର କରିଛନ୍ତି। ସୁଲତା ଦେଓଙ୍କ ନାଁ ନନେଇ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ ଦଳକୁ ସେ କେବେ ଆସିଛନ୍ତି ଏକଥା ସମସ୍ତେ ଜାଣନ୍ତି। ସେ ଜାଣନ୍ତି ମୁଁ କେବେଠାରୁ ଦଳରେ ଅଛି ଓ ସେ କେବେ ଆସିଲେ, ଫରକ୍ ଅଛି। ମୁଖିଆ କହିଲା ପରେ ଆମର ଆଉ କାହାର କିଛି କହିବାର ଅଧିକାର ନାହିଁ। ଜୁନିଅର୍ ହୋଇ ଦଳୀୟ ଶୃଙ୍ଖଳା ଭଙ୍ଗ କରିଛନ୍ତି। ଏନେଇ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି।



ସୂଚନାଯୋଗ୍ୟ, ବିବେକ ଅନୁସାରେ ଭୋଟ ଦେବାକୁ ନବୀନ କହିଥିବାର ଏକ ଭିଡିଓ ଓ ଲେଖା, ଦଳୀୟ ସାଂସଦ ସୁଲତା ଦେଓ ଗତକାଲି ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସୁଲତା ଦେଓ ଲେଖିଥିଲେ ଯେ ବିବେକାନୁମୋଦିତ ଭୋଟ୍ ଦେବା ପାଇଁ ଗତ ୭ ତାରିଖରେ ନବୀନ ପଟ୍ଟନାୟକ ସିଧା ଶବ୍ଦରେ କହିଥିଲେ। ମୁନା ଖାଁ ଓ ତାଙ୍କ ସହ ଆସିଥିବା ଦେବାଶିଷ ସାମନ୍ତରାୟଙ୍କ ସମର୍ଥକଙ୍କୁ ମଧ ନବୀନ ଏକଥା ସିଧା କହିଥିଲେ। ସୁଲତାଙ୍କ ଏପରି ପୋଷ୍ଟ ପରେ ଆଜି ପ୍ରତିକ୍ରିୟା ରଖି ଦେବାଶିଷ ସାମନ୍ତରାୟ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

# ହାଇଜାକ୍ ମୋଡ଼ରେ ବିଜେଡି, ଗନ୍ଧ ବାରିଲେ ରଣେନ୍ଦ୍ର

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ବିଜେଡିର ପିଛା ଛାଡୁନି ବିବାଦ। ସାଙ୍ଗଠନିକ ନିର୍ବାଚନ ଭିତରେ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। କିଛି ଲୋକଙ୍କୁ ଦଳର ସଙ୍ଗଠନକୁ ହାଇଜ୍ୟାକ୍ କରିବାକୁ ଦିଆନଯାଉ ବୋଲି ଶ୍ରୀ ସ୍ୱାଇଁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସବୁ ବର୍ଗ ଓ ସମ୍ପ୍ରଦାୟଙ୍କୁ ଗୁରୁତ୍ୱ ଦେଇ ସଂଗଠନରେ ସାମିଲ କରାଯାଉ। ଭାଗ ବାଣ୍ଟି ସଂଗଠନରେ ସାମିଲ କରାଯାଉ ବୋଲି ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି। ଏହାଛଡ଼ା ଶ୍ରୀ ସ୍ୱାଇଁ ଦଳରେ ସଂରକ୍ଷଣ କରିବାକୁ ନବୀନଙ୍କୁ ପ୍ରସ୍ତାବ ଦେଛନ୍ତି। ସେ ଲେଖିଛନ୍ତି ଯେ ବିଜେଡି ସାମାଜିକ ନ୍ୟାୟ, ଧର୍ମନିରପେକ୍ଷତା ଓ ଆଞ୍ଚଳିକ ସନ୍ତୁଳନକୁ ନେଇ ଆଗକୁ ବଢ଼ିବା ଉଚିତ। ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ ଓ ମହିଳାଙ୍କୁ ସେମାନଙ୍କ ସଂଖ୍ୟା ଅନୁପାତରେ ବିଜେଡିର ରାଜ୍ୟ, ଜିଲ୍ଲା ଓ ବ୍ଲକ୍ କମିଟିରେ ସ୍ଥାନ ମିଳୁ। ରାଜ୍ୟ ଜନସଂଖ୍ୟାର ୯୪ ପ୍ରତିଶତ ଏସିସି, ଏସଟି ଓ ଓବିସି ବର୍ଗ ଅଛନ୍ତି। ଏମାନେ ଅବହେଳିତ ଅବସ୍ଥାରେ ଅଛନ୍ତି। ଜନସଂଖ୍ୟାର ୫୪ ପ୍ରତିଶତ ଓବିସି ବର୍ଗ ଶିକ୍ଷା ବ୍ୟବସ୍ଥାରେ ଶୂନ୍ୟ ସଂରକ୍ଷଣ ପାଉଛନ୍ତି। ଏହା ଆମ ସାମାଜିକ ନ୍ୟାୟ ବ୍ୟବସ୍ଥାକୁ କ୍ଷୁର୍ଣ୍ଣ କରୁଛି। ବିଜୁ ପଟ୍ଟନାୟକ ସାମାଜିକ ନ୍ୟାୟର ପୁରୋଧା ଥିଲେ। ଆମେ ଯେମିତି ଏହାକୁ



ଭୁଲି ନଯାନ୍ତି। ଦେଶର ଶିଳ୍ପ ପାଇଁ ୫୦ ପ୍ରତିଶତରୁ ଅଧିକ ଖଣିଜ ଓଡ଼ିଶାରୁ ସଂଗ୍ରହ ହେଉଛି। ଓଡିଶାର ଲୋକେ ପ୍ରଦୂଷଣ, ବିସ୍ଥାପନ ଭୋଗୁଛନ୍ତି। ସେହିପରି କେନ୍ଦ୍ର ଅବହେଳା ରାଜ୍ୟର ସହଚର ହୋଇଛି। ଏସବୁ ଦିଗରେ ପଦକ୍ଷେପ ନେଇ ଯୋଜନା ପ୍ରସ୍ତୁତ କରିବାକୁ ରଣେନ୍ଦ୍ର ନବୀନଙ୍କୁ ପ୍ରସ୍ତାବ ଦେଇଛନ୍ତି।

ୱାକଫ୍ ବିଲ୍ ନେଇ ମଧ ଶ୍ରୀ ସ୍ୱାଇଁ ସତର୍କ କରାଇଛନ୍ତି। ସେ ଲେଖିଛନ୍ତି ଯେ ୱାକଫ୍ ବିଲ୍ ବିବାଦ ଆମର ଧର୍ମ ନିରପେକ୍ଷତାରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। ତେଣୁ ଧର୍ମ ନିରପେକ୍ଷ ଓ ସାମାଜିକ ନ୍ୟାୟ ଆଦର୍ଶକୁ ଉଜ୍ଜୀବିତ ରଖିବାକୁ ଉଚିତ ପଦକ୍ଷେପ ନିଆଯାଉ। ତେବେ ରାଜା ସ୍ୱାଇଁଙ୍କ ଚିଠି ପରେ ବିଜେଡିରେ ହଲଚଲ୍ ବଢିଛି।

## ‘ନଈ ନଦେଖୁଣୁ ଲଙ୍ଗଳା କାହିଁକି ହେବା’

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ଆମେ ନଈ ନଦେଖୁଣୁ ଲଙ୍ଗଳା କାହିଁକି ହେବା। ନବୀନଙ୍କୁ ରାଜା ସ୍ୱାଇଁଙ୍କ ଚିଠି ପ୍ରସଙ୍ଗରେ ଏଭଳି କହିଛନ୍ତି ବରିଷ୍ଠ ବିଜେଡି ନେତା ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି ଯେ ହାଇଜାକ୍ କଥା ରାଜା ଜାଣିଥିବେ। ଆଗରୁ କିଏ ହାଇଜାକ୍ କରି ଦେଇଛି କି ବୋଲି ସେ ପ୍ରଶ୍ନ କରିଛନ୍ତି।



ସେ ଆହୁରି ମଧ କହିଛନ୍ତି ରାଜା ସ୍ୱାଇଁ ଜଣେ ବରିଷ୍ଠ ନେତା। ତାଙ୍କର ବହୁ ଅଭିଜ୍ଞତା ରହିଛି। ହାଇଜାକ୍ କଥା ଯଦି ସେ ଜାଣି ଥିବେ କି ସୂଚନା ପାଇଥିବେ ସେ ସେଇଟା କହି ପାରିବେ। ଆମେ ସଙ୍ଗଠନରେ ସମସ୍ତଙ୍କୁ ନେଇ ଚାଲୁଛୁ। ସଂଗଠନରେ ସମସ୍ତଙ୍କୁ ଗୁରୁତ୍ୱ ଦିଆ ହୋଇ ଆସିଛି। ଆଞ୍ଚଳିକ ଦଳ ଭାବେ ଆମେ ସବୁ ସମ୍ପ୍ରଦାୟର ପ୍ରତିନିଧିମାନେ ସଂଗଠନ ରହିଛୁ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆମେ କାମ କରୁଛୁ। ସବୁ ବର୍ଗର ସବୁ ବ୍ୟକ୍ତିଙ୍କୁ ନେଇ କାମ ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସେପଟେ ରାଜାଙ୍କ ଚିଠି ଉପରେ ପ୍ରତିକ୍ରିୟା ରଖି ପୂର୍ବତନ ବିଜେଡି ବିଧାୟକ ପଦ୍ମନାଭ ବେହେରା କହିଛନ୍ତି ଯେ ଯାହା ବି ହେବା କଥା ଦଳୀୟ ଫୋରମରେ ହେବା କଥା। ଯିଏ ଯାହା ବି ଆଲୋଚନା କରୁଛନ୍ତି ସଭାପତିଙ୍କ ସାଙ୍ଗରେ ଆଲୋଚନା କରି ସଂଗଠନକୁ ଆଗେଇ ନେବା ଉଚିତ୍ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

# ‘ପରିବର୍ତ୍ତନକୁ ଗ୍ରହଣ କର’



**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟମାନଙ୍କୁ ସମ୍ବୋଧିତ କରି ତାଙ୍କର ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଚର୍ଚ୍ଚା ସୃଷ୍ଟି କରିଛନ୍ତି। କହିଛନ୍ତି ଗୋଟିଏ ସଂଗଠନ ପ୍ରାୟତଃ ଜଣେ ବ୍ୟକ୍ତିଙ୍କ ନେତୃତ୍ୱରେ ବଢ଼େ। କିନ୍ତୁ ସେହି ବ୍ୟକ୍ତି ସଂଗଠନକୁ ସବୁଦିନ ପାଇଁ ଆଗକୁ ବଢ଼ାନ୍ତି ନାହିଁ। ଲୋକମାନେ ଅବସର ନିଅନ୍ତି, ପଦ ଛାଡ଼ି ଦିଅନ୍ତି, ନିଷ୍କ୍ରିୟ ହୋଇଯାଆନ୍ତି, ନେତୃତ୍ୱ ପରିବର୍ତ୍ତନ ହୁଏ, ନୂତନ ନେତୃତ୍ୱ ମୂଳ ଧରିଥାଏ ଏବଂ ସଂଗଠନ ପୁଣି ବଢ଼େ। ଏହା ଏକ ନିରନ୍ତର ପ୍ରକ୍ରିୟା। ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ଭଉଣୀମାନଙ୍କୁ ଏହି ଧାରା ସହିତ ଯୋଗ ଦେବାକୁ ପଡ଼ିବ। ଏଠାରେ ସେମାନଙ୍କର ବିକାଶ ନିହିତ ଅଛି ବୋଲି ଉପମୁଖ୍ୟମନ୍ତ୍ରୀ ସୋସିଆଲ ମିଡ଼ିଆ ଏକ୍ସରେ ପୋଷ୍ଟ କରିଛନ୍ତି। ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ ମିଶନ ଶକ୍ତିର ଏକ ବୃହତ୍ ପୁନର୍ଗଠନ ବିଷୟରେ ସୂଚନା ଦେବାର ଗୋଟିଏ ସପ୍ତାହ ପରେ ଉପମୁଖ୍ୟମନ୍ତ୍ରୀ ଏଭଳି ପୋଷ୍ଟ କରିଛନ୍ତି। ନୂଆ ସରକାରଙ୍କ ଏହି ପୁନର୍ଗଠନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀ ନେଟୱାର୍କର ତୃଣମୂଳ ସ୍ତରୀୟ ନେତୃତ୍ୱକୁ ଭାଙ୍ଗି ପ୍ରତ୍ୟେକ ପରିବାରକୁ ଆୟ ସୃଷ୍ଟିକାରୀ ପଦକ୍ଷେପ ସହିତ ଯୋଡ଼ିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସେ ପୂର୍ବ ବିଜେଡି ସରକାରକୁ ନିର୍ବାଚନ ଲାଭ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ଦୋଳନକୁ ଶୋଷଣ କରୁଥିବାର ସମାଲୋଚନା କରିଥିଲେ ଏବଂ ଦାବି କରିଥିଲେ ଯେ ବହୁ ପରିମାଣର ଅର୍ଥ ଅଣପଞ୍ଜିକୃତ ଗୋଷ୍ଠୀଗୁଡ଼ିକୁ ଦିଆଯାଇଥିଲା, ଯାହା ପରେ ଆର୍ଥିକ ଅଡିଟ୍‌ରୁ ବଞ୍ଚି ଯାଇଥିଲା। ସେ ଆହୁରି ମଧ କହିଥିଲେ ଯେ ଏହି ପ୍ରଥା ଏବେ ବନ୍ଦ ହୋଇଯିବ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ କେବଳ ମହିଳା ସଶକ୍ତିକରଣ ଉପରେ ଧ୍ୟାନ ଦେବେ।

# ‘ବିଜେଡି ଓ କଂଗ୍ରେସର କଚ୍ଚା ଚିଠା ଖୋଲିବ ବିଜେପି’

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ଆମ୍ବେଦକର ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସକୁ କଡ଼ା କାଉଣ୍ଟର କରିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ବିଜେଡି ଓ କଂଗ୍ରେସର କଚ୍ଚା ଚିଠା ବିଜେପି ଖୋଲିବ ବୋଲି ଶ୍ରୀ ସାମଲ ସୋମବାର କହିଛନ୍ତି। ଆମ୍ବେଦକରଙ୍କ ସଂଘର୍ଷମୟ ଜୀବନରେ କଂଗ୍ରେସ ଓ ପଣ୍ଡିତ ନେହେରୁ ତାଙ୍କୁ କ’ଣ ବ୍ୟବହାର କରିଥିଲେ। ସେ କେମିତି ଇସ୍ତଫା ଦେଇଥିଲେ। କଂଗ୍ରେସ କିଭଳି ଆମ୍ବେଦକରଙ୍କ ପ୍ରତି ଜୀବିତ ଅବସ୍ଥାରେ ଓ ମୃତ୍ୟୁ ପରେ ବି କେମିତି ବ୍ୟବହାର କରୁଥିଲା, ସେ ସମ୍ପର୍କରେ ବିଜେପି ୧୫ ଦିନ ଧରି ଚର୍ଚ୍ଚା, ଆଲୋଚନା କରିବ ବୋଲି ଶ୍ରୀ ସାମଲ କହିଛନ୍ତି। ଏପରିକି ବିଭିନ୍ନ ସ୍ଥାନରେ ତୃଣମୂଳସ୍ତର ଠାରୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆଲୋଚନା ହେବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



# କଂଗ୍ରେସ ଭବନରେ ମିଶ୍ରଣ ପର୍ବ

**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ସୋମବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଗୁଡାରୀ ବ୍ଲକ ଚେୟାରମ୍ୟାନ ଲକ୍ଷ୍ମୀ ଶବର ଏବଂ ତିନିଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦେଇଛନ୍ତି। ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ଚାଷୀ ପ୍ରତି ଉଦାସୀନତା ଓ ଉତ୍କଟ ବେକାରୀ ସମସ୍ୟା ପ୍ରସଙ୍ଗରେ ଲଢ଼େଇ କରିବା ପାଇଁ କଂଗ୍ରେସ ହିଁ ଉପଯୁକ୍ତ ପ୍ଲାଟଫର୍ମ ବୋଲି ଯୋଗଦେଇଥିବା ବିଜେଡ଼ି ନେତୃବୃନ୍ଦ କହିଥିଲେ। ଯୋଗଦେଇଥିବା ଅନ୍ୟ ନେତୃବୃନ୍ଦଙ୍କ ମଧ୍ୟରେ ଗୁଡ଼ାରୀ ବ୍ଲକ ସଭାପତି କାଶି ବଳିଆରସିଂ, ବାସ୍ନା ଶବର, ପ୍ରହଲ୍ଲାଦ ହିକାବାଡ଼ି, ପଦ୍ମପୁର ବ୍ଲକରୁ ରମାକାନ୍ତ ମାଝୀ, ଶଣ୍ଢ ଗମାଙ୍ଗୋ, ଅଗାଧୁ ଶବର, ପୁନି ଗମାଙ୍ଗୋ, ଅନନ୍ତ ମାଝୀ, ଯୁଗଳ ମାଝୀ, ରାଜେଶ ଶବର, ବାମନ ମିଶାଲ, ଦୁଶା ମାଝୀ, କୈଳାସ ମାଝୀ, ରେଖା ମାଝୀ, ଗୋବିନ୍ଦ ମାଝୀ, ରାଜେନ୍ଦ୍ର ଶବର, ଉପେନ୍ଦ୍ର ଶବର, ସହଦେବ ଶବର, ଅଶ୍ୱିନୀ ଶବର, ପଦ୍ମପୁର




ଗ୍ରାମପଂଚାୟତରୁ ମିଡିକା ସାହୁ, କାହ୍ନୁଚରଣ ମହାପାତ୍ର, ରାଧାକାନ୍ତ ସାହୁ, ଆକାଶ ଗୌଡ଼। ସେହିପରି ଖମ୍ପାପଦର ପଞ୍ଚାୟତରୁ ଭାରତ ଶବର, ଉଦୟ ପରିଛା, ସତ୍ୟଜିତ ଗମାଙ୍ଗୋ, ପୁରୁଷୋତ୍ତମ ଶବର, ପରମାନନ୍ଦ ଶବର, କାର୍ତ୍ତିକ ଗୌଡ଼ା, ଲୁଲୁ ଗମାଙ୍ଗୋ, ରାମନାଗୁଡ଼ା ବ୍ଲକରୁ ଡମ୍ବୁରଧର ଉଲାକା, ଧରମା ଉଲକା, ରଘୁନାଥ କାଡରାକା, ଝଙ୍କାରାଓ କାଡରକା, ଡମ୍ବୁ ମୁତିକା, ରମେଶ ମୁତିକା, ଲିନାବନ୍ଧୁ କୋଣ୍ଡା, ପେନାକମ ଜିପିର ସାମ୍ବାୟା ମଡାଙ୍ଗୀ, ଦୁଃଶାସନ ବିଡ଼ିକା, ଜୟାଲ ଶବର, ଅତିଲାମା ଶବର, ରବି ମଡାଙ୍ଗୀ ପ୍ରମୁଖ ବିଜେଡ଼ି ଛାତ୍ର, ଯୁବ, ମହିଳା, ଛାମୁଆ ସାଂଗଠନିକ ପଦପଦବୀରେ ଥିବା କର୍ମୀଙ୍କୁ ଆଜି ପିସିସି ସଭାପତି ଶ୍ରୀ ଦାସ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ସାମିଲ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଧାୟକ ସାଗର ଦାସ, ପୂର୍ବତନ ରାୟଗଡ଼ା ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା, ପୂର୍ବତନ ସାଂସଦ ନକୁଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସନାତନପାଲିରେ ‘ପୁଷ୍ପ କୃଷି ପଲୀହାଉସ’ ଲୋକାର୍ପିତ

# ଫୁଲଚାଷର ପେଣ୍ଠସ୍ଥଳୀ ହେବ ସମ୍ବଲପୁର: ଧର୍ମେନ୍ଦ୍ର

**ସମ୍ବଲପୁର,୧୪।୪/ଏନ୍‌ଏନ୍‌ଏସ୍:** ଡବଲ ଇଞ୍ଜିନ ସରକାରରେ ସମ୍ବଲପୁରକୁ ଫୁଲଚାଷର ପେଣ୍ଠସ୍ଥଳୀ କରିବା ପାଇଁ ଉଦ୍ୟମ କରାଯିବ। କେବଳ ଶୀତ ଦିନ ନୁହେଁ ଏଣିକି ପ୍ରତି ୪ ମାସରେ ଥରେ ବର୍ଷ ସାରା ଫୁଲ ଉତ୍ପାଦନ ହେବ। ସମ୍ବଲପୁର ଜିଲ୍ଲାରେ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ ଏବଂ ମତ୍ସ୍ୟଚାଷ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବ। ବିଶେଷ ଭାବରେ ଏହି ୪ଟି କୃଷି କ୍ଷେତ୍ରକୁ ପ୍ରାଧାନ୍ୟ ଦେଇ ଚାଷୀମାନଙ୍କ ଜୀବନଜୀବିକାରେ ସୁଧାର ଅଣାଯିବ। ଏହା ଦ୍ୱାରା ‘ବିକଶିତ ସମ୍ବଲପୁର’ର ସ୍ୱପ୍ନ ସାକାର ହୋଇପାରିବ ବୋଲି ସୋମବାର ସମ୍ବଲପୁର ଜୁଜୁମୁରା ବ୍ଲକ ସନାତନପାଲି ଠାରେ ‘ପୁଷ୍ପ କୃଷି ମେଳା’ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ସନାତନପାଲି ନୂତନ ଉପ-ବଜାର ପ୍ରାଙ୍ଗଣରେ କୃଷକ ଭବନ, ଗୋଦାମଗୃହ, କଭରସେଡ୍ ଆଦି ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶ୍ରୀ ପ୍ରଧାନ ଭାରତ ସରକାରଙ୍କ ସିଏସଆଇଅରେ- ଏନବିଆରଆଇ, ଲକ୍ଷ୍ନୌ ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସିଏସଆଇଆର-



ପୁଷ୍ପକୃଷି ମିଶନ ଅଧୀନରେ ନିର୍ମିତ ‘ପୁଷ୍ପକୃଷି ପଲୀହାଉସ’ର ଲୋକାର୍ପଣ କରିବା ସହ ପୁଷ୍ପ ବଗିଚା ପରିଦର୍ଶନ କରିଥିଲେ। ପରେ ଆୟୋଜିତ ପୁଷ୍ପ କୃଷି ମେଳାରେ ଯୋଗଦେବା ସହ ଗ୍ରାମର ବିଭିନ୍ନ ଚାଷୀଙ୍କୁ ଚାରା ବଣ୍ଟନ କରିଥିଲେ ଏବଂ ଫୁଲ ବ୍ୟବସାୟ ଉପରେ ସ୍ଥାନୀୟ ଯୁବ ଚାଷୀ ପ୍ରମୋଦଙ୍କ ସହ କଥା ହୋଇଥିଲେ। ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ଏକ ଚଷାଚାଷୀ ଅଞ୍ଚଳ। କୃଷି ହେଉଛି ଏ ଅଞ୍ଚଳର ଅର୍ଥନୀତି। ସନାତନପାଲିର ଚାଷୀ ଭାଇମାନେ ଫୁଲ ଚାଷ କରି ଲାଭବାନ ହେବା ସହ ଅନ୍ୟମାନଙ୍କୁ ଫୁଲ ଚାଷ କରିବା ପାଇଁ ପ୍ରୋତ୍ସାହିତ କରିବା ପ୍ରଶଂସନୀୟ। ସମ୍ବଲପୁର ଜିଲ୍ଲାରେ ଏଭଳି ଉଦ୍ୟମ ଫୁଲ ଚାଷ କ୍ଷେତ୍ରରେ ଉଦ୍ୟୋଗ ଏବଂ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ। ସ୍ଥାନୀୟ ଅର୍ଥନୀତି ସମୃଦ୍ଧ ହେବା ସହ ଫୁଲଚାଷକୁ ପ୍ରୋତ୍ସାହନ ପ୍ରଦାନ କରିବ। ଆଗାମୀ ଦିନରେ ଏହି ପଦକ୍ଷେପ ସମ୍ବଲପୁରର ବଜାର ଭିତ୍ତିଭୂମିକୁ ନୂଆ ରୂପ ଦେବ। ସ୍ଥାନୀୟ ଅଞ୍ଚଳର ପରିଚୟ ବଢ଼ିବା ସହ ଆମ ଚାଷୀଭାଇମାନେ ବିଶେଷ ଭାବରେ ଲାଭବାନ ହେବେ। ଚାଷୀମାନଙ୍କ ଆୟ ଦୁଇ ଗୁଣା ବୃଦ୍ଧି ହେବା ସହ ସେମାନେ ଆତ୍ମନିର୍ଭର ହେବେ। ଫୁଲଚାଷରେ ମାତ୍ର ୩୦ ହଜାର ଟଙ୍କା ଖର୍ଚ୍ଚ ହେବ ଏବଂ ଏକର ପିଛା ଲକ୍ଷେ ଟଙ୍କାରୁ ଅଧିକ ଦରରେ ଏହି ଫୁଲ ବିକ୍ରି ହେବ। ଏହା ଦ୍ୱାରା ଆମର ଚାଷୀମାନଙ୍କ ଜୀବନଜୀବିକାରେ ଉନ୍ନତି ହେବ। କୃଷିଭିତ୍ତିକ ଜିଲ୍ଲା ସମ୍ବଲପୁରରେ କୃଷିର ବିକାଶ ସହ ଏହାକୁ କୃଷିଭିତ୍ତିକ ଅର୍ଥନୀତିରେ ପରିଣତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ଜୟନ୍ତୀ

# ‘ସମାଜକୁ ନୂଆ ଦିଗ୍‌ଦର୍ଶନ ଦେବାରେ ବାବାସାହେବ ଆଗରେ ଥିଲେ’




**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ସମାଜକୁ ନୂଆ ଦିଗ୍‌ଦର୍ଶନ ଦେବାରେ ବାବାସାହେବ ଅନ୍ୟ ନେତାମାନଙ୍କ ଠାରୁ ଆଗରେ ଥିଲେ। ଦେଶର ସମ୍ବିଧାନ ପ୍ରଣୟନରେ ବାବାସାହେବଙ୍କ ଭୂମିକା ପାଇଁ ସାରା ଦେଶ ତାଙ୍କ ପାଖରେ ଋଣୀ। ବିଭିନ୍ନ ସାମାଜିକ ଓ ରାଜନୈତିକ ଦିଗ ଉପରେ ତାଙ୍କର ଦୃଷ୍ଟିକୋଣ ଆଜି ବି ଉପଯୋଗୀ। ଦଳିତ, ଶୋଷିତ, ଅବହେଳିତ, ଅତ୍ୟାଚାରିତ ଓ ଲାଞ୍ଛିତ ଲୋକମାନଙ୍କୁ ଆଗଧାଡିକୁ ଆଣିବା ପାଇଁ ଅହରହ ଉଦ୍ୟମ କରିଥିଲେ ଡା. ଆମ୍ବେଦକର। ଡା. ଆମ୍ବେଦକରଙ୍କ ଆଧୁନିକ ଭାରତ ଗଠନରେ ଅବଦାନ ଏବଂ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଭାରତରତ୍ନ ବାବାସାହେବ ଡା. ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ ଅବସରରେ ଶ୍ରୀ ସାମଲ ଏହା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ବାବାସାହେବ କେବଳ ସମାଜର ଅନ୍ତିମ ଧାଡ଼ିରେ ଥିବା ଲୋକଙ୍କ କଲ୍ୟାଣ ପାଇଁ ଯେ ଚିନ୍ତା କରୁଥିଲେ ତା’ନୁହେଁ, ବରଂ ସମାଜରେ ସମାନତା, ସାର୍ବଭୌମତ୍ୱ ଓ ମହିଳା ସଶକ୍ତିକରଣ ଭଳି ବହୁବିଧ ଓ ବହୁ ଆୟାମୀ ଜନକଲ୍ୟାଣକାରୀ ବ୍ୟବସ୍ଥା ସମ୍ବିଧାନରେ ଯୋଡ଼ି ଭାରତୀୟ ଗଣତନ୍ତ୍ରକୁ ସଶକ୍ତ ତଥା ବଳିଷ୍ଠ କରିଥିଲେ। ଆମ୍ବେଦକରଙ୍କୁ ତାଙ୍କ ଜୀବନର ବିଭିନ୍ନ ପରିସ୍ଥିତିରେ କଂଗ୍ରେସ ଦଳ ଏବଂ କଂଗ୍ରେସ ନେତୃବୃନ୍ଦ ଯେଉଁଭଳି ଭାବେ ବାରମ୍ବାର ଅପମାନିତ କରିଛନ୍ତି, ତାହା ଅକ୍ଷମଣୀୟ। କଂଗ୍ରେସ ସମ୍ବିଧାନର ଦୁରୁପଯୋଗ ଏବଂ ଅସମ୍ମାନ କରିଥିବାବେଳେ ବିଜେପି ସମ୍ବିଧାନର ମର୍ଯ୍ୟାଦାକୁ ଅତୁଟ ରଖିଛି। ଭାରତବର୍ଷ ତଥା ଓଡିଶାକୁ ସମୃଦ୍ଧ ଓ ବିକଶିତ କରି ଆମ୍ବେଦକରଜୀଙ୍କର ସ୍ୱପ୍ନକୁ ସାକାର କରିବା ବୋଲି ଶ୍ରୀ ସାମଲ କହିଛନ୍ତି।

ଏହି ଅବସରରେ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର କହିଛନ୍ତି ଯେ ଆମ୍ବେଦକର ଭାରତବର୍ଷର ଅମୂଲ୍ୟ ରତ୍ନ ଥିଲେ। ଡା. ଭୀମରାଓ ସମସ୍ତ ଦେଶର ସମ୍ବିଧାନକୁ ଅନୁସନ୍ଧାନ କରି ଆମ ଦେଶ ପାଇଁ ଏକ ନୂତନ ସମ୍ବିଧାନ କରିଛନ୍ତି। କଂଗ୍ରେସ ଏହି ସମ୍ବିଧାନକୁ ନଷ୍ଟ କରିବା ପାଇଁ ବହୁ ଅପଚେଷ୍ଟା କରିଥିଲା, କିନ୍ତୁ ଏଥିରେ ସେ ସଫଳ ହୋଇପାରିଲାନାହିଁ। କଂଗ୍ରେସ ଆମ୍ବେଦକରଙ୍କୁ କେବଳ ଉପେକ୍ଷା କରିନାହିଁ ବରଂ ନିର୍ବାଚନରେ ତିନି ତିନି ଥର ବାଧା ସୃଷ୍ଟି କରି ନିର୍ବାଚନରେ ହରାଇଛି। ଭାରତ ସମ୍ବିଧାନର ପ୍ରଣେୟତା ବାବାସାହେବ ନିଷ୍ପେସିତ ଲୋକଙ୍କ ସ୍ୱର ସାଜି ଅବହେଳିତ, ବଂଚିତ ଓ ଶୋଷିତ ଲୋକଙ୍କୁ ଯେଉଁ ଉତ୍ଥାନ କରିଛନ୍ତି, ତାହା ଅକଳ୍ପନୀୟ ଓ ଅବିଶ୍ୱନୀୟ।

ରାଜ୍ୟ ସହ-ପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡୀ କହିଛନ୍ତି ଯେ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଅଖଣ୍ଡ ଭାରତର ସ୍ୱପ୍ନ ଦେଖିଥିଲେ। ମାତ୍ର କଂଗ୍ରେସ ଦଳ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟରେ ବାବାସାହେବଙ୍କୁ ବାରମ୍ବାର ଅପମାନ କରିଥିଲା। ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ସାଂସଦ ବିଭୁ ପ୍ରସାଦ ତରାଇ କହିଛନ୍ତି ଯେ ଡ. ଭୀମରାଓଙ୍କ ପ୍ରଚେଷ୍ଟାରେ ସମ୍ବିଧାନ ପ୍ରସ୍ତୁତ ହେଲା, ଅନୁସୂଚିତ ଜାତି ଜନଜାତିର ଲୋକ ନ୍ୟାୟ ପାଇଲେ। କିନ୍ତୁ ଆମ୍ବେଦକରଙ୍କୁ କଂଗ୍ରେସ ଦଳ ବାରମ୍ବାର ଅସମ୍ମାନିତ କରିଆସୁଥିଲା। ବାଜପେୟୀ ଏବଂ ଆଡଭାନୀଙ୍କ ପ୍ରଚେଷ୍ଟାରେ ଆମ୍ବେଦକରଙ୍କୁ ୧୯୯୦ ମସିହାରେ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରିଥିଲେ। ଆମ୍ବରଦକରଙ୍କୁ କେବଳ ମୋଦୀ ସରକାର ହିଁ ସମ୍ମାନ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସାଂସଦ ରବିନାରାୟଣ ବେହେରା, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ, ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ସମେତ ରାଜ୍ୟ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ବାବାସାହେବଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

# ପିସିସି କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ଜୟନ୍ତୀ



**ଭୁବନେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍:** ଭାରତର ସମ୍ବିଧାନ ପ୍ରଣେତା ଭାରତ ରତ୍ନ ଡ. ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ସକାଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତାଗଣ ଭୁବନେଶ୍ୱର ଏଜି ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପିସିସି କାର୍ଯ୍ୟାଳୟରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପିସିସି ସଭାପତି ଶ୍ରୀ ଦାସଙ୍କ ଅଧକ୍ଷତାରେ କଂଗ୍ରେସ ଭବନ ଠାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାକୁ ପିସିସି ଅନୁସୂଚିତ ଜାତି ବିଭାଗର ବାଙ୍କନିଧି ବେହେରା ପରିଚାଳନା କରିଥିଲେ। ଉଦ୍‌ବୋଧନ ଦେଇ ପିସିସି ସଭାପତି ଶ୍ରୀ ଦାସ କହିଥିଲେ ଯେ ଭାରତୀୟ ସମ୍ବିଧାନର ରଚୟିତା ଡ. ଭୀମରାଓ ଆମ୍ବେଦକରଙ୍କର ସଂଘର୍ଷମୟ ଜୀବନ କଥା ଓ ଜୀବନ ଦର୍ଶନ ରାଜନୀତି ଓ ସମାଜସେବା କ୍ଷେତ୍ରରେ କାର୍ଯ୍ୟକରୁଥିବା ସମସ୍ତଙ୍କ ପାଇଁ ପାଥେୟ। ମହିଳାମାନଙ୍କର ଶିକ୍ଷା, ସୁରକ୍ଷା, ସ୍ୱାବଲମ୍ବନ ଏବଂ ଅର୍ଥନୈତିକ ଉନ୍ନତିପାଇଁ ଆମ୍ବେଦକରଜୀ ଅଧିକ ଗୁରୁତ୍ୱ ଦେଉଥିଲେ। ଆଜି ଓଡ଼ିଶାରେ ମହିଳା ଉପେକ୍ଷିତା, ଅତ୍ୟାଚାରିତା। ୬୪ ହଜାର ମହିଳା ନିଖୋଜ। ପ୍ରଦେଶ କଂଗ୍ରେସର ନାରୀନ୍ୟାୟ ଆନ୍ଦୋଳନ ଆମ୍ବେଦକରଙ୍କ ଦିଗଦର୍ଶନ, ଉପଦେଶ ଏବଂ ନୀତିର ପ୍ରେରଣାରେ ଜାରି ରହିଛି ଏବଂ ଏହା ଜନଆନ୍ଦୋଳନରେ ପରିଣତ ହେବ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, କୃଷ୍ଣଚନ୍ଦ୍ର ଶଗରିଆ, ସୁଦର୍ଶନ ଦାସ, ହଳଧର ସେଠୀ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ନକୁଳ ନାୟକ, ମନୋରଞ୍ଜନ ଦାଶ, ଅମିୟ କୁମାର ପଟ୍ଟନାୟକ, ବିଶ୍ୱଭୂଷଣ ଦାସ, ଚିନ୍ମୟ ସୁନ୍ଦର ଦାସ, ପ୍ରକାଶ ମିଶ୍ର, ଶିବପ୍ରସାଦ ଦାଶ ପ୍ରମୁଖ ବହୁ ଯୁବ, ଛାତ୍ର, ମହିଳା ଓ ସେବାଦଳର କର୍ମୀମାନେ ଯୋଗଦେଇଥିଲେ। ସାନ୍ତନୁ ସାହୁ ଧନ୍ୟବାଦ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଉତ୍ସବ

## ଭକ୍ତିର ଅନନ୍ୟ ପରମ୍ପରା ଖାଇଫୋଡ଼ ଯାତ୍ରା



**ସାକ୍ଷୀଗୋପାଳ,୧୪।୪/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଭୀମପୁର ଓ ଦାସ ବିଦ୍ୟାଧରପୁର ଗ୍ରାମରେ ବେଶ ଧୁମଧାମରେ ପାଳିତ ହୋଇଯାଇଛି ପାରମ୍ପରିକ ଖାଇଫୋଡ ଯାତ୍ରା । ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ଭୀମପୁର ଗ୍ରାମର ମା' ଗଡ଼ଚଣ୍ଡିଙ୍କ ମନ୍ଦିର ଏବଂ ଦାସ ବିଦ୍ୟାଧର ପୁର ବଡ଼ ପୋଖରୀ ଠାରେ ଖାଇଫୋଡ ଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି । ଠାକୁରାଣୀଙ୍କ ସମସ୍ତ ନୀତିକାନ୍ତି ସରିବା ପରେ କାଳେସି ବିଜେ କରିଥିଲେ । ମାନସିକଧାରୀ ମାନେ ପୋଖରୀରେ ଗାଧୁଆ ପାଧୁଆ କରିବା ପରେ ଛଅରୁ ଦଶଇଞ୍ଚ ଲମ୍ବ ଦୁଇରୁ ଚାରୋଟି ଲେଖାଁଏ ଲୁହା ବାଙ୍କ କଣ୍ଟା ପିଠିରେ ଫୁଟାଇ ମାନସିକଧାରୀ ପାଟୁଆ ମାନେ କୋଡ଼ିଏ ହାତ ଉଚ୍ଚ ଖାଇରୁ ତଳକୁ ଝୁଲିବା ଏବଂ ଠାକୁରାଣୀଙ୍କ ଜୟ ଜୟକାର ଓ ହରିବୋଲ ହୁଳହୁଳି ଧ୍ୱନୀ ଦେଇ ଘେରାକୁ ଘେରା ଚକ୍ର କାଟି ଖାଇ ଚାରିପଟେ ବୁଲିବା ଏକ ନିଆରା କଷ୍ଟକର ସାଧନା ଭାବରେ ଦେଖିବାକୁ ମିଳିଥିଲା । ଚୈତ୍ର ମାସ ସାରା ପବିତ୍ରତାର ସହିତ ଏହି ପାଟୁଆ ମାନେ ହବିଷ୍ୟାନ୍ନରେ ରହିଥିଲେ । ପ୍ରତି ମଙ୍ଗଳବାର ଦିନ ମାଆଙ୍କୁ ପୂଜା କରୁଥିଲେ । ମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ମା' ଗଡ଼ଚଣ୍ଡି, ବସନ୍ତେଇ, ଜାଗୁଲାଇ, ମଙ୍ଗଳା ଓ ବାଟ ମଙ୍ଗଳା ଙ୍କର ପାଞ୍ଚଜଣ କାଳେସି ବିଜେ ହୋଇ ନିକଟବର୍ତ୍ତୀ ନଳିତା ପୋଖରୀ କୁ ଯାଇଥିଲେ । ପୋଖରୀ ଚତୁଃପାର୍ଶ୍ୱରେ ସମବେତ ଭକ୍ତମାନଙ୍କ ଗହଣରେ ଜଣକ ପରେ ଜଣେ ପାଟୁଆ ମାନଙ୍କ ପିଠିରେ କାଳେସି ମାନେ କଣ୍ଟା ଫୁଟାଇ ଥିଲେ ମଧ୍ୟ କ୍ଷତ ସ୍ଥାନରୁ ରକ୍ତସ୍ରାବ ହୋଇ ନଥିଲା । କଣ୍ଟାର ଗୋଟିଏ ମୁଣ୍ଡରେ ଲଗାଯାଇଥିବା ରଶିରେ ପାଟୁଆ ମାନେ ବନ୍ଧା ହୋଇ ଖାଇ ଦଣ୍ଡରୁ ତଳକୁ ଝୁଲିଥିଲେ । ଖାଇରେ ଝୁଲିବା ସମୟରେ ପାଟୁଆ ମାନେ ଖଜୁରୀ କୋଳି,ଆମ୍ବ ଆଦି ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପକାଇଥିଲେ । ଛୋଟ ଛୋଟ ଶିଶୁମାନଙ୍କୁ ଖାଇରେ ଧରି ପାଟୁଆ ମାନେ ବୁଲୁଥିବା ଦେଖାଯାଇଥିଲା । ଅସାଧ ରୋଗ ପିଡାରୁ ଉପଶମ ଲଭିବା ଏବଂ ନିଃସନ୍ତାନ ମାନେ ସନ୍ତାନ ସନ୍ତତି ଆଶାରେ ଏଭଳି କଷ୍ଟକର ତପ ସାଧନ କରିଥାନ୍ତି ବୋଲି ଜଣାପଡିଥାଏ । ସେହିପରି ଅନୁରୂପ ଭାବେ ଦାସ ବିଦ୍ୟାଧର ପୁର ବଡ ପୋଖରୀ ଠାର ଖାଇଫୋଡ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶହଶହ ବର୍ଷଧରି ଏହି ପରମ୍ପରା ଏଠାରେ ପ୍ରଚଳିତ ହୋଇ ଆସୁଛି ।

## କଣ୍ଟିଲୋରେ ଝାମୁ ଓ ଅରଟି ଯାତ୍ରା



**କଣ୍ଟିଲୋ,୧୪।୪/ଏନ୍ଏନ୍ଏସ୍:** ଆଜି ହେଉଛି ପବିତ୍ର ପଣା ସଂକ୍ରାନ୍ତି ଓ ଓଡିଆ ନବବର୍ଷ । ମହାବିଷୁବ ସଂକ୍ରାନ୍ତି ଅବସରରେ କଣ୍ଟିଲୋ ହରିସୁବୁଦ୍ଧିପାଟଣା ଓ ପାଣୁସାହୁପାଟଣା ତିଅରସାହି ପକ୍ଷରୁ ଅରଟି ଯାତ୍ରା ଓ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପାଣୁସାହୁ ପାଟଣା ମା' ଦକ୍ଷିଣଚଣ୍ଡୀ ମନ୍ଦିର ପାର୍ଶ୍ୱରେ ବିରାଜିତ ମା'ମଙ୍ଗଳାଙ୍କ ପୀଠରେ ତିଅର ସଂପ୍ରଦାୟ ପକ୍ଷରୁ ପାରମ୍ପରିକ ଝାମୁଚଲା ଉତ୍ସବ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମାନସିକଧାରୀ ଶ୍ରଦ୍ଧାଳୁ ପିଠିରେ ପାଟ(ଅଙ୍କୁଶ) ଫୋଡି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମଙ୍ଗଳାଙ୍କ ମନ୍ଦିର ସମ୍ମୁଖରେ ପ୍ରସ୍ତୁତ ୧୨୧ ଫୁଟ ଲମ୍ବର ନିଆଁ ଗାତରେ ମଙ୍ଗଳାଙ୍କୁ ଧରିଥିବା କାଳସୀ ପିତାମ୍ବର ମଣ୍ଡଳଙ୍କ ସମେତ ମାନସିକଧାରୀ ବ୍ୟକ୍ତିମାନେ ନିଆଁ ଉପରେ ଚାଲିଥିବା ପରିଲକ୍ଷିତ ହୋଇଥିଲା । ସେହିପରି ହରି ସୁବୁଦ୍ଧିପାଟଣା ହରିଜନ ସାହିରେ ବିରାଜିତ ମା' ମଙ୍ଗଳାଙ୍କ ପୀଠରେ ପାଟମରା(ଅରଟି) ଯାତ୍ରା ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ ଯେ, ପଣା ସଂକ୍ରାନ୍ତିରେ ମା'ମଙ୍ଗଳାଙ୍କ ଚଳନ୍ତି ପ୍ରତିମାକୁ କାଳିଶି ଓ ଭକ୍ତମାନେ ନିକଟସ୍ଥ ପାଣୁସାହୁ ପାଟଣା ବଡ଼ପୋଖରୀ ନଅର ତୁଠକୁ ବିଜେ କରାଇ ପୋଖରୀ କୂଳରେ ସ୍ଥାପନା କରିଥିଲେ । କାଳିଶୀ ସ୍ନାନ କରିବା ପରେ ମା'ଙ୍କ ସାମନାରେ ମଦ, ଅଣ୍ଡା, ନଡ଼ିଆ, କଦଳୀ ରଖାଯାଇ ଧୂପ ଓ ଘିଅ ସଞ୍ଜ ଦିଆଯାଇଥିଲା । ପାଟମରା ମାନସିକ ରଖିଥିବା ଭକ୍ତମାନେ ପୁଷ୍କରିଣୀ ମଧ୍ୟରେ ମା'ଙ୍କ ପ୍ରତିମାକୁ ଜାବୁଡି ଧରି ଠିଆ ହୋଇଥିବା ବେଳେ ଅନ୍ୟ ଜଣେ ଭକ୍ତ ସେମାନଙ୍କ ପିଠିରେ ସିନ୍ଦୁର ଚିହ୍ନ ଲଗାଇ ଅଙ୍କୁଶ କଣ୍ଟା ଫୋଡିଥିଲା । କଣ୍ଟାର ଅପରପାର୍ଶ୍ୱରେ ଏକ ଶକ୍ତ ଦଉଡ଼ି ଲାଗିଥାଏ । କଣ୍ଟା ଫୋଡ଼ାଗଲେ ମଧ୍ୟ ଭକ୍ତଙ୍କ ପିଠିରୁ ଟୋପାଟିଏ ରକ୍ତ ଝରି ନଥିଲା । କଣ୍ଟାଫୋଡ଼ା କାର୍ଯ୍ୟ ସଂପନ୍ନ ପରେ କାଳଶୀ ପୂଜା ହୋଇଥିବା ଅଣ୍ଡାକୁ ଫୁଟାଇ ତା' ଉପରେ ମଦ ଢାଳିଥିଲେ । ଏହାପରେ ଭକ୍ତମାନେ ଢୋଲବାଦ୍ୟର ତାଳେତାଳେ ନାଚି ନାଚି ଗ୍ରାମ ପରିକ୍ରମା କରିଥିଲେ । ପରେ ଅରଟ ଯାତ୍ରା ପଡିଆକୁ ଆସିଥିଲେ । ଅପରାହ୍ନ ୪ଟା ସମୟରେ ବ୍ରତଧାରୀ ସିଲୁ ନାୟକ ପୂଜାର୍ଚ୍ଚନା ପରେ ୨୦ଫୁଟ ଉଚ୍ଚତା ବିଶିଷ୍ଟ ଏକ ଅରଟି ଖୁଣ୍ଟରେ ଚଢ଼ି ପିଠିରେ ଫୋଡାଯାଇଥିବା କଣ୍ଟା ଏକ ଦଉଡ଼ି ମାଧ୍ୟମରେ ଅରଟିରେ ବନ୍ଧାଯାଇ ଭୂମି ସହିତ ସମାନ୍ତରାଳରେ ଓହଳି ଅରଟିରେ ବୁଲିଥିଲେ । ଏହି ଲୋମହର୍ଷଣକାରୀ ଦୃଶ୍ୟକୁ ହଜାର ହଜାର ଦର୍ଶକ ଉପଭୋଗ କରିଥିଲେ । ଆଜିର ଏହି ଦୁଇ ପ୍ରମୁଖ ପାରମ୍ପରିକ ଯାତ୍ରାକୁ ଦେଖିବାକୁ ୧୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା । ଗ୍ରୀଷ୍ମ ପ୍ରବାହ ସମୟରେ ଏପରି ଜନଗହଳିକୁ ଦୃଷ୍ଟିରେ ରଖି ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ବିକାଶ ପରିଷଦର ସଭାପତି ଯୁଗଳ କିଶୋର ନାୟକ ଏବଂ ସଦସ୍ୟ ପ୍ରମୋଦ କୁମାର ଦଳେଇ, ଦୁର୍ଯ୍ୟୋଧନ ମହାରଣା, ସନ୍ତୋଷ କୁମାର ସାହୁ, ଅଞ୍ଜନ କୁମାର ମହାରଣା ପ୍ରମୁଖ ୩୦ରୁ ଊର୍ଦ୍ଧ୍ୱ ସଦସ୍ୟ, କଂସାପିତଳ କାରିଗର ଅଖିଳ କୁମାର ସାହୁ ଏବଂ ଅଧ୍ୟାପିକା ଜୋସ୍ନା ମହାରଣା, ଜୟଶ୍ରୀ ସାହୁ ପ୍ରମୁଖ ମହିଳାମାନେ ବିଭିନ୍ନ ସ୍ଥାନରେ ଦହିପଣା ବଣ୍ଟନ କରିଥିଲେ । ଅପରପକ୍ଷରେ ଆଜି ବାବାସାହେବ ଡ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ପାଟମରା ଯାତ୍ରା ଦେଖିବାକୁ ଆସିଥିବା ଉପସ୍ଥିତ ହଜାର ହଜାର ଜନସାଧାରଣଙ୍କ ଗହଣରେ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା ।

## ପ୍ରାଚୀଗୁରୁ ଧର୍ମକ୍ଷେତ୍ରରେ ହନୁମାନ ଜୟନ୍ତୀ

**ନୟାହାଟ,୧୪।୪/ଏନ୍ଏନ୍ଏସ୍:** ନୟାହାଟ ସ୍ଥିତ ପ୍ରାଚୀଗୁରୁଧର୍ମ କ୍ଷେତ୍ର ପରିସରରେ ଶ୍ରୀ ଶ୍ରୀ ହନୁମାନଜୀଙ୍କ ଜୟନ୍ତୀ ଉତ୍ସବ ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ଆଜି ଆନନ୍ଦ ଓ ଉଲ୍ଲାସରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଶହ ଶହ ଭକ୍ତମାନଙ୍କ ଆଗମନ ହୋଇ ପ୍ରଭୁ ହନୁମାନ ଜୀଙ୍କୁ ଦର୍ଶନ କରିଥିଲେ । ବହୁ ହନୁମାନ ଭକ୍ତ ତଥା ସୁରେନ୍ଦ୍ର ପାତ୍ର, ରବିନ୍ଦ୍ର ଦାସ, ପ୍ରୀତି ରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ହନୁମାନ ଚାଳିଶା ପାଠ କରାଯାଇଥିଲା । ଶହ ଶହ ଭକ୍ତ ଆନନ୍ଦରେ ପ୍ରସାଦ ପାଇଥିଲେ । ଆଶ୍ରମର ୨୫ପର୍ବରୁ ଏହି ପର୍ବ ଅନ୍ୟତମ ବୋଲି ସେବକ ପ୍ରୀତିରଞ୍ଜନ ଦାସ ସୂଚନା ଦେଇଥିଲେ ।

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର



**ଜଟଣୀ,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ତଥା ହନୁମାନ ଜୟନ୍ତୀ ଅବସରରେ 'ଜୟ ଶ୍ରୀରାମ' ଏବଂ ଦେବ ଧ୍ୱନିରେ କମ୍ପିଥିଲା ଜଟଣୀ ସହର । ସୂଚନା ମୁତାବକ ଆଜିର ଏହି ପବିତ୍ର ଦିନରେ ସହରର ହିନ୍ଦୁ ସଂଗଠନ 'ବଜରଙ୍ଗୀ' ତରଫରୁ ସ୍ଥାନୀୟ ହନୁମାନ ବାଟିକା ଠାରୁ ସୁସଜିତ ଶ୍ରୀରାମ ରଥ, ମହାବୀର ରଥ, ଘଣ୍ଟ ଘଣ୍ଟା ଧ୍ୱନି ତଥା ଜୟ ଶ୍ରୀରାମ ଧ୍ୱନିର ତାଳେ ତାଳେ ଶହ ଶହ କର୍ମକର୍ତ୍ତାଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ । ସହରର ଟ୍ରାଫିକ କଲୋନୀରେ ଅବସ୍ଥିତ 'ଶ୍ରୀରାମ ମନ୍ଦିର' ପ୍ରାଙ୍ଗଣରେ ଭକ୍ତମାନଙ୍କ ସମାଗମରେ ୧୦୮ ହନୁମାନ ଚାଳିଶା ପାଠରେ ମନ୍ଦିର ପରିସର ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ସେହି ପରି ସ୍ଥାନୀୟ ଭେଙ୍କଟେଶ୍ୱର ମନ୍ଦିରରେ ଅନୁଷ୍ଠିତ 'ବ୍ରହ୍ମ ମହୋତ୍ସବ' ଅବସରରେ ଶହ ଶହ ଦମ୍ପତିଙ୍କ ଉପସ୍ଥିତିରେ ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ପଣ୍ଡିତଙ୍କ ସାଂସ୍କୃତିକ ଦେବଧ୍ୱନୀରେ ସ୍ଥାନୀୟ ପରିବେଶ ପ୍ରକମ୍ପିତ ହୋଇଥିଲା କ୍ଷ ସ୍ଥାନୀୟ ଗୋଲେଇ ମାର୍କେଟରେ ଅବସ୍ଥିତ ପ୍ରତିମୂର୍ତ୍ତି 'ମହାବୀର'ଙ୍କ ଜୟନ୍ତୀର ପୂର୍ଣ୍ଣାହୁତି ଅବସରରେ ପାଣ୍ଡିତଙ୍କ ଦେବ ଶ୍ଲୋକରେ ସହର ପ୍ରକମ୍ପିତ ହୋଇଥିଲା ।

## ମୁଣ୍ଡମୁହାଣରେ ଲଙ୍କାପୋଡ଼ି ଉତ୍ସବ



**ମୁଣ୍ଡମୁହାଣ,୧୪।୪/ଏନ୍ଏନ୍ଏସ୍:** ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମର ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ ଚାଲିଥିବା ରାମନିଳା ନାଟକ ଆଜି ଅଷ୍ଟମ ସନ୍ଧ୍ୟାରେ ଲଙ୍କାପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଳୀବଦ୍ଧ ପରେ ମା' ସୀତାଙ୍କୁ ରାବଣ କେଉଁଠାରେ ଲୁଚାଇଛି ରାମଙ୍କ ନିର୍ଦ୍ଦେଶରେ ହନୁମାନ ସାତ ସମୁଦ୍ର ଡେଇଁ ଲଙ୍କାକୁ ଯାଇଥିଲେ । ଲଙ୍କାରେ ତାଙ୍କୁ ତିନୋଟି ଦେବୀ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଶୋକ ବନରେ ମା' ସୀତାଙ୍କୁ ଠାବ କରିଥିଲେ । ରାମଙ୍କ ରତ୍ନମୁଦି ଦେଖି ମା' ସୀତା ହନୁମାନଙ୍କୁ ବିଶ୍ୱାସ କରିଥିଲେ । ପରେ ହନୁମାନ ଅଶୋକବନ ଛାରଖାର କରିଥିଲେ । ଅନେକ ରାକ୍ଷସଙ୍କ ସହିତ ଅକ୍ଷୟ ବୀରଙ୍କୁ ବଦ୍ଧ କରିଥିଲେ । ଇନ୍ଦ୍ରଜିତଙ୍କ ନାଗଫାସରେ ହନୁମାନ ବାନ୍ଧିହୋଇ ରାବଣ ନିକଟକୁ ଯାଇଥିଲେ । ସେଠାରେ ତାଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇ ଦେବାରୁ ସେ ଲଙ୍କାକୁ ପୋଡ଼ି ଜାଳି ରାମଚନ୍ଦ୍ରଙ୍କ ପାଖକୁ ଫେରିଆସିଥିଲେ । ଲଙ୍କାପୋଡ଼ି ଦୃଶ୍ୟକୁ କଳାକାରମାନେ ଅତ୍ୟନ୍ତ ସୁନ୍ଦର ଭାବେ ପ୍ରଦର୍ଶନ କରିଥିବା ବେଳେ ଶ୍ରଦ୍ଧାଳୁମାନେ ଦେଖି ବିମୋହିତ ହୋଇଥିଲେ । ଆଜି ନାଟକରେ ହନୁମାନ ଭୂମିକାରେ ଶଙ୍କର୍ଷଣ ମଙ୍ଗରାଜ, ରାମ ଭୂମିକାରେ ଭାରତ ବାରିକ୍, ସୀତା ଭୂମିକାରେ ବିଚିତ୍ର ପରିଡା, ଲକ୍ଷ୍ମଣ ଭୂମିକାରେ ସୁନିଲ୍ ମଙ୍ଗରାଜ, ରାବଣ ଭୂମିକାରେ ରବିନ୍ଦ୍ର ବାରିକ୍, ଇନ୍ଦ୍ରଜିତ ଭୂମିକାରେ ବେଣୁଧର ପ୍ରଧାନ, ଅକ୍ଷୟ ବିର ଭୂମିକାରେ ଶିବ ମଙ୍ଗରାଜ, ଲଙ୍କା ଦେବୀ ଭୂମିକାରେ ସୁକାନ୍ତ ପରିଡା, ରାହୁ ମାତା ଭୂମିକାରେ ପ୍ରସନ୍ନ ପରିଡା, ସୁରସା ଭୂମିକାରେ ଅନିଲ୍ ମଙ୍ଗରାଜଙ୍କ ନିଖୁଣ କଳା ପ୍ରଦର୍ଶନ ଦର୍ଶକମାନଙ୍କୁ ଆକର୍ଷଣୀୟ କରିଥିଲା ।

## ବଲଙ୍ଗାରେ ମହାବିଷୁବ ସଂକ୍ରାନ୍ତି



**ବଲଙ୍ଗା,୧୪।୪/ଏନ୍ଏନ୍ଏସ୍:** ସୋମବାର ବଲଙ୍ଗା ଅଞ୍ଚଳରେ ମହାବିଷୁବ ସଂକ୍ରାନ୍ତି ଓ ମହାବୀର ଜୟନ୍ତୀ ବିଭିନ୍ନ ସ୍ଥାନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବଧି, ଗୋପିନାଥପୁର, ତେରହଳ, ବାୟାବର, ଖଣ୍ଡାୟତ ପାଟଣା, ବିରାଟସାହି, ଚକ୍ରକୁଦ, ନୂଆସନ୍ଥର ମଙ୍ଗଳାସାହି ଆଦି ଗ୍ରାମରେ ମହାଧୁମ୍‌ଧାମ୍‌ରେ ଝାମୁଯାତ୍ରା ପାଳିତ ହୋଇଯାଇଥିବା ବେଳେ ଆଖପାଖ ଅଞ୍ଚଳରେ ଥିବା ମହାବୀର ମନ୍ଦିର ପରିସରରେ ୧୦୮ ହନୁମାନ ଚାଳିଶା ଓ ସୁନ୍ଦରକାଣ୍ଡ ଅନୁଷ୍ଠିତ ହୋଇଯାଇଛି । ବଲଙ୍ଗା ମହାବୀର ମନ୍ଦିର ପରିସରରେ ସଂଧ୍ୟା ସମୟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଝାମୁଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଅଞ୍ଚଳରେ ଉତ୍ସବ ମୁଖର ହୋଇପଡ଼ିଥିଲା ।

## ଗୋପ୍‌ରେ ପଣାସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ

**ଗୋପ,୧୪।୪/ଏନ୍ଏନ୍ଏସ୍:** ଗୋପ ତଥା ବିଭିନ୍ନ ଗାଁ ଗହଳୀରେ ଓଡ଼ିଆ ନବବର୍ଷ ତଥା ମହାବିଷୁବ ପଣା ସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି । ପଣାସଂକ୍ରାନ୍ତି ଲାଗି ବିଭିନ୍ନ ଦେବାଦେବୀ ପୀଠ ଚଳଚଂଚଳ ହୋଇପଡ଼ିଥିବାବେଳେ ଗାଁରେ ମହିଳାମାନେ ତୁଳସୀ ଚଉରା ମୂଳେ ପଣାଲାଗି କରିଥିବା ଦେଖିବାକୁ ମିଳିଛି । ଏହି ଅବସରରେ ବିଭିନ୍ନ ଦେବାଦେବୀ ପୀଠରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଥିବାବେଳେ ଏହି ଅବସରରେ ଚିନ୍ତାହରଣ ହନୁମାନ ମଠରେ ମହାବୀର ଜୟନ୍ତୀ ଉପଲକ୍ଷେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଏହି ହନୁମାନ ମନ୍ଦିରରେ ପ୍ରଭୁ ବଜରଙ୍ଗୀବାଲିଙ୍କର ନାଗା ବେଶ କରାଯାଇଥିବାବେଳେ ଏହି ବେଶ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ।

## କୋଣାର୍କରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ



**କୋଣାର୍କ,୧୪।୪/ଏନ୍ଏନ୍ଏସ୍:** ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସମେତ ଆଖପାଖ ଅଞ୍ଚଳରେ ପବିତ୍ର ମହାବିଷୁବ ସଂକ୍ରାନ୍ତି,ଉତ୍କଳୀୟ ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି । ସୌରବର୍ଷର ପ୍ରଥମଦିନ ମହାବିଷୁବ ସଂକ୍ରାନ୍ତି ତଥା ପଣା ସଂକ୍ରାନ୍ତି ଓଡିଶାର ଏକ ଅନନ୍ୟ ସଂସ୍କୃତି ସଂପନ୍ନ ପରମ୍ପରାର ପର୍ବ ଭାବରେ ଓଡିଶାର ପୁରପଲ୍ଲୀରେ ସୁପରିଚିତ । ଏହି ପରିପ୍ରେକ୍ଷୀରେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ସମେତ ଆଖପାଖ ଅଞ୍ଚଳରେ ପ୍ରତ୍ୟୁଷରୁ ହନୁମାନ ମନ୍ଦିର ଓ ଶ୍ରୀରାମ ମନ୍ଦିର ଠାରେ ଭକ୍ତମାନଙ୍କ ଦ୍ୱାରା ୧୦୮ ହନୁମାନ ଚାଳିଶା ପାଠ ସହିତ ପୂଜାର୍ଚ୍ଚନା ଓ ପଣା ଭୋଗ ଲାଗି ଉତ୍ସବ ମୁଖର ହୋଇପଡିଛି । ଏହି ଅବସରରେ ଓଡିଆ ନବବର୍ଷକୁ ମଧ୍ୟ କୋଣାର୍କ ତଥା ଆଖପାଖ ଅଞ୍ଚଳରେ ସଂସ୍କୃତି ପ୍ରେମୀ ଜନସାଧାରଣ ପାଳନ କରୁଥିବା ଦେଖିବାକୁ ମିଳିଛି । ଓଡ଼ିଆ ନବବର୍ଷ ପରିପ୍ରେକ୍ଷୀରେ କୋଣାର୍କ ନିକଟସ୍ଥ ମାଟିଆପଡ଼ା ଠାରେ ଥିବା ହନୁମାନ ମନ୍ଦିର ଠାରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ ଶ୍ରଦ୍ଧାଳୁ ମାନେ ନାମ ସଂକୀର୍ତ୍ତନ କରିବା ସହ ହନୁମାନଙ୍କ ପୂଜାର୍ଚ୍ଚନା ସହିତ ଭଜନ କୀର୍ତ୍ତନ କରିଥିଲେ । ସେହିପରି କୋଣାର୍କ ଥାନା ଛକ ପଟେ ଥିବା ଖରାଖିଆ ମହାବୀର, କମଳବାବାଙ୍କ ହନୁମାନ ମନ୍ଦିର, ଚନ୍ଦ୍ରଭାଗା ସ୍ଥିତ ଦରିଆ ମହାବୀର, ରାଉଳପଟଣା ହନୁମାନ ମନ୍ଦିର, ଖାଲକଟାପାଟଣା ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର,ବାଲି ଦୋକାନ ଗୁହାଳପୁର ଗ୍ରାମର ହନୁମାନ ମନ୍ଦିର ସମେତ କୋଣାର୍କ ସମେତ କୋଣାର୍କ ଶ୍ରୀରାମ ମନ୍ଦିର ଏବଂ ବିଭିନ୍ନ ଶୈବପୀଠ ମାନଙ୍କରେ ଧୁମଧାମରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି ।

## ହନୁମାନ ଚାଳିଶାରେ ପୀଠ ପ୍ରକମ୍ପିତ

**ନେମାଳ,୧୪।୪/ଏନ୍ଏନ୍ଏସ୍:** କଳିଯୁଗର ପ୍ରତ୍ୟକ୍ଷ ଦେବତା ରାମଭକ୍ତ ଶ୍ରୀ ହନୁମାନଙ୍କର ଜୟନ୍ତୀ ଉତ୍ସବ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ବିଭିନ୍ନ ପ୍ରାନ୍ତରେ ମହାସମାରୋହରେ ପାଳିତ ହୋଇଯାଇଛି । ବିଭିନ୍ନ ରାମମନ୍ଦିର ଓ ହନୁମାନ ମନ୍ଦିରରେ ପ୍ରଭାତରୁ ପାରମ୍ପରିକ ରୀତି ନୀତି ଅନୁଯାଇ ସ୍ନାନ ଓ ଉପଚାର ପୂଜାପରେ ସିଦ୍ଧ ହନୁମାନ ଜୀୟୁଙ୍କୁ ଗୋଟି ଫଳ ଭୋଗ ଲାଗି କରାଯାଇଥିଲା । ପରେ ତୁଳସୀଦାସ ରଚିତ ରାମଚରିତ ମାନସର ସୁନ୍ଦରାକାଣ୍ଡ ଓ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା । ନିଶ୍ଚିନ୍ତକୋଇଲି ସିଦ୍ଧ ହନୁମାନ ଜୀୟୁଙ୍କ ପୀଠରେ ରଘୁନାଥ ଅନୁକମ୍ପା ପରିଷଦ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା । ଅନୁଷ୍ଠାନର ସଭାପତି ବଂଶୀଧର ପଣ୍ଡା ସୁନ୍ଦରାକାଣ୍ଡ ପାଠ କରିଥିବା ବେଳେ ପୂଜକ ଦୋଳ ଗୋବିନ୍ଦ ପଣ୍ଡା ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ । କ୍ଷୀରୋଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୮ ହନୁମାନ ଚାଳିଶା ପାଠ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ପ୍ରସନ୍ନ କୁମାର ପରିଜାରଙ୍କ ତତ୍ତ୍ୱାବଧାନରେ ହୋମ ଯଜ୍ଞ ଉପଚାର ପୂଜା ଯଥାରୀତି ସମ୍ପନ୍ନ କରାଯାଇଥିଲା । ସେହିଭଳି ଭାବେ କୁଳିଆ ରଘୁନାଥ ମନ୍ଦିର, ଅସୁରେଶ୍ୱର ରଘୁନାଥ ମନ୍ଦିର, ବନ୍ଧୁପୁର ରଘୁନାଥ ମନ୍ଦିର, ସାଧୁପୁର ଶ୍ରୀରାମ ମନ୍ଦିର, ରଙ୍ଗମୁଣ୍ଡାଇ ହନୁମାନ ମନ୍ଦିର, ନଟକାଇ ହନୁମାନ ମନ୍ଦିର, ନଗସପୁର ଶୁଣ୍ଡୁଳ ହନୁମାନ ମନ୍ଦିର, ଓଥକା ରଘୁନାଥ ମନ୍ଦିର, କଟିକଟା ସିଦ୍ଧ ମହାବୀର ଜିଉ ମନ୍ଦିର, ସରପଡା, ବୁହାଲୋ, ଉତ୍ତରକୂଳ ପ୍ରମୁଖ ସ୍ଥାନରେ ଥିବା ହନୁମାନ ମନ୍ଦିରରେ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କୃଷ୍ଣମୋହନପୁରରେ ଓଡ଼ିଆ ନବବର୍ଷ, ହନୁମାନ ଜୟନ୍ତୀ



**ଟାଙ୍ଗୀ,୧୪।୪/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ର ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ ପାଳନ କରାଯାଇଛି । ସୋମବାର ଓଡ଼ିଆ ନବବର୍ଷ ପଣା ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ରହିଥିବା ରୁ ସକାଳୁ ସକାଳୁ ହନୁମାନ ମନ୍ଦିରରେ ଭକ୍ତ ମାନଙ୍କ ଭିଡ଼ ଜମି ଥିବା ଦେଖିବାକୁ ମିଳିଥିଲା । ତେବେ ଭଟିମୁଣ୍ଡା ପଞ୍ଚାୟତ କୃଷ୍ଣମୋହନପୁର ବଣିଆ ସାହି ବିରୂପା ନଦୀ କୂଳରେ ଥିବା ହନୁମାନ ମନ୍ଦିରରେ ୩ଦିନ ଧରି ଚାଲିଥିବା ହନୁମାନଙ୍କର ୧୩ତମ ବାର୍ଷିକ ଉତ୍ସବ ଓ ନୂତନ ବିଗ୍ରହ ଙ୍କ ସ୍ଥାପନ ଭକ୍ତ ହରିବୋଲ ହୁଳହୁଳି ଧୁମ୍ ଧାମରେ ଶେଷ ହୋଇଛି । ପ୍ରଥମ ଦିନରେ ବିଗ୍ରହ ଙ୍କୁ ପଞ୍ଚାୟତ ର ସାହି ପରିକ୍ରମା କରାଯାଇଥିଲା, ଦିତୀୟ ଦିନ ଗ୍ରାମ ର ଶତାଧିକ ମହିଳା ମାନଙ୍କ ଦ୍ୱାରା ୧୦୮ କଳସ ଯାତ୍ରା କରାଯିବା ପରେ ଆଜି ହନୁମାନ ଜୟନ୍ତୀରେ ବିଗ୍ରହ ସ୍ଥାପନ କରାଯାଇଛି । ସନ୍ଧ୍ୟାରେ ପୂର୍ଣ୍ୟ ଆହୁତି ସହ ଯଜ୍ଞ ଶେଷ ହୋଇଛି । ଏହି ପୂର୍ଣ୍ୟ ଆହୁତି ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲ । ଏହି ଉତ୍ସବକୁ ବଜରଙ୍ଗ ବାଲି ଯୁବ ପରିଷଦର ସଭାପତି ତ୍ରିଲୋଚନ ସାହୁ, ରାଜେଶ ସାହୁ, ଅମିତ୍ ସାହୁ, ଶ୍ରୀନିବାସ ସାହୁ, ରାଜନ ସାହୁ, ମାନସ ସାହୁ, ସନ୍ତୋଷ ସାହୁ, ବିକାଶ ସାହୁ, ହରି ସାହୁ, ଦଇତାରି ସାହୁ, ପ୍ରକାଶ ସାହୁ ରମେଶ ସାହୁ, ବାବୁ ସାହୁ, କାଳିଆ ସାହୁ, ହୃଷିକେଶ ସାହୁ, ରାମ ମହାରଣା, ଲକ୍ଷ୍ମୀକାନ୍ତ ସାହୁ, ସନାତନ ସାହୁ, କାର୍ତ୍ତିକ ସାହୁ, ସାଗର ସାହୁ, ମହେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିବା ସହ ପଣା ବାଣ୍ଟି ଓଡ଼ିଆ ନବବର୍ଷ ପାଳନ କରିଥିଲେ ।

## ଖଣ୍ଡପଡ଼ାରେ ଝାମୁଚଲା ପର୍ବ, ଅରଟି ଯାତ୍ରା



**ଖଣ୍ଡପଡ଼ା,୧୪।୪/ଏନ୍ଏନ୍ଏସ୍:** ଖଣ୍ଡପଡା ବ୍ଲକ ଅଞ୍ଚଳର ପ୍ରମୁଖ ଶକ୍ତିପୀଠ ଗୁଡିକରେ ସୋମବାର ଝାମୁଚଲା ପର୍ବ ଓ ଅରଟି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡା ସହରର ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ପରିସରରେ ମା' ଦଣ୍ଡକାଳୀ ଭକ୍ତମାନଙ୍କ ଦ୍ୱାରା ଝାମୁଚଲା ପର୍ବ ଅନୁଷ୍ଠିତ ହୋଇଯାଇଛି । ଝାମୁଚଲା ପର୍ବକୁ ଉପଭୋଗ କରିବା ନିମନ୍ତେ ମନ୍ଦିର ପରିସରରେ ଜନସାଧାରଣଙ୍କ ଭିଡ ଜମିଥିଲା । ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମର ଆରାଧ୍ୟା ମା' ମଙ୍ଗଳାଙ୍କ ପୀଠରେ ଅରଟି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମା'ଙ୍କ କୃପାରେ ପାଟୁଆ ଏକ ଅରଟରେ ବୁଲିବାର ଦୃଶ୍ୟକୁ ଶହ ଶହ ଜନସାଧାରଣ ଉପଭୋଗ କରିଥିଲେ । ସେହିପରି ବନମାଳୀପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ମା ସର୍ବମଙ୍ଗଳାଙ୍କ ୯୧ତମ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମା' ଙ୍କ କୃପାରେ ମାନସିକଧାରୀ ବ୍ୟକ୍ତିମାନେ ୧୨୦ ହାତ ଲମ୍ବ ନିଆଁ ଗାତ ଉପରେ ଚାଲିଥିଲେ । ଝାମୁଚଲା ପର୍ବକୁ ଉପଭୋଗ କରିବା ନିମନ୍ତେ ମା'ଙ୍କ ପୀଠ ପରିସର ଲୋକାରଣ୍ୟ ହୋଇଉଠିଥିଲା । ଏତଦ୍‌ବ୍ୟତୀତ ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଢୋଲମରା ଗ୍ରାମ ସମେତ ଖଳିସାହି, ସାହସପୁର, କାଦୁଆ, ବେଣାଗାଡିଆ, ସିଧାମୂଳା, ବୋଦସା, ଶିଖରପୁର, ଜଗନ୍ନାଥପ୍ରସାଦ ପ୍ରଭୃତି ଅଞ୍ଚଳରେ ଝାମୁଚଲା ପର୍ବ ଓ ପାଟମରା ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି ।

ନିତିଦିନ NITIDIN

## ନରାଜ ବ୍ୟାରେଜ୍‌ରେ ଅଜଣା ବ୍ୟକ୍ତିଙ୍କ ଶବ

**ବାରଙ୍ଗ,୧୪।୪/ଏନ୍ଏନ୍ଏସ୍:** ବାରଙ୍ଗ ଥାନା ଅନ୍ତର୍ଗତ ନରାଜ ବ୍ୟାରେଜ ର ଉପର ଭାଗରେ ଗେଟ ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ଶବ ଭାସୁଥିବାର ଦେଖିଥିଲେ। ଖବର ପାଇ ବାରଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଆସି ଶବଟିକୁ ଉଦ୍ଧାର କରିଥିଲେ। ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲ୍‌କୁ ପଠାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି।



# ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ସମାରୋହ



**ଆଠଗଡ଼,୧୪।୪/ଏନ୍ଏନ୍ଏସ୍:** ମାନବସମ୍ବଳର ବିକାଶ, ମାନବିକ ଅଧିକାର ଓ ସାମାଜିକ ବିକାଶ ପାଇଁ ବାବା ସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ଏଥିନିମନ୍ତେ ପ୍ରତିଶ୍ରୁତିବଦ୍ଧ। ମାତ୍ର ସାମ୍ପ୍ରତିକ ପରିସ୍ଥିତି ଏହାର ପ୍ରୟୋଗ ପାଇଁ ସରକାରୀ ସ୍ତରରେ ଉଦାସୀନତା ଦେଖା ଦେଇଛି। ଏହା ବିରୁଦ୍ଧରେ ସାଧାରଣ ଲୋକ ସଚେତନ ହେବା ଆବଶ୍ୟକ ବୋଲି ଆଠଗଡ଼ ଦଳିତ ଆଦିବାସୀ ବହୁଜନ ମଞ୍ଚ ପକ୍ଷରୁ ସନ୍ଧ୍ୟାରେ ଆଠଗଡ ଏନ୍ଏସି ସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପଠାରେ ଆୟୋଜିତ ଡ. ବି.ଆର୍ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ ଅବସରରେ ବ୍ୟକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆଠଗଡ଼ ବ୍ଲକ୍ ଖୁଣ୍ଟୁଣୀ ଛକଠାରୁ ଆଠଗଡ ବ୍ଲକ୍ ବିଜୁ ଯୁବ-ଛାତ୍ର ଜନତାଦଳ ଓ ଦଳିତ ମଞ୍ଚ ପକ୍ଷରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ଆଠଗଡ ସହର ପରିକ୍ରମା କରିଥିଲା। ପରେ ମଞ୍ଚର ସଭାପତି ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ରମେଶ ଚନ୍ଦ୍ର ଘଡ଼େଇଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଏନ୍. ନାରାୟଣ ରେଡ୍ଡୀ, ଆଇନଜୀବୀ ସତୀଶ୍ ମିଶ୍ର, ପ୍ରଶାନ୍ତ ମିଶ୍ର, ଚିତ୍ରସେନ ନାଏକ ପ୍ରମୁଖ ଯୋଗଦେଇ ମାନବସମ୍ବଳ ବିକାଶ ଓ ମାନବାଧିକାରର ଦାନ କରିଥିବା ସମ୍ବିଧାନ ସୁରକ୍ଷା ଓ ଉଚିତ ପ୍ରୟୋଗ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତୀ ଗାଗରାଇ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଜାନକୀଲତା ନାଏକ, ମିତାଲି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚର ସମ୍ପାଦକ ମାନସ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

● **ଓଡ଼ଗାଁ:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ବାପୁଜି ସେବାସଙ୍ଘ ଠାରେ ଭାରତର ସମ୍ବିଧାନ ପ୍ରଣେୟତା ଡ଼ଃ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ମଦନ



ମୋହନ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବାମପନ୍ଥୀନେତା ପବିତ୍ର ଇନ୍ଦ୍ରଜିତ, ସମାଜସେବୀ କୃଷ୍ଣଚନ୍ଦ୍ର ମହାପାତ୍ର, ମାନସ ସାହୁ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଧନେଶ୍ୱର ନାୟକ ପ୍ରଭୃତି ଅତିଥିଭାବେ ମଞ୍ଚମଣ୍ଡନ କରିଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଡ଼ଃ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପ ଦୀପଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଅତିଥିମାନେ ସମ୍ବିଧାନ ପ୍ରଣେୟତା ଡ଼ଃ ଆମ୍ବେଦକରଙ୍କ ଜିବନୀ ଓ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଉପସ୍ଥିତ ଶତାଧିକ ବୁଦ୍ଧିଜୀବୀ, ସମାଜସେବୀ ଓ ଯୁବଗୋଷ୍ଠୀ ନିଜନିଜ ବକ୍ତବ୍ୟରେ ଡ଼ଃ ଆମ୍ବେଦକରଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବିଧାନ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି ଯାହା ଫଳରେ ଭାରତୀୟ ସମ୍ବିଧାନ ସାରା ବିଶ୍ୱକୁ ଦିଗଦର୍ଶନ ଦେଇପାରୁଛି। ଶେଷରେ ଡ଼ଃ ଆମ୍ବେଦକରଙ୍କ ଫଟୋଚିତ୍ର ସହିତ ସମସ୍ତ ଅତିଥି ଓ ଉପସ୍ଥିତ ବ୍ୟକ୍ତିମାନେ ସହର ପରିକ୍ରମା କରିଥିଲେ।

● **ଚାରିଛକ:** ଅଲ୍ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ଚାରିଛକ ଶାଖା ପକ୍ଷରୁ ଚାରିଛକ କାର୍ଯ୍ୟାଳୟଠାରେ ଜ୍ଞାନର ପ୍ରତୀକ, ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡଃ ବି.ଆର୍. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଚାରିଛକ ଶାଖାର ମୁଖ୍ୟଃ ତୋଫାନ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ



ସେନାଧିକାରୀ ସଂଜୟ ସାମଲ, ବିପିନ କୁମାର ଦାଶ, ପ୍ରକାଶ କାଣ୍ଡି, ସମାଜସେବୀ ବିଶ୍ୱନାଥ ଭୋଇ, ଶିବ ଭୋଇ, ରମେଶ ଭୋଇ, ସୁମନ୍ତ ବେଜ୍, ଆର୍ତ୍ତ ଭୋଇ ପ୍ରମୁଖ ଯୋଗଦେଇ ବାବା ସାହେବ ଡଃ ଆମ୍ବେଦକରଙ୍କ ବହୁମୁଖି ପ୍ରତିଭାର ଆଲୋଚନା କରିଥିଲେ। ଭାରତ ପାଇଁ ତାଙ୍କ ଅନଦାନ ବିଷୟରେ ବର୍ଣ୍ଣନା କରିବାକୁ ଯାଇ ଅତିଥିମାନେ କହିଥିଲେ ଭାରତ ଶିକ୍ଷା, ଅର୍ଥନୀତି, ଯୋଜନା, ବିଦେଶ ନୀତି ଓ ନାରୀ ଶିକ୍ଷା ସମାଜର ଉଦ୍ଧାର ଓ ପ୍ରଗତି, ସରକାରୀ ଚାକିରି କରିଥିବା ନାରୀମାନଙ୍କର ପ୍ରସୂତିକାଳୀନ ସବୈତନିକ ଛୁଟି, କର୍ମଚାରୀମାନଙ୍କର ପ୍ରୋଭିଡେଣ୍ଟ୍ ଫଣ୍ଡ, ଶ୍ରମିକମାନଙ୍କର ଶ୍ରମଦାନର ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ, ଶିଶୁଶ୍ରମିକ ପ୍ରଥା ଉଚ୍ଛେଦ, ଶୋଷିତ ଦଳିତବର୍ଗର ଜନସାଧାରଣଙ୍କ ଉନ୍ନତି ନିମନ୍ତେ ସେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି। ସାମାଜିକ ସ୍ତରରେ ଥିବା କୁପ୍ରଥା ବିରୋଧରେ ସେ ସ୍ୱର ଉଠାଇ ଅନେକ କଥାକୁ ବନ୍ଦ କରାଇବାରେ ସଫଳ ହୋଇଥିଲେ। ତେଣୁ ସେ ଚିରନମସ୍ୟ ଓ ଶ୍ରଦ୍ଧାଞ୍ଜଳିର ପାତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ଜୟନ୍ତୀକୁ ଅଲ୍ ଓଡ଼ିଶା ବିକାଶ ପରିଷଦର ସାଧାରଣ ସଂପାଦକ ନିରଞ୍ଜନ ରାଉତ ପରିଚାଳନା କରିଥିଲେ।

● **ନେମାଳ:** ସମ୍ବିଧାନର ପ୍ରଣେତା ଭାରତରତ୍ନ ଡ. ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ ନିଶ୍ଚିନ୍ତକୋଇଲି ଖଣ୍ଡ ପକ୍ଷରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶଶିକାନ୍ତ ପଣ୍ଡା, ରଞ୍ଜନ କୁମାର ଦାସ, ସନ୍ତୋଷ କୁମାର ଦାସ, ସଞ୍ଜୟ ବେହେରା ପ୍ରମୁଖ ଯୋଗଦେଇ ଆମ୍ବେଦକରଙ୍କ ଜୀବନ ଚର୍ଯ୍ୟା



ଓ ସମ୍ବିଧାନ ପ୍ରଣୟରେ ତାଙ୍କର ଭୂମିକା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ସମ୍ବିଧାନର ପ୍ରଣେତା ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସମ୍ବିଧାନ ଗଠନରେ ତାଙ୍କର ରହିଥିବା ଭୂମିକା ଅତୁଳନୀୟ ବୋଲି ବର୍ଣ୍ଣନା କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ। ନିଶ୍ଚିନ୍ତକୋଇଲି ପଂଚାୟତ ଓଥକା ଠାରେ ଆମ୍ବେଦକର ଭବନ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ସଙ୍ଘର କାର୍ଯ୍ୟକର୍ତ୍ତାମାନେ ବ୍ଲକ ଛକରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ଉତ୍ସବରେ ବିଶିଷ୍ଟ ଦଳିତ ନେତା ବଟକୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସମାଜସେବୀ ଦେବେନ୍ଦ୍ରେ ବସ୍ତିଆ, ଆଇନଜୀବୀ ଭାସ୍କର ବେହେରା ପ୍ରମୁଖ ଯୋଗଦେଇଥିଲେ।

● **ପିପିଲି:** ଆଜି ସମ୍ବିଧାନ ପ୍ରଣେତା ଡଃ ଭି.ଆର ଆମ୍ବେଦକରଙ୍କ ୧୩୫ତମ ଜନ୍ମ ଜୟନ୍ତୀ ଉତ୍ସବ ପିପିଲି ଓଭର ବ୍ରିଜ ନିକଟ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ନିକଟରେ ପାଳିତ ହୋଇଯାଇଛି। ଜାତୀୟ ଦଳିତ ଆଦିବାସୀ ମାଇନୋରଟ ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଙ୍କ ନେତୃତ୍ୱରେ ଏହି ଦିବସ ପାଳନ



ହେଉଥିବା ବେଳେ ଜାତୀୟ ଦଳିତ ଆଦିବାସୀ, ସଂଖ୍ୟାଲଘୁ ଓ ସିପିଆଇ ଏମ୍ଏଲ ଲିବରେସନର ସମସ୍ତ କର୍ମକର୍ତ୍ତା ମାନେ ଏଥିରେ ଯୋଗ ଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପିପିଲି ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସିପିଆଇ ଏମ୍ ଏଲ ଲିବରେସନ ନେତା ଅଶୋକ ପ୍ରଧାନ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, କଂଗ୍ରେସ ପୁରୀ ଜିଲ୍ଲା ସଭାନେତ୍ରୀ ନିରୁପମା ପାତ୍ର, ନେତା ଜ୍ଞାନ ରଂଜନ ପଟ୍ଟନାୟକ, ସମାଜସେବୀ ଅନାଦି ସ୍ୱାଇଁ, ସଂଗଠନ ର ବରିଷ୍ଠ ନେତା ଗଙ୍ଗାଧର ସେଠୀ, ରାଜ୍ୟ ସମ୍ପାଦିକା ସୋନିଲତା ସେଠୀଙ୍କ ସହ ବହୁ ନେତୃବୃନ୍ଦମାନେ ଏଥିରେ ସାମିଲ ହୋଇ ଡଃ ଭି.ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରି ଆମ୍ବେଦକରଙ୍କ ଦେଶ ପ୍ରତି ସଂଗ୍ରାମୀ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଆମ୍ବେଦକରଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ ଦେଶପ୍ରେମୀ ମନୋଭାବ ରଖିବା ପାଇଁ ଅତିଥିମାନେ ଉପସ୍ଥିତ ସାଧାରଣ ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

● **ଖଣ୍ଡପଡ଼ା:** ଖଣ୍ଡପଡା ବ୍ଲକ ଅଧିନ କୁମ୍ଭାରପଡା ଗ୍ରାମସ୍ଥିତ ବାବା ସାହେବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆମ୍ବେଦକରଙ୍କ ଜୟନ୍ତୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତ ମୁକ୍ତି ମୋର୍ଚ୍ଚାର ରାଜ୍ୟ ଉପ ସଭାପତି ଜଗଦୀଶ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ରାଜ୍ୟ ସଂଯୋଜିକା କବିତା ସାହୁ, ପଞ୍ଚାନନ ନାହାକ, କାହ୍ନୁଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ବାବା ସାହେବ ଆମ୍ବେଦକରଙ୍କ ଜୀବନ ଦର୍ଶନ, ଦେଶ ପାଇଁ ତାଙ୍କର ଅତୁଳନୀୟ ଅବଦାନ ସଂପର୍କରେ ଆଲୋକପାତ



କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ବାବା ସାହେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଶେଷରେ ତାରିଣୀ ପ୍ରସାଦ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

● **ଅସ୍ତରଙ୍ଗ:** କାକଟପୁର ଠକରବାପା ଆଶ୍ରମ ପରିସରରେ ଭାରତ ରତ୍ନ ବାବାସାହେବ ଡ଼ଃ ବି.ଆର୍. ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ସ୍ୱର୍ଗତ ଗୋବିନ୍ଦ ସେଠଙ୍କ ସୁପୁତ୍ର ଅଶୋକ ସେଠଙ୍କ ଅଧ୍ୟକ୍ଷତାରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ ଓ ଡ଼ଃ ଆମ୍ବେଦକରଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେବା ସହ ଖୁବ୍‌ଶିଘ୍ର ବିଧାୟକ ପାଣ୍ଠିରୁ ଆଶ୍ରମ ପରିସରରେ ଡ଼ଃ ଆମ୍ବେଦକରଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ଜରିବା ସହ ଆଶ୍ରମ ଚତୁଃର୍ପାଶ୍ୱରେ ପାଚେରୀ ନିର୍ମାଣ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ପରେ ଆଶ୍ରମ ପରିସରରୁ ସଭ୍ୟମାନେ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ବାଉରୀପୋଖରୀ ଗ୍ରାମରେ ଥିବା ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଯୋଗେଶ୍ୱରପୁର ଓ ଅସ୍ତରଙ୍ଗ ଅଭିମୁଖେ ଶୋଭାଯାତ୍ରା ଯାଇ କୁଆମଚଣ୍ଡୀ ପୀଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଆଶ୍ରମର ସଭାପତି ଜୟରାମ ମଲ୍ଲିକ, ସମ୍ପାଦକ ପ୍ରେମାନନ୍ଦ ଗୋଛାୟତ, ରାମଚନ୍ଦ୍ର ରଣା, ବିଦ୍ୟାଧର ଭୋଇ, ତପନ ଭୋଇ, ଅଭିରାମ ମଲ୍ଲିକ, ରାଜେଶ ଖଟୋଇ, କାଶୀନାଥ, ନରେଶ, ପ୍ରକାଶ ପ୍ରମୁଖ ଯୋଗଦେଇଥିଲେ।



## ହନୁମାନ ଜୟନ୍ତୀରେ ବଜରଙ୍ଗ ଦଳର ବିଶାଳ ରାଲି



**ବାଣପୁର,୧୪।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ-ବାଣପୁର ସହରରେ ଆଜି ଅନୁଷ୍ଠିତ ହୋଇଯାଇଛି ବିଶାଳ ରାଲି। ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବ ବର୍ଷ ଉପଲକ୍ଷେ ବଜରଙ୍ଗ ଦଳ ପକ୍ଷରୁ ଅନୁଷ୍ଠିତ ହୋଇଥିଲା ଉକ୍ତ ରାଲି। ବଜରଙ୍ଗ ଦଳ ଚିଲିକା ପ୍ରଖଣ୍ଡର ଆହ୍ୱାନକ୍ରମେ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଶହ ଶହ ରାମ ଭକ୍ତ। ଶୋଭାଯାତ୍ରାଟି ଅପରାହ୍ନରେ ବାଲୁଗାଁ ମାମୁଁ ଭଣଜା ପାହାଡ଼ ନିକଟରୁ ବାହାରି ସାରା ବାଲୁଗାଁ ସହର ପରିକ୍ରମା କରିଥିଲା ଏବଂ ଏହାପରେ ବାଣପୁର ସହର ପରିକ୍ରମା କରି ପରିଶେଷରେ ପଲଟନ ପଡିଆ ନିକଟରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରା ସମୟରେ ଉଭୟ ସହର 'ଜୟ ଶ୍ରୀରାମ',

### ଯୋଗଦେଲେ ଆଇନ୍ ମନ୍ତ୍ରୀ ଓ ପୁରୀ ସାଂସଦ

'ଭାରତ ମାତାକି ଜୟ' ଆଦି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ତେବେ ପ୍ରତିବର୍ଷ ପରି ଚଳିତଥର ମଧ୍ୟ ହନୁମାନ ଜୟନ୍ତୀରେ ଏପରି ଦୃଶ୍ୟ ଦେଖିଲେ ବାଣପୁର-ବାଲୁଗାଁବାସୀ। ବିରାଟକାୟ ହନୁମାନଙ୍କ ପତାକା ଧରି ରାମଭକ୍ତମାନେ ନାଚି ନାଚି ସହର ପରିକ୍ରମା କରିଥିଲେ। ଉକ୍ତ ରାଲିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ନେତୃବୃନ୍ଦ ଉପସ୍ଥିତ ଥିଲେ। ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ, ବାଲୁଗାଁ ଆଇଆଇସି ଜୟପ୍ରକାଶ ପରିଡ଼ା, ବାଣପୁର ଆଇଆଇସି ରମେଶ କୁମାର ଦେବତାଙ୍କ ତତ୍ତ୍ୱାବଧାନରେ ଉଭୟ ବାଣପୁର ଏବଂ ବାଲୁଗାଁ ପୁଲିସର କଡ଼ା ସୁରକ୍ଷା ମଧ୍ୟରେ ଉକ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ମା' ହାଡ଼ବାଈ ଯାତ୍ରା ଉଦ୍‌ଘାଟିତ

**ଫୁଲନଖରା,୧୪।୪/ଏନ୍ଏନ୍ଏସ୍:** ସିଏମ୍‌ସି ୫୮ନମ୍ବର ୱାର୍ଡ଼ ଅନ୍ତର୍ଗତ ନୂଆଗଡ଼ଠାରେ ମା' ହାଡ଼ବାଈଙ୍କ ଯାତ୍ରା ମହୋତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ନୂଆଗଡ଼ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ବିକ୍ରମ କେଶରୀ ଶତପଥିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପ୍ରାକ୍ତନ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ୫୮ନମ୍ବର ୱାର୍ଡ଼ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ପ୍ରାକ୍ତନ କର୍ପୋରେଟର ରାଜକୁମାରୀ ସ୍ୱାଇଁ ଓ ପ୍ରମୋଦ ମହାପାତ୍ର, ଯାତ୍ରା କମିଟି ସଭାପତି ଶିଶିର ରାଉତ, କେଦାରନାଥ ସିଂ, ଅଜିତ ରାଉତ, ଉମ୍ବରୁଧର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ସନ୍ତୋଷ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ଜନକଲ୍ୟାଣ ମଞ୍ଚ ପକ୍ଷରୁ ବିଷୁବ ମିଳନ



**ମାହାଙ୍ଗା,୧୪।୪/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ନୁର୍ତାଙ୍ଗସ୍ଥିତ ପ୍ରଭୁ ଗୋବର୍ଦ୍ଧନେଶ୍ୱର ପୀଠ ପରିସରରେ ବରିଷ୍ଠ ବରିଷ୍ଠ ନାଗରିକ ଜନ କଲ୍ୟାଣ ମଞ୍ଚ ନୁର୍ତାଙ୍ଗ ପକ୍ଷରୁ ବିଷୁବ ମିଳନ ଓ ଓଡ଼ିଆ ନୂଆ ବର୍ଷ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟମଣି ସାମଲ ଉଦ୍‌ଘାଟକ ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଗୀତିକାର ବିଶ୍ୱେଶ୍ୱର ମହାନ୍ତି ଯୋଗଦେଇ ଓଡିଆ ନବ ବର୍ଷର ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିବା ସହ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧାପକ ଅଜୟ ଚନ୍ଦ୍ର ସାହୁ, ବିଶିଷ୍ଟ ଅତିଥିଭାବେ ଶିକ୍ଷାବିତ୍ ଶିବ ପ୍ରସାଦ ଦାଶ, ସମ୍ମାନିତ ବକ୍ତାଭାବେ ଜେ.ଏନ୍ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରତାପ କୁମାର ଚୌଧୁରୀ, ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ବିଶ୍ୱଜିତ ସେଠୀ, ଶିକ୍ଷୟିତ୍ରୀ ଆରତୀ ପଣ୍ଡା, ସମାଜସେବୀ ଶ୍ୟାମସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇ ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ମାଧବ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସହ ସଂପାଦକ ଜଳଧର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ପୁରୁଷୋତ୍ତମ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ବାରିକ, ରମାକାନ୍ତ ବରାଳ, ସୁରେନ୍ଦ୍ର ଚନ୍ଦ୍ର ମାଢେଇ, ଶତ୍ରୁଘ୍ନ ବିଶ୍ୱାଳ, ପ୍ରଫୁଲ୍ଲ କୁମାର ପଣ୍ଡା, ଗଣେଶ୍ୱର ବାରିକ, ବିଷ୍ଣୁଚରଣ ମାଝି, ରଙ୍ଗାଧର ନାୟକ, ପ୍ରଦୀପ୍ତ ଚୌଧୁରୀ, ବ୍ରଜବନ୍ଧୁ ବେହେରା, ରାମଚନ୍ଦ୍ର ପୃଷ୍ଟି, ଶରତ ଚନ୍ଦ୍ର ବାରିକ, ଚନ୍ଦ୍ରକାନ୍ତ ପଣ୍ଡା, ସୁନାକର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଡ଼ିଆ ନବବର୍ଷରେ ଏକାଠି ହେଲେ ସମୀରଙ୍କ ସମର୍ଥକ




**ଗୋପ,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ପଣାସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷରେ ଏକାଠି ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ହଜାର ହଜାର ସମର୍ଥକ। ନିମାପଡ଼ାରୁ ହଜାର ହଜାର ସମର୍ଥକମାନେ ସମୀରଙ୍କ ସହ ବାଇକ୍ ରାଲି ଯୋଗେ ଗୋପ ଅଭିମୁଖେ ଯାତ୍ରା କରିଥିବାବେଳେ ରାସ୍ତାଘାଟ ଜୟ ଶ୍ରୀରାମ ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଗତ ନିର୍ବାଚନରେ ଦଳୀୟ ଟିକେଟ୍ ନମିଳିବାରୁ ସମୀର ବିଜେପିରେ ମିଶିଥିବାବେଳେ ତାଙ୍କର ହଜାର ହଜାର ସମର୍ଥକ ମଧ୍ୟ ବିଜୁ ଜନତା ଦଳ ତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ସାମିଲି ହୋଇଥିଲେ। ନିର୍ବାଚନ ପରେ ସମୀରଙ୍କୁ କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିନଥିବାବେଳେ ସେ ଭାରତୀୟ ଜନତା ପାର୍ଟି ପାଇଁ କାର୍ଯ୍ୟ ଜାରି ରଖିଛନ୍ତି। ବିଭିନ୍ନ ସଭା ସମିତି ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। ଏ ନେଇ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଲାଗି ରହିଛି। ସୋମବାର ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ହଜାର ହଜାର ସମର୍ଥକ ଏକତ୍ରିତ ହୋଇ ଏକ ବାଇକ୍ ରାଲିରେ ଗୋପ ଅଭିମୁଖେ ଯାତ୍ରା କରିଥିଲେ। ବିଭିନ୍ନ ସମୟରେ ପୂର୍ବତନ ମନ୍ତ୍ରୀ ସମୀର ଦାଶଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶୋଭାଯାତ୍ରା ଗୋପ ସ୍ଥିତ ଆଖଣ୍ଡଳେଶ୍ୱର ଶୈବ ପୀଠ ଠାରେ ପହଞ୍ଚିଥିବା ପରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଅକ୍ଷୟ କୁମାର ସାହୁ, ପ୍ରଦୀପ କୁମାର ଖଟୋଇ, ଜୀବନାନନ୍ଦ ମହାପାତ୍ର, ସ୍ଥାନୀୟ ସରପଞ୍ଚ ସୁଲୋଚନା ଦାସ, ରବୀନ୍ଦ୍ରନାଥ ନାୟକ, ହେମନ୍ତ ଛୋଟରାୟ, କୃଷ୍ଣଚନ୍ଦ୍ର ବେହେରା, ମନଦୀପ୍ ପାଇକ୍‌ରାୟ, ସ୍ୱରାଜ ମହାନ୍ତି, କମଳାକାନ୍ତ ମହାନ୍ତି, ଶଙ୍କର ଭୋଇ, ପ୍ରତାପ ପରିଡ଼ା ଉପସ୍ଥିତ ଥିଲେ। ପଣାସଂକ୍ରାନ୍ତି ଅବସରରେ ପୂର୍ବତନ ବିଧାୟକ ଶ୍ରୀ ଦାଶ ପଣା ବଣ୍ଟନ କରିଥିଲେ।

## ପ୍ରାଚୀ ସାହିତ୍ୟ ସଂସଦ ପକ୍ଷରୁ ବିଷୁବ ମିଳନ, କବିତା ପାଠୋତ୍ସବ




**ଚାରିଛକ,୧୪।୪/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରିଛକ ପ୍ରାଚୀ ସାହିତ୍ୟ ସଂସଦ ତରଫରୁ ବିଷୁବ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଫେସର ଗୋପୀନାଥ କରଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟଃ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର, ବିଶିଷ୍ଟ ଅତିଥିଭାବେ ନିମାପଡ଼ା ପୂର୍ବତନ ବିଧାୟକ ବେଣୁଧର ସେଠୀ, ମୁଖ୍ୟବକ୍ତା ଭାବେ ସାଂସଦଙ୍କ ନିମାପଡ଼ା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସମ୍ମାନିତ ଅତିଥିଭାବେ ନିମାପଡା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ପ୍ରାକ୍ତନ ଅଧ୍ୟକ୍ଷ ଡଃ ପ୍ରଭାତ କୁମାର ମିଶ୍ର, ଅଧ୍ୟାପକ ଡଃ. ରବୀନ୍ଦ୍ରନାଥ ପାଢ଼ି, ପ୍ରାକ୍ତନ ପ୍ରାଧ୍ୟାପକ ପଞ୍ଚାନନ ସାହୁ, ପ୍ରାକ୍ତନ ଆଇଆର୍ଏସ୍ ଚନ୍ଦ୍ରକାନ୍ତ ଦଳେଇ, ପୂର୍ବତନ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ସମାଜସେବୀ ସନାତନ ପାତ୍ର, ବନବିହାରୀ ଦାଶ, ତ୍ରିଲୋଚନ କର, କାହ୍ନୁ ଚରଣ ବେହେରା, ବସନ୍ତ ପାତ୍ର, କୋଣାର୍କ ସାହିତ୍ୟ ସଂସଦର ସଂପାଦକ ରବୀନ୍ଦ୍ର କୁମାର ବାହିନୀପତି ପ୍ରମୁଖ ଯୋଗଦେଇ ମହାବିଷୁବ ପଣା ସଂକ୍ରାନ୍ତୀର ତାତ୍ପର୍ଯ୍ୟ ସଂପର୍କରେ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା କବି ଅଧ୍ୟାପକ ଜୀବନ ଦାଶ, ଅମରେଶ୍ୱର ତ୍ରିପାଠୀ, ମୂରଲୀଧର ଭାରତୀ, କ୍ଷମାନିଧି ତ୍ରିପାଠୀ, ସନ୍ତୋଷ କୁମାର ଦାଶ, ଆଇନଜୀବୀ, ସରୋଜ କୁମାର ମହାନ୍ତି, ଲକ୍ଷ୍ମୀଧର ସାହୁ, ଚିତ୍ତରଞ୍ଜନ ପୃଷ୍ଟି, ସୁଶାନ୍ତ ଜେନା, ବିଶ୍ୱଜିତ ଦଳାଇ, ଚିକୁନ କୁମାର ସାହୁ, ଜନ୍ମେଜୟ ପଣ୍ଡା, ସବିତା ସିନ୍ହା, ତପସ୍ୱିନୀ ନାୟକ, ଜୟନ୍ତୀ ସ୍ୱାଇଁ ଆଦି୨୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଔପନ୍ୟାସିକ, ଆଇନଜୀବୀ ସରୋଜ କୁମାର ମହାନ୍ତିଙ୍କ ଲିଖିତ ପୁସ୍ତକ 'କାହିଁକି ମୁଁ' ର ଉନ୍ମୋଚନ କରାଯାଇଥିବା ବେଳେ ସଂସଦ ତରଫରୁ ଚାରିଛକ ସାମ୍ବାଦିକ ସଂଘର ସଭାପତି ପ୍ରଫୁଲ୍ଲ କୁମାର କର, ସଂପାଦକ ବସନ୍ତ ଦାସ ଓ ୨ଜଣ କବୟିତ୍ରୀ ତପସ୍ୱିନୀ ନାୟକ ଓ ଜୟନ୍ତୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ନିରୋଦ କୁମାର ତ୍ରିପାଠୀ ସଂଯୋଜନା କରିଥିବା ବେଳେ ସଂସଦର ସଂପାଦକ ଡଃ ସନ୍ତୋଷ କୁମାର ମିତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ଶିକ୍ଷାବିତ ନିରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।

ନିତି ଭାରତୀ

ଗାଁ ହେଉ ବା ସହରର ପିଲାମାନଙ୍କୁ ମୌଳିକ ଶିକ୍ଷା ଭାରତରେ ଯାହା କିଛି ସର୍ବୋତ୍କୃଷ୍ଟ ଏବଂ ଦୀର୍ଘସ୍ଥାୟୀ, ତାହା ସହିତ ଯୋଡ଼ିଥାଏ। - ମହାତ୍ମା ଗାନ୍ଧୀ

ନିତିଦିନ NITIDIN
ମଙ୍ଗଳବାର, ୧୫ ଏପ୍ରିଲ, ୨୦୨୫

# ୱାକଫ୍ ଆଇନ: କିଛି ଆଲୋଚନା

ଭାରତ ସରକାର ଯେପରି ନିଷ୍ପତ୍ତିମୂଳକ ଦୃଢ଼ ପଦକ୍ଷେପ ନେଇ ୩୭୦ ଧାରାକୁ ଉଚ୍ଛେଦ କରିଥିଲେ, ତିନି ତଲାକ୍‌କୁ କ୍ରିମିନାଲାଇଜେସନ୍ ବା ଅପରାଧୀକରଣ କରିଥିଲେ, ସିଟିଜନ୍‌ସିପ୍ ଆମେଣ୍ଡମେଣ୍ଟକୁ ପାର୍ଲାମେଣ୍ଟରେ ଗୃହୀତ କରାଇ ଆଇନରେ ପରିଣତ କରିଥିଲେ, ସେହି କ୍ରମରେ ଏବେ ଆଇନରେ ପରିଣତ କରିଛନ୍ତି ୱାକଫ୍ ଆମେଣ୍ଡମେଣ୍ଟ ଆକ୍ଟକୁ। ୧୯୯୫ ମସିହାରେ ହୋଇଥିବା ୱାକଫ୍ ଆକ୍ଟରେ ଥିବା ଇସ୍ୟୁଗୁଡ଼ିକୁ ଅପ୍‌ଡେଟ୍ କରିଛନ୍ତି, ୱାକଫ୍ ବୋର୍ଡ଼ର ସାମର୍ଥ୍ୟ ବୃଦ୍ଧି କରାଇଛନ୍ତି, ୱାକଫ୍‌ର ସଂଜ୍ଞା ନିରୂପଣ କରିଛନ୍ତି। ପୁରାତନ ଏହି ଆଇନର ଅନେକ ଧାରାର ସ୍ଥାପନ ୧୯୧୩ ମସିହାରେ ଇଂରେଜମାନେ କରିଥିଲେ। ଆମ ଦେଶକୁ ଡିଭାଇଡ୍ ଆଣ୍ଡ ରୁଲ୍ ମାଧ୍ୟମରେ ଶାସନ କରିବା ଉଦ୍ଦେଶ୍ୟରେ ଦେଶର ଏକତାକୁ ଧାର୍ମିକ ଧାରାରେ ଭାଗ ଭାଗ କରିବା ଲକ୍ଷ୍ୟ ନେଇ ଏହି ଆଇନ କରାଯାଇଥିଲା। ତାହା ସମ୍ବିଧାନର ବିରୋଧୀ ଥିଲା। ଏହା ନାଗରିକମାନଙ୍କ ମଧ୍ୟରେ ପାତରଅନ୍ତର ଭେଦଭାବ ସୃଷ୍ଟି କରୁଥିଲା, ଯାହା



ତପୋଧନ ପଣ୍ଡା

ସମ୍ବିଧାନର ଧାରା ୧୪, ୧୫, ୧୬ ଓ ୨୧ ଅଧୀନରେ ଅନୁମୋଦନଯୋଗ୍ୟ ନୁହେଁ। ସେ ଯାହାହେଉ, ଆମ ଦେଶର ସାମାଜିକ ବିବିଧତା ମଧ୍ୟରେ ଏକତା ସୃଷ୍ଟି କରିଥିବା ସାମାଜିକ-ଅର୍ଥନୈତିକ ବୈଶିଷ୍ଟ୍ୟ ଭିତରେ ସୃଷ୍ଟି କରାଯାଇଥିବା ୱାକଫ୍ ଏକ ଗୁରୁତ୍ୱପୂର୍ଣ୍ଣ, ଅଥଚ ସଂପୂର୍ଣ୍ଣ ଉପଯୋଗୀ ହୋଇ ପାରୁ ନଥିବା ଏକ ଅନୁଷ୍ଠାନ ଭଳି ତିଷ୍ଠି ରହିଥିଲା। ତେବେ ଏହି ୱାକଫ୍‌ର ଉଦ୍ଦେଶ୍ୟ କ'ଣ, ଏହା ଧାର୍ମିକ ଇସ୍ୟୁ ନା ସଂପତ୍ତି ଇସ୍ୟୁ, କୌଣସି ଅଣ-ମୁସଲିମ୍ ନିଜର ସଂପତ୍ତି ୱାକଫ୍‌କୁ ଦେଇ ପାରିବ କି ନାହିଁ, ଏଥିରେ ପରିବାରର ମହିଳାଙ୍କ ପାଇଁ କିଛି ଅଛି କି ନାହିଁ ଏବଂ ୱାକଫ୍ ଅଧୀନରେ ଥିବା ସଂପତ୍ତି କେବଳ ଦାନ ଭାବେ ଗ୍ରହଣ କରାଯାଇଛି ନା ଅକ୍ତିଆର କରାଯାଇଛି !

ଗୋଟିଏ ଉଦାହରଣରୁ ବୁଝା ପଡ଼ିବ କଥାଟି। ୧୯୯୫ ୱାକଫ୍ ଆକ୍ଟର ସଂଶୋଧନ କରାଯାଇଥିଲା ୨୦୧୩ରେ, ଯେଉଁଥିରେ ୱାକଫ୍ ସଂପତ୍ତି ସହିତ କୌଣସି ପାର୍ଟିର ବିବାଦ ଘଟିଲେ ସୃଷ୍ଟି କରାଯାଇଥିବା ଟ୍ରିବ୍ୟୁନାଲର କ୍ଷମତା ଓ କାର୍ଯ୍ୟକାରିତାକୁ ସଶକ୍ତ କରିବାକୁ ପ୍ରାଧାନ୍ୟ ଦିଆ ଯାଇଥିଲା ଓ ସେଣ୍ଟ୍ରାଲ ୱାକଫ୍ କମିଶନ ପ୍ରତିଷ୍ଠା କରାଯାଇଥିଲା ପ୍ରତ୍ୟେକ ରାଜ୍ୟରେ ଥିବା ୱାକଫ୍ ବୋର୍ଡ଼ଗୁଡ଼ିକର କାର୍ଯ୍ୟକାରିତାକୁ ତଦାରଖ କରି କ୍ରିୟାଶୀଳ କରାଇବା ଉଦ୍ଦେଶ୍ୟ ନେଇ। ତେବେ ୧୯୧୩ରୁ ୨୦୧୩ ଏଇ ୧୦୦ ବର୍ଷ ଭିତରେ ୱାକଫ୍ ବୋର୍ଡ଼ଗୁଡ଼ିକ ମ୍ୟାନେଜ୍ କରୁଥିଲେ ପାଖାପାଖି ୧୮ ଲକ୍ଷ ଏକର ଲ୍ୟାଣ୍ଡ, କିନ୍ତୁ ୨୦୧୩ରୁ ୨୦୨୫- ଏଇ ୧୨ ବର୍ଷ ଭିତରେ ସେମାନଙ୍କ ପାଖରେ ବଢ଼ି ଏହା ହୋଇଛି ଏକ ଲକ୍ଷ ଏକର। ତେବେ ଏଥିରୁ ସୂଚୀତ ହୁଏ, କେତେକ ବ୍ୟକ୍ତିବିଶେଷ ନିଜର ନିହିତ ସ୍ୱାର୍ଥ ସାଧନ ନିମିତ୍ତ ୱାକଫ୍ ଆଇନର ଦୁରୁପଯୋଗ କରିଛନ୍ତି। ଖାଲି ସେତିକି ନୁହେଁ, ତାମିଲନାଡୁର ତିରୁଚିରାପଲ୍ଲୀ ନାମକ ସଂପୂର୍ଣ୍ଣ ଗାଁକୁ ୱାକଫ୍ ଦାବି କରୁଛି ନିଜର ବୋଲି। ସେଠାରେ ବସବାସ କରୁଥିବା ଅଧିବାସୀମାନେ ୧୪୦୦ ବର୍ଷ ପୁରାତନ ଏକ ଧର୍ମକୁ ପାଳନ କରୁଛନ୍ତି ଓ ସେଠାରେ ସେମାନଙ୍କର ୧୫୦୦ ବର୍ଷ ତଳେ ନିର୍ମିତ ଏକ ମନ୍ଦିର ଅଛି। ପାର୍ଲାମେଣ୍ଟ ବିଲ୍ଡିଂକୁ ଗୋଟିଏ ୱାକଫ୍ ଦାବି କରୁଛି ନିଜର ସଂପତ୍ତି ବୋଲି। ସେହିପରି ଭେଟ୍ ଦ୍ୱାରକାକୁ, ତାଜ୍‌ମହଲ୍‌କୁ ଇତ୍ୟାଦି। ଏଥିରୁ ଆଇନ୍‌ର ଦୁରୁପଯୋଗ ସୁସ୍ପଷ୍ଟ।

ଭାରତ ସରକାର ଏହି ଆଇନ ଆଣିବା ପାଇଁ ଯେବେ ୱାକଫ୍ ବିଲ୍‌କୁ ଲୋକସଭାରେ ଉପସ୍ଥାପନ କଲେ, ଭୀଷଣ ଗଣ୍ଡଗୋଳ ଆରମ୍ଭ ହୋଇଗଲା ଶାସକ ଓ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ। ଏହାକୁ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟିକୁ ପଠାଇ ଦିଆଗଲା। ୬ ମାସ ମଧ୍ୟରେ ଏହି କମିଟି ୨୮ଟି ମିଟିଂ ଆହୂତ କଲେ ଅନେକ ରାଜ୍ୟର ୱାକଫ୍ ବୋର୍ଡ଼ଗୁଡ଼ିକର ସଦସ୍ୟଙ୍କ ସହିତ ଓ ତତ୍ ସହିତ ଅନେକ ସେଥିରେ ଜଡ଼ିତ ବ୍ୟକ୍ତିବିଶେଷ, ଆଇନ ବିଶେଷଜ୍ଞ ଇତ୍ୟାଦିଙ୍କ ସହିତ। ୧୨୮ ଘଣ୍ଟା ପରାମର୍ଶ ଲୋଡ଼ିଲେ। ଏକ ଘଟଣାରେ କ୍ଷୁବ୍ଧ ହୋଇ ଏକ ନିର୍ଦ୍ଦିଷ୍ଟ ଦଳର ସଦସ୍ୟ ଗୋଟେ କାଚ ବୋତଲକୁ ଭାଙ୍ଗି ଜେପିସି ଚେୟାର ଉପରକୁ ଫିଙ୍ଗିବା ଘଟଣା ବି ଘଟିଲା। ତେବେ ଜେପିସି ଦେଇଥିବା ସଂଶୋଧନ, ପରାମର୍ଶ ଇତ୍ୟାଦିକୁ ନେଇ ଫାଇନାଲ ବିଲ ଉଭୟ ଲୋକସଭା, ରାଜ୍ୟସଭାରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ ଆଇନରେ ପରିଣତ ହୋଇଛି।

ତେବେ ୱାକଫ୍ କ'ଣ? ଏହା ଏକ ମୁସଲିମ୍ ଅନୁଷ୍ଠାନ। ଯଦି ଜଣେ ମୁସଲିମ୍ ନିଜର ସ୍ଥାବର ବା ଅସ୍ଥାବର ସଂପତ୍ତିକୁ କୌଣସି ଧାର୍ମିକ, ଚାରିଟେବ୍ଲ କାର୍ଯ୍ୟ ପାଇଁ ଦାନ କରେ ସ୍ଥାୟୀ ଭାବରେ, ତାହା ୱାକଫ୍ ହୋଇଯାଏ। ତାକୁ ଆଉ ଫେରସ୍ତ ଅଣାଯାଇ ପାରିବ ନାହିଁ, କାରଣ ଏହା ଈଶ୍ୱରଙ୍କ ନାମରେ ଦାନ କରାଯାଇଛି। ତାହା ୱାକଫ୍ ବୋର୍ଡ଼ ଅଧୀନକୁ ଗଲା ପରେ ବୋର୍ଡ଼ ତା' ଉପରେ ସ୍କୁଲ, ମସଜିଦ୍ ବା କବରସ୍ଥାନ, ଯାହା ଆବଶ୍ୟକ, ନିର୍ମାଣ କରି ପାରିବେ ବା ନିର୍ମାଣ ହୋଇଥିବା ବିଲ୍ଡିଂକୁ ବ୍ୟବହାର କରି ପାରିବେ। ଏଥିରୁ ଯେଉଁ ଇନ୍‌କମ୍ ମିଳିବ, ତାହା ମୁସଲିମ୍ ସଂପ୍ରଦାୟର କଲ୍ୟାଣାର୍ଥେ ବ୍ୟବହୃତ ହେବ। ସେଥିରୁ ୭ ପ୍ରତିଶତ ଷ୍ଟେଟ୍ ରଖି ପାରିବ। ଷ୍ଟେଟ୍ ବୋର୍ଡ଼ ଭଳି କେନ୍ଦ୍ରରେ ୱାକଫ୍ କାଉନ୍‌ସିଲ ରହିବା ୱାକଫ୍‌ର ମ୍ୟାନେଜରକୁ ମୁତାୱାଲି କୁହାଯାଏ। ଆମ ଦେଶରୁ ୩୦ରୁ ଉର୍ଦ୍ଧ୍ୱ ୱାକଫ୍ ବୋର୍ଡ଼ ଅଛି। ଯଦି ସେହି ପ୍ରପର୍ଟି ଉପରେ ବିବାଦ ଉପୁଜେ, ତା'ର ସମାଧାନ ନିମନ୍ତେ ଟ୍ରିବ୍ୟୁନାଲ ବି ଗଠନ କରାଯାଇଛି। ୧୯୯୫ରେ ୱାକଫ୍ ଆକ୍ଟ ଆସିଥିଲା। ତା'ର ସୁଧାର ଯାହା କିଛି ପାଇଁ ସଚ୍ଚାର କମିଟି ଗଠିତ ହୋଇଥିଲା ଓ ତା'ରି ରିପୋର୍ଟ ଅନୁସାରେ ୨୦୧୩ ୱାକଫ୍ (ସଂଶୋଧନ) ଆକ୍ଟ ଆସିଥିଲା। ସଚ୍ଚାର କମିଟି ରିପୋର୍ଟରେ ଏକ ସେକ୍ସନରେ ଥିଲା ଷ୍ଟାଟସ ଆଣ୍ଡ ପୋଟେନ୍‌ସିଆଲ ଅଫ୍ ୱାକଫ୍ ପ୍ରପାର୍ଟିଜ୍। ସେହି ଅନୁସାରେ ୨୦୦୬ ସୁଦ୍ଧା ସମଗ୍ର ଭାରତରେ ୪.୯ ଲକ୍ଷ ରେଜିଷ୍ଟ୍ରିଭୁକ୍ତ ସଂପତ୍ତି ଥିଲା ଓ ତା'ର ସମସ୍ତ ସୀମା ଥିଲା ୬ ଲକ୍ଷ ଏକର। ଅଧିକ ଥିଲା ଉତ୍ତରପ୍ରଦେଶ ଓ ବେଙ୍ଗଲ୍‌ରେ। ଏହାର ମାର୍କେଟ ମୂଲ୍ୟ ଥିଲା ୧.୨ ଲକ୍ଷ କୋଟି। ମାତ୍ର ସେଥିରୁ ଯେଉଁ ଇନ୍‌କମ୍ ଆସୁଥିଲା, ତାହା ଥିଲା ମାତ୍ର ୧୬୩ କୋଟି। ଏହା ମିସ୍‌ମ୍ୟାନେଜ୍‌ମେଣ୍ଟ ଓ ଅଣ୍ଡର ୟୁଟିଲାଇଜେସନ୍‌କୁ ଅଙ୍ଗୁଳି ନିର୍ଦ୍ଦେଶ କରେ। ଯଦି ଏହାକୁ ଠିକ୍ ଭାବରେ ମ୍ୟାନେଜ୍ କରା ଯାଇ ପାରନ୍ତା, ତା'ହେଲେ ମୁସଲିମ୍ ସଂପ୍ରଦାୟର ସାମାଜିକ, ଆର୍ଥିକ ପ୍ରଗତି ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ଜନିତ ସମସ୍ୟାକୁ ମୁକାବିଲା କରାଯାଇ ପାରନ୍ତା- ଏହା ଥିଲା କମିଟିର ପରାମର୍ଶ। ସେଥିପାଇଁ କଠୋର




ଆଇନ ମ୍ୟାନେଜମେଣ୍ଟ ପାଇଁ, ଡିଜିଟାଲ ରେକର୍ଡ଼ କିପିଙ୍ଗ୍ କରାଯିବାର ପରାମର୍ଶ ମଧ୍ୟ ଦେଇଥିଲେ। ନନ୍-ମୁସଲିମ୍ ମେମ୍ବର, ମହିଳା ସଦସ୍ୟ ଆଦି ବାବଦରେ ବି କୁହାଯାଇଥିଲା। ଏହିସବୁକୁ ଧ୍ୟାନରେ ରଖି ଅଗଷ୍ଟ ୨୦୨୪ରେ ୱାକଫ୍ ବିଲ୍‌କୁ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିଲା ଓ ତା' ସହିତ ମୁସଲିମ୍ ୱାକଫ୍ (ରିପିଲ୍) ବିଲ୍ ୨୦୨୪କୁ ମଧ୍ୟ ଉପସ୍ଥାପନ କରାଯାଇଥିଲା। ଏହା ଉପରେ ସମାଲୋଚନା ଯୋଗୁଁ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟିକୁ ପଠା ଯାଇଥିଲା ଓ ୨୫ଟି ରେକମେଣ୍ଡେସନ ସହିତ ବା ସୁପାରିସ ସହିତ ଏହା ଫେରି ଆସିଥିଲା ୩୦ ଜାନୁଆରୀରେ।

ସେଥିରେ କ'ଣ ଅଛି? ଆଗରୁ ଥିଲା ନନ୍-ମୁସଲିମ୍ ବି ନିଜ ସଂପତ୍ତି ଡୋନେଟ୍ କରି ପାରିବେ। ମାତ୍ର ଏଥିରେ ଅଛି ଯେଉଁ ବ୍ୟକ୍ତିଗତ ୫ ବର୍ଷ ଧରି ଇସ୍‌ଲାମ୍ ପ୍ରାକ୍ଟିସ୍ କରୁଥିବ ସେ ଡୋନେଟ୍ କରି ପାରିବ। ଆଗରୁ ଥିଲା ଯିଏ ଜଣେ ଡୋନେଟ୍ କଲା, ତାକୁ ୱାକଫ୍ ବୋଲି ମାନି ନେଉଥିଲେ, ମାତ୍ର କୌଣସି ଲିଖିତ ରେକର୍ଡ଼ ନଥିଲା। ଏଥର ଆଇନରେ ତାହାର ରେଜିଷ୍ଟ୍ରେସନ୍ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହା ବି ଉଦ୍ଧାର କରାଯାଇଛି ଜ୍ଞାନବ୍ୟାପି ମସ୍‌ଜିଦ୍ କେସ୍‌ରେ। ଅର୍ଥାତ୍ ଦୀର୍ଘ ବର୍ଷ ଧରି କୌଣସି ଲିଖିତ ରେକର୍ଡ଼ ବିନା ଯଦି କିଛି ଲୋକ ଏହାକୁ ତାଙ୍କର ବୋଲି ଦାବି କରିବେ, ତାହା ସେମାନଙ୍କର ହୋଇ ପାରିବ ନାହିଁ। ଏପରି ଆଗରୁ ନଥିବା କାରଣରୁ ଅନେକ ସ୍ଥାନରେ ରେଲୱେ ଲାଇନ୍ ଅଧା ନିର୍ମିତ ହୋଇ ପଡ଼ି ରହିଛି। ଇନ୍‌ଫ୍ରାଷ୍ଟ୍ରକ୍‌ଚର, ହାଇୱେ ବି ସେହିପରି ପଡ଼ି ରହିଛି ୱାକଫ୍ ପ୍ରପାର୍ଟି ବୋଲି ଦାବି ଯୋଗୁଁ। ଏବେ ତାହା ହୋଇ ପାରିବ ନାହିଁ। ଆପଣଛାଏଁ ସରକାରୀ ଅଧୀନକୁ ଚାଲି ଆସିବ। କଲେକ୍ଟର ଯିବେ, ଓନରସିପ୍ ଭେରିଫାଏ କରିବେ। ରେଭିନ୍ୟୁ ରେକର୍ଡ଼କୁ ଅପ୍‌ଡେଟ୍ କରାଯିବ। ପୁଣି ଏହି ଆକ୍ଟରେ ମହିଳାଙ୍କ ଅଧିକାର ସୁରକ୍ଷିତ କରାଯାଇଛି। ସମାନ ଅଧିକାର ଓ ସମାନ ସେୟାର ପୁରୁଷଙ୍କ ସହିତ। ୱାକଫ୍ ବୋର୍ଡ଼ ଓ ୱାକଫ୍ କାଉନ୍‌ସିଲ୍‌ରେ ଦୁଇ ଜଣ କରି ଅଣ-ମୁସଲମାନ ସଦସ୍ୟ ରହିବେ। ଦୁଇ ଜଣ କରି ମୁସଲିମ୍ ମହିଳା ମଧ୍ୟ ଉଭୟ ବୋର୍ଡ଼ ଓ କାଉନ୍‌ସିଲ୍‌ରେ ସଦସ୍ୟ ରହିବେ। ପୁଣି ଆଗରୁ ଟ୍ରିବ୍ୟୁନାଲ୍‌ରେ ଜଣେ ମୁସଲିମ୍ ଆଇନ୍ ବିଶେଷଜ୍ଞ ରହୁଥିଲେ। ତାଙ୍କ ପରିବର୍ତ୍ତେ ଜଣେ ଜିଲ୍ଲା କୋର୍ଟର ଜଜ୍ ରହିବେ। ଶେଷରେ ଏତିକି କହିବା କଥା ଯେ ୱାକଫ୍ ମୁସ୍‌ଲିମ୍ ପର୍ସନାଲ ଲ'ର ଏକ ଅଂଶ, ମାତ୍ର ଷ୍ଟେଟ୍ ୱାକଫ୍ ବୋର୍ଡ଼ ଓ ୱାକଫ୍ କାଉନ୍‌ସିଲ୍ ଏକ ପ୍ରପାର୍ଟି ଇସ୍ୟୁ। ୱାକଫ୍ ପ୍ରପର୍ଟି ମ୍ୟାନେଜମେଣ୍ଟ ୱାକଫ୍ ବୋର୍ଡ଼ ଓ କାଉନ୍‌ସିଲ୍ କରନ୍ତି। ମାତ୍ର ଅନ୍ୟ ଧର୍ମାବଲମ୍ବୀଙ୍କ ମନ୍ଦିର, ପ୍ରପାର୍ଟି ରାଜ୍ୟ ସରକାର ମ୍ୟାନେଜ୍ କରନ୍ତି ଓ ବିବାଦକୁ ବି କୋର୍ଟ ଫଇସଲା କରନ୍ତି। ଏହି ଆଇନ ଇସଲାମ୍‌ଧର୍ମୀଙ୍କ ପାଇଁ ଏକ ମାଇଲ୍ ଖୁଣ୍ଟ କୁହାଯାଇପାରେ। ■

ମୋ: ୯୪୩୭୩୦୭୪୮୬

# ମା' ମଙ୍ଗଳାଙ୍କ ମନ୍ଦିରରେ ପ୍ରସିଦ୍ଧ ଝାମୁଯାତ୍ରା

ଚୈତ୍ର ମାସରେ ରାଜ୍ୟର ବିଭିନ୍ନ ଶକ୍ତି ପୀଠମାନଙ୍କରେ ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ବିଭିନ୍ନ ଶକ୍ତିପୀଠମାନଙ୍କରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ପୁରୀ ଜିଲ୍ଲା କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା ଅନୁଷ୍ଠିତ ହୋଇ ନଥାଏ। ଚୈତ୍ର ମାସର ପ୍ରଥମ ମଙ୍ଗଳବାରଠାରୁ ମା'ଙ୍କ ମନ୍ଦିରରେ ଏକ ମାସ ବ୍ୟାପି ଚୈତ୍ର ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚୈତ୍ର ମାସର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ମଙ୍ଗଳବାର ମନ୍ଦିରରେ ପାଳିଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପଞ୍ଚମ ( ବୈଶାଖ ମାସ ପ୍ରଥମ) ମଙ୍ଗଳବାର ଦିନ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ମଙ୍ଗଳବାର ଦିନ ମନ୍ଦିରରେ ନେତୋତ୍ସବ ଅନୁଷ୍ଠିତ ହୋଇଥାଏ। ପ୍ରତି ମଙ୍ଗଳବାର



ସନ୍ତୋଷ କୁମାର ଦାଶ

ଦିନ ଘଣ୍ଟପାଟୁଆମାନେ ନିଜ ନିଜ ଘଟ କଳସ ଧରି ପହଞ୍ଚି ଯାଆନ୍ତି ମା' ମଙ୍ଗଳାଙ୍କ ମନ୍ଦିରରେ। ମନ୍ଦିର ସିଂହଦ୍ୱାର ସମ୍ମୁଖରେ ନିଜକୁ ନାରୀ ବେଶରେ ସଜ୍ଜିତ କରିଥାନ୍ତି। ସମସ୍ତ ପାଟୁଆ ଏକ ବିରାଟ ଶୋଭାଯାତ୍ରାରେ ପ୍ରାଚୀ ନଦୀର ଘଣ୍ଟତୋଳା ତୁଠକୁ ଯାଇ ପାଣି ତୋଳି ନିଜ ଘଟକୁ ସଜ୍ଜିତ କରି ମନ୍ଦିରକୁ ଫେରିଥାନ୍ତି। ଜଗତସିଂହପୁର ଅଞ୍ଚଳରୁ ଆସିଥିବା ପାଟୁଆମାନେ ମନ୍ଦିର ଭିତରେ ପ୍ରବେଶ କରି ମା'ଙ୍କୁ ସ୍ତୁତି କରନ୍ତି। ମା'ଙ୍କ ପୂଜାପଣ୍ଡା ତାଙ୍କୁ ଆଜ୍ଞାମାଳ ପ୍ରଦାନ କରିବା ପରେ ସେମାନେ ଆସି ଘଟ କଳସକୁ ମୁଣ୍ଡରେ ମୁଣ୍ଡାଇ ମନ୍ଦିର ସମ୍ମୁଖରେ ବେଢ଼ାରେ ନୃତ୍ୟ କରିଥାନ୍ତି। ଅପର ପକ୍ଷରେ, ସ୍ଥାନୀୟ ଅଞ୍ଚଳର ଭୋଇ ପାଟୁଆମାନେ ପ୍ରାଚୀ ନଦୀରୁ ପାଣି ତୋଳି ଆସି ସିଂହଦ୍ୱାର ସମ୍ମୁଖରେ ଛିଡ଼ା ହୋଇଥାନ୍ତି। ପାଳିଆ ପଣ୍ଡା ସେବକ ସେମାନଙ୍କୁ ମା'ଙ୍କ ଲାଗି ଆଜ୍ଞାମାଳ ପ୍ରଦାନ କରିବା ପରେ ସମସ୍ତେ ସିଂହଦ୍ୱାର ସମ୍ମୁଖରେ ପାଟୁଆ ନୃତ୍ୟ ପରିବେଷଣ କରିଥାନ୍ତି। ପ୍ରଥମରୁ ଚାରି ପାଳି ସମସ୍ତ ମଙ୍ଗଳବାର ଦିନ ପାଟୁଆ ନୃତ୍ୟ ପରିବେଷଣ ହୋଇଥାଏ। ଚୈତ୍ର ମାସ ପଞ୍ଚମ ଅବା ବୈଶାଖ ମାସ ପ୍ରଥମ ମଙ୍ଗଳବାର ଦିନ ପାଟୁଆମାନେ ମନ୍ଦିର ସମ୍ମୁଖରେ ନିର୍ମିତ ରଡ଼ ନିଆଁପୂର୍ଣ୍ଣ ଗର୍ତ୍ତ ମଧ୍ୟରେ ଖାଲି ପାଦରେ ମୁଣ୍ଡରେ ଘଟକଳସ ମୁଣ୍ଡାଇ ଚାଲିଥାନ୍ତି। ଏହାକୁ ହିଁ ଝାମୁଯାତ୍ରା କୁହା ଯାଇଥାଏ। ଅପର ପକ୍ଷରେ, ମା'ଙ୍କର ଜନୈକ ଖାମାରେଇ ସେବକଙ୍କ ଦ୍ୱାରା ତୃତୀୟ, ଚତୁର୍ଥ ଓ ପଞ୍ଚମ ମଙ୍ଗଳବାର ବିଳମ୍ବିତ ରାତିରେ କାଳୀକା ନୃତ୍ୟ ପରିବେଷଣ କରାଯାଇଥାଏ। ମା' ମଙ୍ଗଳାଙ୍କ ଝାମୁଯାତ୍ରା ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ପାଳନ ନ ହୋଇ ଚୈତ୍ର ମାସ ପଞ୍ଚମ ଅବା ବୈଶାଖ ମାସ ପ୍ରଥମ ମଙ୍ଗଳବାର ଦିନ ପାଳନ ହେବା ସମ୍ପର୍କରେ ଏକ ସୁନ୍ଦର କିମ୍ବଦନ୍ତୀ ରହିଛି।

ଯଯାତି କେଶରୀ ଯେଉଁ ସମୟରେ ରାଜା ଥିଲେ, ସେହି ସମୟର ଘଟଣା। ସେ ପୂଜ୍ୟ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ସୁବର୍ଣ୍ଣପୁରଠାରେ ପାତାଳୀ ହୋଇଥିବା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମାଟି ତଳୁ ଉଦ୍ଧାର କରିବା ପରେ ଶ୍ରୀଜିଉମାନଙ୍କର ନବକଳେବରର ଆବଶ୍ୟକ ପଡ଼ିଥିଲା। ଶ୍ରୀଜିଉମାନଙ୍କ ନବକଳେବର ଉତ୍ସବ ପାଳନରେ ମା' ମଙ୍ଗଳାଙ୍କର ରହିଛି ସ୍ୱତନ୍ତ୍ର ଭୂମିକା। କେଉଁ ମହାଦାରୁରେ ଶ୍ରୀଜିଉମାନଙ୍କ ବିଗ୍ରହ ନିର୍ମାଣ ହେବ, ତାହା ଦଇତାପତି ସେବକମାନଙ୍କୁ ମା' ମଙ୍ଗଳା ସ୍ୱପ୍ନରେ ବତାଇ ଦେଇଥାନ୍ତି। ଏଣୁ ନବକଳେବର ଉତ୍ସବ ପାଳନ କରିବାକୁ ସମସ୍ତେ ପ୍ରସ୍ତୁତ ହୋଇଥିଲେ। ସେହି ସମୟରେ ରାଜାଙ୍କୁ ଖବର ମିଳିଲା କି ମା' ମଙ୍ଗଳା ଦେଉଳିମଠ (ମା' ମଙ୍ଗଳାଙ୍କ ପ୍ରଥମ ପୂଜା ପାଉଥିବା ସ୍ଥାନ)ରେ ନାହାନ୍ତି। କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି। କ'ଣ କରାଯିବ? ମା' ମଙ୍ଗଳାଙ୍କ ବିନା ଶ୍ରୀଜିଉମାନଙ୍କ ନବକଳେବର ଉତ୍ସବ ପାଳନ ହେବ କିପରି? କିଏ ବତାଇ ଦେବ ମହାଦାରୁମାନଙ୍କ ଠିକଣା! ଚିନ୍ତାରେ ପଡ଼ିଲେ ରାଜା। ରାଜ ପରିଷଦ ବୈଠକ ଡକାଗଲା। ଏ ବିଷୟରେ ସବୁ ପ୍ରକାରର ଆଲୋଚନା ହେଲା। ନିଷ୍ପତ୍ତି ନିଆ ଯାଇଥିଲା ଯେ ସେ ସମୟରେ ପୁରୀ ଶ୍ରୀକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ତାନ୍ତ୍ରିକ ହଟ ଦୀକ୍ଷିତ ଓ ବଟ ଦୀକ୍ଷିତ ଦୁଇ ଭାଇଙ୍କୁ ମା' ମଙ୍ଗଳାଙ୍କ ସନ୍ଧାନର ଦାୟିତ୍ୱ ଦିଆଯିବ। ସେମାନେ ତୁରନ୍ତ କାକଟପୁର ଯାଇ ମା' ମଙ୍ଗଳାଙ୍କୁ ଠାବ କରିବାକୁ ରାଜା ନିର୍ଦ୍ଦେଶ ଦେଇଥିଲେ। ଏହି ତାନ୍ତ୍ରିକ ଦୁଇ ଭାଇ ହଟ ଦୀକ୍ଷିତ ଓ ବଟ ଦୀକ୍ଷିତ କାକଟପୁର ଆସି ପ୍ରାଚୀ ନଦୀ କୂଳ (ବର୍ତ୍ତମାନର ଘଣ୍ଟତୋଳା ତୁଠ, ଯେଉଁ ସ୍ଥାନରୁ ଘଣ୍ଟପାଟୁଆ କାଳେସୀ ଚୈତ୍ର ମାସର ପ୍ରତ୍ୟେକ ମଙ୍ଗଳବାର ପାଣି ତୋଳି ଘଟ କଳସ ପୂଜା କରିଥାନ୍ତି)ରେ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଦିନ ଯଜ୍ଞ ଆରମ୍ଭ କରିଥିଲେ। ଯଜ୍ଞ ଚାଲିଥାଏ। ଦୁଇ ଭାଇ ମା' ମଙ୍ଗଳାଙ୍କୁ ସ୍ତୁତି କରି ଚାଲିଥାନ୍ତି। ଏହିପରି ୪ ମଙ୍ଗଳବାର ଗତ ହୋଇଗଲା, କିନ୍ତୁ ମା' ମଙ୍ଗଳାଙ୍କ ସମ୍ପର୍କରେ କିଛି ବି ଜଣା ପଡ଼ିଲାନି। ସେ ବନ୍ୟାରେ ପ୍ରାଚୀ ନଦୀର ପ୍ରଖର ସ୍ରୋତରେ କେଉଁଆଡ଼େ ଭାସି ଯାଇଛନ୍ତି ନା ତାଙ୍କୁ କେହି ଚୋରାଇ ନେଇଛି, କିଛି ନ



ଜାଣିପାରି ଚିନ୍ତିତ ହୋଇ ପଡ଼ିଲେ ଦୁଇ ତାନ୍ତ୍ରିକ ଭାଇ। ସେପଟେ ରାଜା ବାରମ୍ବାର ଆଦେଶ ଜାରି କରୁଥାନ୍ତି ତୁରନ୍ତ ମା' ମଙ୍ଗଳାଙ୍କୁ ଠାବ କରିବାକୁ। ସାରା ଶ୍ରୀକ୍ଷେତ୍ର ପୁରୀରେ ସେମାନଙ୍କର ଯେଉଁ ସୁନାମ ରହିଛି, ତାହା ମାଟିରେ ମିଶିଯିବ! ଏତେ ଜ୍ଞାନ, ପୂଜାପାଠ, ତନ୍ତ୍ର ସାଧନା କରି ମଧ୍ୟ ସେମାନେ ମା' ମଙ୍ଗଳାଙ୍କୁ ଠାବ କରିବାରେ ବିଫଳ ହୋଇଛନ୍ତି। ଏହି ଶୋଚନା କରି ଦୁଇ ତାନ୍ତ୍ରିକ ଭାଇ ଏକ ଚରମ ନିଷ୍ପତ୍ତି ନେଇଥିଲେ। ସେମାନଙ୍କର ମାନ, ସମ୍ମାନ, ଇଜ୍ଜତ, ସୁନାମ ମାଟିରେ ମିଶିବା ଆଗରୁ; ଲୋକମାନେ ତାଙ୍କ ଉପରୁ ବିଶ୍ୱାସ ହରାଇବା ପୂର୍ବରୁ ସେମାନେ ଯଜ୍ଞର ଅଗ୍ନିକୁଣ୍ଡରେ ଆତ୍ମବିସର୍ଜନ ଦେବାକୁ ଉଭୟ ସ୍ଥିର କରି ପଞ୍ଚମ ମଙ୍ଗଳବାର ଦିନ ଆତ୍ମବିସର୍ଜନ କରିବାକୁ ଉଦ୍ୟତ ହୁଅନ୍ତେ ଦେବୀବାଣୀ ହୋଇଥିଲା- 'ମୁଁ ଦେବୀ ସର୍ବମଙ୍ଗଳା କହୁଛି, ତୁମ ଦୁଇ ଭାଇଙ୍କ ଭକ୍ତି, ନିଷ୍ଠା ଓ ପୂଜାର୍ଚ୍ଚନାରେ ମୁଁ ସନ୍ତୁଷ୍ଟ ହୋଇଛି। ଯଜ୍ଞ କୁଣ୍ଡର କଳସରେ ଯେଉଁ ମନ୍ଦାର ଫୁଲମାଳ ଲାଗି ହୋଇଛି, ସେହି ମାଳ ନେଇ ମତେ ସ୍ମରଣ କରି ପ୍ରାଚୀ ନଦୀ ଜଳରେ ଭସାଇ ଦିଅ। ମନ୍ଦାର ଫୁଲ ମାଳଟି ଭାସି ଯାଇ ଯେଉଁଠି ଭଉଁରୀ କାଟିବ, ସେହିଠାରେ ବୁଡ଼ ପକାଇଲେ ମୋ ମୂର୍ତ୍ତିକୁ ପାଇବ। ତୁମେ ଦୁଇ ଭାଇ ଆଉ ତୁମ ଅନ୍ତେ ତୁମ ପର ପିଢ଼ି ମୋ ପୂଜାର୍ଚ୍ଚନା କରିବେ।' ତାନ୍ତ୍ରିକ ଦୁଇ ଭାଇ ହଟ ଆଉ ବଟ ଦୈବୀ ବାଣୀ ଅନୁସାରେ ମନ୍ଦାର ଫୁଲ ମାଳ ନେଇ ପ୍ରାଚୀ ନଦୀ ସ୍ରୋତରେ ଭସାଇ ଥିଲେ। ଫୁଲମାଳ ପ୍ରାଚୀ ନଦୀର ଯେଉଁଠି ଅଟକି ଥିଲା, ସେଠାରେ ଦୁଇ ଭାଇ ବୁଡ଼ ପକାଇ ମା'ଙ୍କ କମନୀୟ ବିଶାଳ ମୂର୍ତ୍ତିଙ୍କୁ ଉଦ୍ଧାର କରିଥିଲେ। ଏହି ଖବର ପାଇ ରାଜା ତାନ୍ତ୍ରିକ ଦୁଇ ଭାଇଙ୍କ ଉପରେ ଖୁସି ହୋଇ ତାଙ୍କୁ ବହୁତ ପୁରସ୍କାର ପ୍ରଦାନ କରିବା ସହିତ ମା'ଙ୍କ ପୂଜାର୍ଚ୍ଚନାର ଦାୟିତ୍ୱ ନ୍ୟସ୍ତ କରିଥିଲେ। ମା' ମଙ୍ଗଳାଙ୍କ ସେବା ପୂଜା ପାଇଁ ନିଶୁଳ୍କ ଜମିବାଡ଼ି ଖଞ୍ଜା କରି ଦେଇଥିଲେ। ମହାପ୍ରଭୁଙ୍କ ନବକଳେବର ଉତ୍ସବ ଯଥାବିଧି ପାଳିତ ହୋଇଥିଲା। ତଦନୁସାରେ ସେହି ଦିନଠାରୁ ଦୀକ୍ଷିତ ପୂଜକମାନେ ବଂଶାନୁକ୍ରମେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ପରେ ଭୋଦର ଗ୍ରାମର ରାୟ ଚୂଡ଼ାମଣି ଜମିଦାର ମା'ଙ୍କ ପାଇଁ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ।

ଏହିସବୁ କାରଣରୁ ଚୈତ୍ର ମାସରେ ପ୍ରତି ମଙ୍ଗଳବାର ମା'ଙ୍କ ମନ୍ଦିରରେ ଚୈତ୍ର ପୂଜା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଚୈତ୍ର ପଞ୍ଚମ ମଙ୍ଗଳବାର ଅବା ବୈଶାଖ ମାସର ପ୍ରଥମ ମଙ୍ଗଳବାର ମା' ମଙ୍ଗଳାଙ୍କ ଆବିର୍ଭାବ ଦିବସ ଅବସରରେ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ରାଜ୍ୟର ବିଭିନ୍ନ ଦେବୀ ପୀଠଠାରେ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ଦିନ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ କେବଳ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ମନ୍ଦିରରେ ଦୋଳ ପୂର୍ଣ୍ଣିମା ପର ପଞ୍ଚମ ମଙ୍ଗଳବାର ଦିନ ପ୍ରସିଦ୍ଧ ଝାମୁଯାତ୍ରା ପାଳିତ ହୋଇ ଆସୁଛି। ଏଣୁ ଚୈତ୍ର ମାସରେ ମା' ମଙ୍ଗଳାଙ୍କ ମନ୍ଦିରରେ ଘଣ୍ଟପାଟୁଆଙ୍କ ନୃତ୍ୟ ପରିବେଷଣ, କାଳୀକା ନୃତ୍ୟ ଓ ଝାମୁ ଉତ୍ସବ ପାଳନ ଏକ ଅନନ୍ୟ ପରମ୍ପରା ଭାବେ ପାଳିତ ହୋଇ ଆସୁଛି କାହିଁ କେତେ ଯୁଗରୁ। ମା' ମଙ୍ଗଳା ସମସ୍ତଙ୍କର ମଙ୍ଗଳ କରନ୍ତୁ। ଜୟ ମା' ମଙ୍ଗଳା। ■

ତୁଳସୀପୁର, ପୁରୀ
ମୋ: ୯୪୩୯୩୬୧୮୮୮

# ପଶ୍ଚିମବଙ୍ଗ ଓ ୱାକଫ୍

ଦେଶରେ ଗୋଟିଏ ଆଇନ ପାରିତ ହେବା ଏବଂ ଏହା ବିରୁଦ୍ଧରେ ପ୍ରତିବାଦ କରାଯିବା କିଛି ନୂଆକଥା ନୁହେଁ; ଏହା ଗଣତାନ୍ତ୍ରିକ ପ୍ରକ୍ରିୟାର ଏକ ଅଂଶ। କିନ୍ତୁ ହିଂସାକୁ ଉସୁକାଇବା ପାଇଁ ନିହିତ ସ୍ୱାର୍ଥଗୁଡ଼ିକ କାର୍ଯ୍ୟ କରିବା ଏବଂ ଜଣେ ସ୍ଥାନୀୟ ରାଜନେତା ଏହି ଆଇନକୁ ଲାଗୁ କରା ନଯିବା ନିମନ୍ତେ ଏକ ନିଷ୍ପତ୍ତିପତ୍ର ସମ୍ପର୍କରେ ଘୋଷଣା କରିବା ଉପରୋକ୍ତ ପ୍ରକ୍ରିୟାର ଏକ ଅଂଶ ନୁହେଁ। ଏସବୁ ଭିତରେ ଯାହା ସବୁଠୁ ଦୁଃଖଦ କଥା, ତାହା ହେଉଛି, ଏକ ସାମ୍ବିଧାନିକ କୋର୍ଟ ଆଇନ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଘଟଣାରେ ମୁଣ୍ଡ ଖେଳାଇବା। ୱାକଫ୍ (ସଂଶୋଧନ) ଆଇନ, ୨୦୨୫ ପାରିତ ହେବା ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗ ନିଜକୁ ଏକ ସଂକଟଜନକ ସମୟରେ ଆବିଷ୍କାର କରିଛି, ଏବଂ ଏହାର କାରଣଗୁଡ଼ିକ ଖୋଜି ବାହାର କରିବା ବିଶେଷ କଷ୍ଟକର ନୁହେଁ। ସମ୍ବିଧାନ ଏବଂ ଆଇନର ବାଧ୍ୟବାଧକତା ଅନୁସାରେ ସେହି ରାଜ୍ୟକୁ ଯେଉଁମାନେ ଚଳାଇବାର ଦାୟିତ୍ୱ ବହନ କରୁଛନ୍ତି, ସେମାନେ ସେହି ରାଜ୍ୟର ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଶାନ୍ତି ଏବଂ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ପାଦେ ପଛଘୁଞ୍ଚା ଦେବା ଉଚିତ। ୱାକଫ୍ (ସଂଶୋଧନ) ଆଇନ, ଯାହା ୱାକ୍‌ଫ୍ ବୋର୍ଡରେ ଅଣ-ମୁସଲମାନମାନଙ୍କ ନିଯୁକ୍ତି ପ୍ରଦାନ ନେଇ ସୁପାରିସ କରିଛି, ତା' ବିରୋଧରେ ପ୍ରତିବାଦଜନିତ ହିଂସାକାଣ୍ଡରେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ଗୋଟିଏ ପରିବାରର ବାପ ପୁଅଙ୍କ ସମେତ ତିନି ଜଣଙ୍କ ମୃତ୍ୟୁ ଘଟିବା ଏକ ଅତ୍ୟନ୍ତ ଦୁଃଖଦ ଘଟଣା। ୱାକଫ ବୋର୍ଡଗୁଡ଼ିକ ସାଧାରଣତଃ ଇସଲାମ୍ ଧର୍ମ ପ୍ରତି ଅନୁରକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦାନ କରା ଯାଇଥିବା ସମ୍ପତ୍ତିଗୁଡ଼ିକର ପରିଚାଳନା କରିଥାନ୍ତି, ଯାହାର ସଦସ୍ୟମାନେ ଏଥି ପୂର୍ବରୁ କେବଳ ମୁସଲମାନମାନେ ହିଁ ରହୁଥିଲେ। ସମ୍ପ୍ରତି ଏହି ବୋର୍ଡରେ ଅଣ-ମୁସଲମାନମାନଙ୍କ ପ୍ରବେଶକୁ ଅନୁମତି ଦିଆଯିବା ସେମାନଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଇଥିବା ସେମାନେ ଅନୁଭବ କରିବା ଦ୍ୱାରା ହିଂସାକାଣ୍ଡର ସୃଷ୍ଟି ହୋଇଛି, ଯାହା ଫଳରେ ପଶ୍ଚିମବଙ୍ଗ ରାଜନୀତିରେ ରହିଥିବା ଗଭୀର ରାଜନୀତିକ ତ୍ରୁଟିରେଖାଗୁଡ଼ିକ ସହିତ ସାମ୍ପ୍ରଦାୟିକ ହିଂସାକୁ ପ୍ରୋତ୍ସାହିତ କରିବାର ମନୋଭାବ ସାମ୍ନାକୁ ଆସିଛି।

ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ବାରମ୍ବାର ଆଶ୍ୱାସନା ପ୍ରଦାନ କରିଛନ୍ତି ଯେ ସେ ସଂଖ୍ୟାଲଘୁମାନଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବେ ଏବଂ ତାଙ୍କ ରାଜ୍ୟରେ ଏହି ଆଇନ ଲାଗୁ କରାଯିବ ନାହିଁ। ପରନ୍ତୁ, ତାଙ୍କର ଏହି ଆଶ୍ୱାସନା କ୍ୱଚିତ୍ ଆଶ୍ୱସ୍ତ କରି ପାରିଛି ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟକୁ। ଏପ୍ରିଲ ୮ ତାରିଖରେ ଉପରୋକ୍ତ ଆଇନ ଯୋଗୁଁ ଆରମ୍ଭ ହୋଇଥିବା ହିଂସାକାଣ୍ଡ ସରକାରୀ ନିଷେଧାଦେଶ ତଥା ଇଣ୍ଟରନେଟ୍ ସେବାଗୁଡ଼ିକ ବାତିଲ କରାଯିବା ସତ୍ତ୍ୱେ ଅପ୍ରତିରୋଧ ଭାବରେ ବଜାୟ ରହିଛି। ଏହାର ଏକ ଅଂଶ ଭାବରେ କୋଲକାତା ସମେତ ମୁର୍ଶିଦାବାଦ ଜିଲ୍ଲାର ଜାଙ୍ଗିପୁର ସବ୍‌ଡିଭିଜନରେ ସରକାରୀ ସମ୍ପତ୍ତିଗୁଡ଼ିକ ଉପରେ ଜନତାର ଭିଡ଼ ଆକ୍ରମଣ କରି ନଷ୍ଟ କରିଥିବାର ସମ୍ବାଦ ମଧ୍ୟ ପ୍ରକାଶ ପାଇଛି। ବେଶ୍ କିଛି ବର୍ଷ ହେବ ପଶ୍ଚିମବଙ୍ଗରେ ସାମ୍ପ୍ରଦାୟିକ ହିଂସାର ବାତାବରଣ ପାଉଁଶ ତଳର ନିଆଁ ଭଳି କୁହୁଳୁ ଥିବା ଦେଖିବାକୁ ମିଳୁଛି। ଉଭୟ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ବିରୋଧୀ ବିଜେପି ସେମାନଙ୍କ ନିଜ ନିଜର ରାଜନୀତିକ ଫାଇଦା ନିମନ୍ତେ ସାମ୍ପ୍ରଦାୟିକ ଧ୍ରୁବୀକରଣକୁ ଆୟୁଧ କରି ଆସୁଛନ୍ତି। ୱାକଫ୍ ସଂଶୋଧନଗୁଡ଼ିକ ବିରୋଧରେ ଟିଏମ୍‌ସି ଅତି ଚତୁରତାର ସହିତ ମୁସଲମାନମାନଙ୍କ ପ୍ରତିବାଦକୁ ପ୍ରୋତ୍ସାହିତ କରିଥିବା ବେଳେ ବିଜେପି ରାମ ନବମୀ ଶୋଭାଯାତ୍ରାଗୁଡ଼ିକରେ ସାମ୍ପ୍ରଦାୟିକ ମନୋଭାବ ନେଇ ଉତ୍ୟକ୍ତ ଲୋକମାନଙ୍କୁ ବିଜେପି ପରୋକ୍ଷ ସମର୍ଥନ ଯୋଗାଇ ଦେଇଥିଲା।

ୱାକ୍‌ଫ ଆଇନକୁ ରାଜ୍ୟରେ ଲାଗୁ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କରିଥିବା ଘୋଷଣାକୁ ଏକ ମନ ଭୁଲାଣିଆ କଥା ଭାବରେ ଆଦୌ ଗ୍ରହଣ କରାଯାଇ ପାରିବ ନାହିଁ। ଏହି ଆଇନକୁ ପ୍ରତିବାଦ କରିବା ନିମନ୍ତେ ତାଙ୍କ ନିକଟରେ ହୁଏତ ବେଶ୍ କିଛି ସଂଖ୍ୟକ ଯୁକ୍ତିଯୁକ୍ତ କାରଣ ଥାଇପାରେ, କିନ୍ତୁ ସେ କଥାକୁ ବ୍ୟକ୍ତ କରିବାର ଆହୁରି ଅନେକ ବାଟ ରହିଛି। ୱାକଫ୍ ବୋର୍ଡରେ ଅଣ-ମୁସଲମାନଙ୍କ ପ୍ରବେଶ ବିରୁଦ୍ଧରେ ମୁସଲମାନମାନଙ୍କ ଦାବିକୁ ରାଜ୍ୟ ସରକାର ପ୍ରଶାସନିକ ଉପାୟଗୁଡ଼ିକ ଜରିଆରେ ତଥା ଆଇନର ପରିସର ଭିତରେ ରହି ପୂରଣ କରି ପାରିବେ। ତେବେ ତାଙ୍କର ସ୍ମରଣ ରହିବା ଉଚିତ ଯେ କେନ୍ଦ୍ରୀୟ ଆଇନକୁ ତାଙ୍କ ରାଜ୍ୟରେ ଲାଗୁ ନ କରିବାକୁ ସମ୍ବିଧାନ ଅନୁମତି ପ୍ରଦାନ କରିନାହିଁ। ସେହିପରି ସମ୍ବିଧାନର ଏକ ଅଭିଭାବକ ଅନୁଷ୍ଠାନ ଭାବରେ କଲିକତା ହାଇକୋର୍ଟର ଏକ ବିଶେଷ ଖଣ୍ଡପୀଠ ମୁର୍ଶିଦାବାଦରେ କେନ୍ଦ୍ରୀୟ ପାରାମିଲିଟାରୀ ବଳଙ୍କୁ ମୁତୟନ କରିବାକୁ ଆଦେଶ ଦେବା ଏକ ଅସାମ୍ବିଧାନିକ ପଦକ୍ଷେପ ବ୍ୟତୀତ ଆଉ କିଛି ନୁହେଁ। ଭାରତ ଏକ ବାନାନା ରିପବ୍ଲିକ୍ ନୁହେଁ ଯେ ଜଣେ ବିରୋଧୀ ଦଳର ନେତାଙ୍କ ପିଟିସନ୍‌କୁ ବିଚାରକୁ ନେଇ ଏକ ହାଇକୋର୍ଟର ମୁଖ୍ୟ ବିଚାରପତି ଏକ ବିଶେଷ ଖଣ୍ଡପୀଠ ଗଠନ କରିବେ ଯାହା ମନ୍ତବ୍ୟ ପ୍ରଦାନ କରିବେ କି, 'ଏହା ଏକ ମୂକ ଦର୍ଶକ ସାଜି ବସି ପାରିବେ ନାହିଁ ଏବଂ ଲୋକମାନଙ୍କ ନିରାପତ୍ତା ଓ ସୁରକ୍ଷା ଯେତେବେଳେ ବିପଦରେ ପଡ଼ିବ, ସେତେବେଳେ ବୈଷୟିକ ପ୍ରତିରକ୍ଷାମୂଳକ 'ତୁ ତୁ ମେ ମେ'ରେ ମାତି ରହିବେ।' ଦୁଃଖର କଥା, ସାଧାରଣ ଲୋକଙ୍କ ସୁରକ୍ଷା ଏବଂ ନିରାପତ୍ତା ରକ୍ଷା କରିବା ହେଉଛି ରାଜ୍ୟ ସରକାରଙ୍କ କାମ ଏବଂ ହାଇକୋର୍ଟର ନୁହେଁ, ଆଉ ଯେଉଁ କ୍ଷେତ୍ରରେ ରାଜ୍ୟ ସରକାର ତାହା ରକ୍ଷା କରିବାରେ ବିଫଳ ହୁଅନ୍ତି, ପରିସ୍ଥିତିକୁ ଆୟତ୍ତାଧୀନ କରିବାକୁ ଅନେକ ପ୍ରକାରର ବ୍ୟବସ୍ଥା ରହିଛି। ସାମ୍ବିଧାନିକ କୋର୍ଟଗୁଡ଼ିକ ଲୋକମାନଙ୍କ ମନରେ ଏପରି ଧାରଣାଟିଏ ସୃଷ୍ଟି କରିବାକୁ ଉଦ୍ୟମ ନ କରିବା ଉଚିତ ଯେ ସେମାନେ ମଧ୍ୟ ଗୋଳିଆ ପାଣିରୁ ବାଳିଆ ଧରିବାକୁ ଅପେକ୍ଷା କରି ରହିଥିବା ଗୋଟିଏ ଗୋଟିଏ ସଂସ୍ଥା, ଯେତେବେଳେ କି ସେମାନଙ୍କର କାର୍ଯ୍ୟ ହେଉଛି, ଖେଳାଳିମାନେ ଖେଳର ନିୟମ ମାନି ଚଳୁଥିବାକୁ ସୁନିଶ୍ଚିତ କରିବା। କ୍ଷମତାର ବିଭାଜନ କରିବା ବେଳେ ସମ୍ବିଧାନ ପ୍ରଣେତାମାନେ ଏହି ଦୃଷ୍ଟିକୋଣକୁ ସେମାନଙ୍କ ଭିତରେ ବହନ କରିଥିଲେ। ଯେ କୌଣସି ପ୍ରସଙ୍ଗକୁ ସାମ୍ବିଧାନିକ ପଦ୍ଧତିରେ ସମାଧାନ କରିବା ସର୍ବୋତ୍କୃଷ୍ଟ; ଏକ ଖରାପ ପରିସ୍ଥିତିକୁ ଏକାଧିପତ୍ୟ ନିଷ୍ପତ୍ତି ନେଉଥିବା ବ୍ୟକ୍ତିବିଶେଷ ବା ଦାୟିତ୍ୱପୂର୍ଣ୍ଣ ଅନୁଷ୍ଠାନମାନେ କଦାଚିତ୍ ସୁରୁଖୁରୁରେ ସୁଧାରି ପାରିଥାନ୍ତି। ■

# ଦାନ ଓ ଚୋରି

ଦୁନିଆରେ ଅନେକ ଲୋକ ଦାନକୁ ପୁଣ୍ୟ ଆଉ ଚୋରିକୁ ପାପ ବୋଲି ଜାଣନ୍ତି। ଦାନ କରୁଥିବା ଅଧିକାଂଶ ଲୋକ ପୁଣ୍ୟ ହେବା ଆଶାରେ ଦାନ କରି ଥାଆନ୍ତି। କେହି କେବେ ପାପ କରିବା ଉଦ୍ଦେଶ୍ୟରେ ଚୋରି କରୁ ନଥିବେ। ଚୋରିକୁ ପାପ ବୋଲି ଜାଣୁଥିବା ଲୋକେ କିଛି ଦାନ କରିଦେଇ ଥାଆନ୍ତି। ଚୋରି କରୁଥିବା ବା ଅନ୍ୟକୁ ଠକି ରୋଜଗାର କରୁଥିବା ଲୋକ ଘୃଣା, ଲଜ୍ଜା ଇତ୍ୟାଦି ଭୟରେ ତା' ମନ୍ଦ କର୍ମକୁ ସହଜରେ ସ୍ୱୀକାର କରି ନଥାଏ। ନିଜକୁ ଚୋର ବୋଲି ମାନି ନେବାକୁ ତ ପ୍ରସ୍ତୁତ ନଥାଏ, ବରଂ ସାଧୁ ଓ ସଚ୍ଚୋଟ ବୋଲି ପ୍ରମାଣିତ କରିବାକୁ ଅଧିକ ଚେଷ୍ଟା କରିଥାଏ। ତେଣୁ କେହି ପଚାରନ୍ତୁ ବା ନ ପଚାରନ୍ତୁ, ଦାନ କରିବା କଥାକୁ କହି ହେଉଥାଏ। ନିଜର ଦାନକୁ ବଢ଼ାଇ କରି କହୁଥାଏ ଆଉ ଚୋରିକୁ ଖୁବ୍ କମ୍ କରି କହୁଥାଏ। କାରଣ ମଣିଷ ଜାଣେ ଦାନରେ ରହିଛି ପ୍ରତିଷ୍ଠା ଓ ମନ୍ଦ କର୍ମରେ ରହିଛି ନିନ୍ଦା।

ପଦାରବିନ୍ଦ

ବୁଝିବାକୁ ହେବ ପାପ- ପୁଣ୍ୟର ହିସାବ ମଣିଷ କରେନାହିଁ। କରି ଥାଆନ୍ତି ପରମାତ୍ମା। ଏ ବିଚାର ଆମ ଅଦୃଷ୍ଟରେ ହୋଇଥାଏ। ଜାଣିକରି ହେଉ ବା ଅଜାଣତରେ ହେଉ, ଯେଉଁ କର୍ମ କରାଯାଏ, ତା'ର ଫଳ ନିଶ୍ଚିତ ମିଳିଥାଏ। ଯଦି ପୁଣ୍ୟ ଉଦ୍ଦେଶ୍ୟରେ ଦାନ କରା ଯାଉଥାଏ, ତେବେ ତାକୁ ଲୁଚାଛପାରେ କରାଯାଉ। ଯଦି ଚୋରି କରାଯାଏ, ତେବେ ସମସ୍ତଙ୍କ ସାମ୍ନାରେ କରିବା ଉଚିତ୍। ଲୋକଙ୍କ ନିକଟରେ ଆମେ ନିଜକୁ ପୁଣ୍ୟବାନ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରୁଛେ। କିନ୍ତୁ ପରମାତ୍ମା ଆମକୁ ପୁଣ୍ୟବାନ୍ ବୋଲି ସ୍ୱୀକାର କରୁଛନ୍ତି ତ! କାରଣ ସେ ପ୍ରତ୍ୟେକଙ୍କ ଭିତର ଓ ବାହାରକୁ ଦେଖି ନ୍ୟାୟ ଦେଇ ଥାଆନ୍ତି। ଯେଉଁ କର୍ମ କଲେ ବି ତା'ର ଫଳ ମିଳିଥାଏ। ତେବେ କର୍ମ କଲାବେଳେ ଟିକିଏ ମାନସିକତାକୁ ବଦଳାଇ ଦେଲେ ସବୁ ଠିକ୍ ହୋଇ ଯାଆନ୍ତା। ଏହାର ଏକ ଉଦାହରଣ।

ଜଣେ ଶେଠ୍ ଥିଲେ। ତାଙ୍କ ଅଗଣାରେ କିଛି ପଥର ପଡ଼ିଥିଲା। ଗୋଟିଏ ପଥରରେ ଶୂନ, ଅନ୍ୟ ପଥରରେ ଏକ, ଆଉ ଗୋଟିଏ ପଥରରେ ଦୁଇ, ଏହିପରି ନଅ ପର୍ଯ୍ୟନ୍ତ ସଂଖ୍ୟ ଲେଖା ଥିବା ଗୋଟିଏ ଗୋଟିଏ ପଥର ପଡ଼ିଥିଲା। ତାଙ୍କ ନିକଟକୁ କେହି ଧନ ପାଇବା ଆଶାରେ ଗଲେ ସେ କହୁଥିଲେ, ଯେତିକି ସ୍ୱର୍ଣ୍ଣମୁଦ୍ରା ଦରକାର, ସେହି ଅନୁସାରେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ହେଉଥିବା ଦୁଇଟି ପଥର ସଜାଇ ରଖ। କେହି ବାମ ପାଖରେ ପାଞ୍ଚ ଓ ଡାହାଣ ପାଖରେ ଦୁଇ ଲେଖା ଥିବା ପଥର ରଖିଲେ ସେ ପାଉଥିଲା ବାଉନଟି ସ୍ୱର୍ଣ୍ଣମୁଦ୍ରା। ଥରେ ଦୁଇ ଜଣ ବନ୍ଧୁ ସେହି ଶେଠ୍‌ଙ୍କ ନିକଟକୁ ଆସିଲେ କିଛି ସ୍ୱର୍ଣ୍ଣମୁଦ୍ରା ନେବା ପାଇଁ। ଜଣେ ବାମ ପାଖରେ ଏକ ରଖି ଡାହାଣ ପାଖରେ ନଅ ଲେଖା ଥିବା ପଥରକୁ ରଖିଲା। ସେ ଉଣେଇଶଟି ସ୍ୱର୍ଣ୍ଣମୁଦ୍ରା ପାଇଲା। ଆଉ ଜଣେ ସାଙ୍ଗ ସେହି ପଥରକୁ ଟିକିଏ ବଦଳାଇ ଦେଲା। ବେଶି ପରିଶ୍ରମ କରିବାକୁ ପଡ଼ିଲା ନାହିଁ। ଡାହାଣ ପାଖରେ ଥିବା ନଅକୁ ବାମ ପାଖରେ ରଖିଦେଲା। ଏକାନବେଟି ସ୍ୱର୍ଣ୍ଣମୁଦ୍ରା ପାଇଗଲା।

ଏହି ଦୁଇ ସାଙ୍ଗ ହେଉଛନ୍ତି ମଣିଷର ମନୋଭାବ। ଆମେ ନିଜ ମନୋଭାବକୁ ଟିକିଏ ବଦଳାଇ ଦେଲେ ସମାଜରେ ଆଦରର ପାତ୍ର ହୋଇ ପାରିବା। କିନ୍ତୁ ଅନେକ ସମୟରେ ଆମେ ତାହା କରିବାକୁ ଚେଷ୍ଟା କରି ନଥାଉ। ■

## ପ୍ରଥମ ପୃଷ୍ଠାରୁ

### ତାରିଣୀ ମନ୍ଦିର ...

ଉପଲକ୍ଷେ ପୂର୍ବବର୍ଷ ମାନଙ୍କ ପରି ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଉଥିବା ମୋହନ ଚରଣ ମାଝୀ,ମୁଖ୍ୟମନ୍ତ୍ରୀ ହେବା ପରେ ମଧ୍ୟ ଏହି ପରମ୍ପରାକୁ ଭୁଲି ନାହାନ୍ତି। ପୂର୍ବବର୍ଷ ପରି ଅନୁରୂପ ଭାବେ ଚଳିତ ବର୍ଷ ମଧ୍ୟ ପବିତ୍ର ହନୁମାନ ଜୟନ୍ତୀରେ ଲାବଣ୍ୟ ଛକ ନିକଟରେ ଥିବା ପ୍ରଭୁ ବଜରଙ୍ଗବାଲିଙ୍କ ପୂଜା ଆସ୍ଥାନ ଓ ମଣ୍ଡପରେ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ଯୋଗ ଦେବା ସହିତ ଆଧାତ୍ମିକ ଶୋଭାଯାତ୍ରରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ, ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ଜିଲ୍ଲା ଉପସଭାପତି ଦିଲ୍ଲୀପ କୁମାର ପଣ୍ଡା, ନଗର ବିଜେପି ସଭାପତି ବିଶ୍ୱଜିତ ତ୍ରିପାଠୀ, ପ୍ରିୟବ୍ରତ ସାମଲ, ପ୍ରକାଶ ସୁତ୍ରଧର, ମିଡିଆ ସଂଯୋଜକ ବ୍ରଜକିଶୋର ରାୟ, ଶିତୁ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ଲାବଣ୍ୟଛକ ମହାବୀର କମିଟିର ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକ,କମିଟିର ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ବେହେରା ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରତ୍ୟେକ ବର୍ଷ ମୁଁ ଏଠାରେ ଯୋଗ ଦେଇଥାଏ। ସେଥିପାଇଁ ଏଥର ମଧ୍ୟ ମୁଁ ଯୋଗ ଦେବାର ସୁଯୋଗ ପାଇଛି। ସମୃଦ୍ଧ ଓଡିଶା ଓ ବିକଶିତ ଓଡ଼ିଶା ପାଇଁ ମୁଁ ବଜରଙ୍ଗବାଲିଙ୍କ ନିକଟରେ ପ୍ରାର୍ଥନା କରିଛି। କେନ୍ଦୁଝର ଜିଲ୍ଲା ରାଜ୍ୟର ଏକ ପ୍ରମୁଖ ଜିଲ୍ଲା ହେବ ଏବଂ ରାଜ୍ୟର ବିକାଶ କେନ୍ଦୁଝର ଜିଲ୍ଲାରୁ ହିଁ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

### ମେ ୬ରୁ ସ୍କୁଲ୍ ...

ଜୁନ୍‌ରେ ୮ଟି, ଜୁଲାଇରେ ୨୬, ଅଗଷ୍ଟରେ ୨୨ ଲେଖାଏଁ କାର୍ଯ୍ୟ ଦିବସ ରହିଛି। ସେହିପରି ଭାବରେ ସେପ୍ଟେମ୍ବରରେ୨୩, ଅକ୍ଟୋବରରେ ୨୦, ନଭେମ୍ବରରେ ୨୧, ଡିସେମ୍ବରରେ ୧୮, ଜାନୁଆରୀରେ ୨୩, ଫେବୃଆରୀରେ ୨୪ ଓ ମାର୍ଚ୍ଚରେ ୨୨ଟି ଲେଖାଏଁ କାର୍ଯ୍ୟ ଦିବସ ରହିଛି। ମୋଟ ଆକାରରେ ୮୨ଟି ଛୁଟି ରହିଥିବା ବେଳେ ୫୨ଟି ରବିବାର ରହିଛି। ୨୦୨୫ ଜୁଲାଇ ଚତୁର୍ଥ ସପ୍ତାହରେ ଫରମେଟିଭ୍-୧, ସେପ୍ଟେମ୍ବର ଚତୁର୍ଥ ସପ୍ତାହରେ ସମ୍ମେଟିଭ୍-୧, ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ଫରମେଟିଭ୍-୨ ଏବଂ ମାର୍ଚ୍ଚ ତୃତୀୟ ସପ୍ତାହରେ ସମ୍ମେଟିଭ୍-୨ ପାଇଁ ଧାର୍ଯ୍ୟ କରାଯାଇଛି। ଫେବୃଆରୀ ଦ୍ୱିତୀୟ ସପ୍ତାହରେ ପାଠ ପଢ଼ାର ରିଭିଜନ୍ କରିବେ ଛାତ୍ରଛାତ୍ରୀ। ଅନ୍ୟପଟେ ମାର୍ଚ୍ଚ ୪ର୍ଥ ସପ୍ତାହରେ ଖରା ଛୁଟି କରାଯିବ । ତେବେ ଏହି କ୍ୟାଲେଣ୍ଡରର ଅନୁପାଳନ ଲାଗି ପ୍ରଧାନଶିକ୍ଷକଙ୍କ ସମେତ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବ। ଏପଟେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ପାଇଁ ଆସେସମେଣ୍ଟ ରହିଛି। ତେବେ ଏକାଡେମିକ କ୍ୟାଲେଣ୍ଡର ଅନୁଯାୟୀ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ୨୦୨୬ ମସିହା ଫେବୃଆରୀ ମାସରେ ଶେଷ ସପ୍ତାହରେ ବାର୍ଷିକ ପରୀକ୍ଷା ଦେବେ ।ଏପଟେ ନବମ ଶ୍ରେଣୀ ପିଲାଙ୍କର ୨୦୨୬ ମସିହା ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ବାର୍ଷିକ ପରୀକ୍ଷା ଦେବେ। ଖରା ଛୁଟି ମଇ ୬ ତାରିଖରୁ ଜୁନ ୧୯ ତାରିଖ ପର୍ଯ୍ୟନ୍ତ ରହିବ। ସେହିପରି ପୂଜା ଛୁଟି ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ରହିଛି। ଏକ୍ସ ମାସ ଛୁଟି ଡିସେମ୍ବର ୨୩ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ରହିଛି।

### ତାଣ୍ଡବ ରଚିବ ...

ୱାର୍ଣ୍ଣିଂ ଜାରି କରାଯାଇଛି। ୧୬ ତାରିଖରେ ବର୍ଷା ଆହୁରି ବଢ଼ିବ। କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ରାୟଗଡ଼ା, କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ହେବ। ସେପଟେ ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରପଡ଼ା ଓ ଯାଜପୁର ଜିଲ୍ଲାରେ ମଧ୍ୟ ବର୍ଷା ପବନ ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ରହିବ। ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୭ ତାରିଖରେ ବର୍ଷା ସାମାନ୍ୟ ହ୍ରାସ ହେଲେ ମଧ୍ୟ ଅନେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନର ବେଗ ୪୦ରୁ ୫୦ କିମି ରହିବ। ଏଥିପାଇଁ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୮ ତାରିଖ ପାଇଁ ୱାର୍ଣ୍ଣିଂ ନଥିଲେ ମଧ୍ୟ ବର୍ଷା ରହିବ। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଗଜପତି, ଗଞ୍ଜାମ, କନ୍ଧମାଳ, ଢେଙ୍କାନାଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ବର୍ଷା ହେବ। ୧୯ ତାରିଖ ବେଳକୁ ବର୍ଷା ଆହୁରି କମିଲେ ମଧ୍ୟ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁପୁଳ, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଓ ମୟୂରଭଞ୍ଜ ଜିଲ୍ଲାରେ କିଛି ସ୍ଥାନରେ ବର୍ଷା ରହିବ।

### ପଳାତକ ଚୋକ୍‌ସିଙ୍କୁ ...

ବେଲଜିୟମରେ ଗିରଫ ହେବା ପରେ ମେହୁଲ ଚୋକ୍‌ସି ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଦର୍ଶାଇ କୋର୍ଟରେ ଜାମିନ୍ ମାଗିଛନ୍ତି।

ରିପୋର୍ଟ ଅନୁସାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ପ୍ରତ୍ୟାର୍ପଣ ଅନୁରୋଧରେ ତାଙ୍କୁ ଶନିବାର, ଏପ୍ରିଲ ୧୨ରେ ବେଲଜିୟମ୍‌ରେ ଗିରଫ କରାଯାଇଥିବା କୁହାଯାଇଛି। ଅନ୍ୟପକ୍ଷେ ବେଲଜିୟମ କର୍ତ୍ତୃପକ୍ଷ କହିଛନ୍ତି ଯେ, ମେହୁଲ୍‌ଙ୍କୁ ବର୍ତ୍ତମାନ ଅଟକ ରଖାଯାଇଛି କାରଣ ସେମାନେ ପରବର୍ତ୍ତୀ ନ୍ୟାୟିକ କାର୍ଯ୍ୟ ପାଇଁ ପ୍ରସ୍ତୁତ ହେଉଛନ୍ତି, ଏବଂ ତାଙ୍କୁ ଆଇନଗତ ପରାମର୍ଶଦାତାଙ୍କ ସହ ଯୋଗାଯୋଗ କରିବାକୁ ଅନୁମତି ଦିଆଯାଇଛି। ପ୍ରକାଶ, ନୀରବ ମୋଦୀ, ମେହୁଲ ଚୋକ୍‌ସି ସମ୍ପର୍କରେ ଭଣଜା ଏବଂ ମାମୁଁ ହୋଇଥିବା ବେଳେ ଗୀତାଞ୍ଜଳି ଡାଇମଣ୍ଡ ଏବଂ ଜେମ୍ସ ନାମରେ ଏକ କମ୍ପାନୀ ଚଳାଇଥିଲେ। ତେବେ ଉଭୟ ପିଏନ୍‌ବି ବ୍ୟାଙ୍କରୁ ୧୩,୮୫୦ କୋଟି ଟଙ୍କାର ଋଣ କରିଥିଲେ ଏବଂ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନକରି ପ୍ରତାରଣାମୂଳକ ଭାବରେ ଲେଟର୍ ଅଫ୍ ଅଣ୍ଡରଟେକିଂ (ଏଲ୍‌ଓୟୁ) ଏବଂ ଫରେନ୍ ଲେଟର ଅଫ୍ କ୍ରେଡିଟ୍ ହାସଲ କରି ଠକେଇ କରିଥିଲେ ଯାହା ଫଳରେ ବ୍ୟାଙ୍କକୁ ଯଥେଷ୍ଟ ଆର୍ଥିକ କ୍ଷତି ହୋଇଥିଲା।

ପ୍ରକାଶ, ମେହୁଲଙ୍କ ଗିରଫଦାରୀ ପଛରେ ଏକ ହନିଟ୍ରାପ୍ ରହିଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ମେହୁଲଙ୍କ ପତ୍ନୀ ପ୍ରୀତି ଚୋକ୍‌ସିଙ୍କ ବୟାନ ଅନୁସାରେ ମେହୁଲଙ୍କୁ ଆଣ୍ଟିଗୁଆରୁ ଡୋମିନିକା ବେଆଇନ୍ ଭାବେ ବୋଟ୍ ଯୋଗେ ଅପହରଣ କରିନିଆଯାଇଥିଲା, ଯେଉଁଠାରେ ତାଙ୍କୁ ଶାରୀରିକ ନିର୍ଯାତନା ମଧ୍ୟ ଦିଆଯାଇଥିଲା। ଏସବୁ ପଛରେ ବାରବରା ଜବାରିକା ନାମ୍ନୀ ଜଣେ ହଙ୍ଗେରୀ ଯୁବତୀଙ୍କ ସମ୍ପୃକ୍ତି ରହିଥିଲା। ବାରବରା ଜଣେ ଇନ୍‌ଭେଷ୍ଟମେଣ୍ଟ ଏଜେଣ୍ଟ ଥିଲେ ଏବଂ ସେ ମେହୁଲଙ୍କୁ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ ସମ୍ପର୍କରେ ପରାମର୍ଶ ଦେଉଥିଲେ।

### ବଡ଼ପଣ ଦେଖାଇଲେ ...

ମହାନତାର ପ୍ରମାଣ ସ୍ୱରୂପ ହରିଆଣା ଗସ୍ତ ଅବସରରେ ନିଜର ଜଣେ ବଡ଼ ପ୍ରଶଂସକଙ୍କୁ ଜୋତା ପିନ୍ଧାଇଛନ୍ତି। ରିପୋର୍ଟ ଅନୁସାରେ ହରିଆଣା ରାଜ୍ୟର କୈଥଲ ଜିଲ୍ଲା ନିବାସୀ ରାମପାଲ କଶ୍ୟପ୍, ମୋଦୀଙ୍କର ଜଣେ ଦୃଢ଼ ସମର୍ଥକ ଏବଂ ପ୍ରଶଂସକ ମଧ୍ୟ। ପ୍ରାୟ ୧୪ ବର୍ଷ ତଳେ ସେ ମୋଦୀଙ୍କ ପାଇଁ ଜୋତାପିନ୍ଧିବା ଛାଡ଼ି ଦେଇଥିଲେ। ଯେପର୍ଯ୍ୟନ୍ତ ମୋଦୀ ଦେଶର ପ୍ରଧାନମନ୍ତ୍ରୀ ନହୋଇଛନ୍ତି ଏବଂ ସେ ମୋଦୀଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇନାହାନ୍ତି ସେଯାଏଁ ସେ ଜୋତା ପିନ୍ଧିବେ ନାହିଁ ବୋଲି ଏକ ବଜ୍ର ଶପଥ ନେଇଥିଲେ। ସେବେଠାରୁ ଆଜି ପର୍ଯ୍ୟନ୍ତ ସେ ଖାଲି ପାଦରେ ଥିଲେ। ତେବେ ଏବେ ମୋଦୀ ତାଙ୍କୁ ନିଜେ ଭେଟିଛନ୍ତି ଏବଂ ଜୋତା ଉପହାରସ୍ୱରୂପ ପ୍ରଦାନ କରିଛନ୍ତି। ରାମପାଲ୍‌ଙ୍କ ସହ ସାକ୍ଷାତକାର ସମ୍ପର୍କରେ ନିଜେ ଯମୁନାନଗରରେ ଆୟୋଜିତ କାର୍ଯ୍ୟକ୍ରମରେ ମଧ୍ୟ ମୋଦୀ କହିଛନ୍ତି ଏବଂ ସାକ୍ଷାତକାର ବେଳର କିଛି ଫଟୋ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ସେୟାର ମଧ୍ୟ କରିଛନ୍ତି। ରାମପାଲ ମଧ୍ୟ ମୋଦୀଙ୍କୁ ପାଖରେ ପାଇ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ମୋଦୀଙ୍କ ସହ ଦେଖା କରିବା ତାଙ୍କର ଅନେକ ଦିନର ସ୍ୱପ୍ନ ଥିଲା ବୋଲି ସେ କହିଛନ୍ତି।

### କୋଇଡ଼ାରେ ଏନ୍‌ଫୋର୍ସମେଣ୍ଟ ...

ପରେ ଚେଇଁ ଉଠିଛନ୍ତି ସରକାର। ସରକାରଙ୍କ ପକ୍ଷରୁ ଗଠିତ ୯ ଜଣିଆ ଏନ୍‌ଫୋର୍ସମେଣ୍ଟ ଟିମ୍ ଆଜି ଦିନ ତମାମ୍ ମାଙ୍ଗାନିଜ୍ ଚୋରା ଚାଲାଣ ହେଉଥିବା ଅଞ୍ଚଳ ବୁଲି ସବୁ ଦିଗରୁ ତନ୍ନତନ୍ନ କରି ତଦନ୍ତ କରିବା ସହିତ କେତେ ଟନ୍ ମାଙ୍ଗାନିଜ୍ ଚୋରା ଚାଲାଣ ହୋଇଛି, ତାହା ଆକଳନ କରିଛନ୍ତି ।

# ପୂର୍ବତନ ବିଧାୟକଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ



**ନୟାଗଡ଼,୧୪।୪/ଏନ୍‌ଏନ୍‌ଏସ୍:** ବଂଶୀଧର ଇଣ୍ଟରନ୍ୟାସନାଲ ଫାଉଣ୍ଡେସନ ଫର ପିସ ଆଣ୍ଡ ଡେଭଲପମେଣ୍ଟ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ରାଜନେତା, ସାହିତ୍ୟିକ, ଶିକ୍ଷାବିତ୍, ନାଟ୍ୟକାର ସମାଜସେବୀ ତଥା ନୟାଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ବଂଶୀଧର ସାହୁଙ୍କ ସ୍ମୃତିରେ ପ୍ରତିବର୍ଷ ପରି ଚଳିତ ବର୍ଷ ୩୨ତମ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ୨୦୨୫ ବଂଶୀଧର ମହାବିଦ୍ୟାଳୟ, ଇଟାମାଟି ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ସାହୁଙ୍କ ପରିଚାଳନାରେ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ନୟାଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡ଼. ଜ୍ୟୋତିରଞ୍ଜନ ସାମନ୍ତରାୟ, ମୁଖ୍ୟ ବକ୍ତା ଭାବେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଆଶୁତୋଷ ମିଶ୍ର, ସମ୍ମାନିତ ଅତିଥିଭାବେ ବଂଶୀଧର ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପୀନାଥ ମାର୍ଥା ନୟାଗଡ଼ ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ଶେଖ ଅବଦୁଲ ଖାଲିକ, ଶିକ୍ଷାବିତ୍ ଅଶୋକ କୁମାର ମଲ୍ଲ ଯୋଗଦେଇ ବଂଶୀଧର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ କବିତା ପାଠୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବଂଶୀଧର ବାବୁ ଏଭଳି ଜଣେ ବିରଳ ବ୍ୟକ୍ତିତ୍ୱ ଥିଲେ ଯିଏକି ମାତ୍ର ପାଞ୍ଚବର୍ଷ ବିଧାୟକ ହୋଇ ମଧ୍ୟ ନୟାଗଡ଼ର ଅନେକ ବିକାଶ ମୂଳକ କାର୍ଯ୍ୟ କରିବା ସହିତ ଗଳ୍ପ, କବିତା, ନାଟକ ଓ ଭ୍ରମଣ କାହାଣୀ ଆଦି ଷାଠିଏରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରି ଓଡ଼ିଶା ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭା ମୁଖ୍ୟ ଭାବେ ବଂଶୀଧର ବାବୁଙ୍କ ସହଧର୍ମିଣୀ ବିଦ୍ୟୁଲତା ସାହୁ ମଞ୍ଚାସିନ ଥିବାବେଳେ ଅନୁଷ୍ଠାନର ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କବିତା ପାଠୋତ୍ସବକୁ କବି ଗୋପୀନାଥ ସେଠୀ ଓ ଅଧ୍ୟାପିକା ନୀଳିମା ନନ୍ଦ ସଂଯୋଜନା କରିଥିଲେ। ବ୍ୟଙ୍ଗ କଲମ ସମ୍ପାଦକ ତଥା ଅଭିନେତା ରବୀନ୍ଦ୍ର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବୟିତ୍ରୀ ଡ. ସୁକାନ୍ତି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଯଥା କବୟିତ୍ରୀ କଳ୍ପଲତା ମହାପାତ୍ରଙ୍କୁ 'ବଂଶୀଧର ସାରସ୍ୱତ ସମ୍ମାନ', ବିଶିଷ୍ଟ ନାଟ୍ୟ ସଂଗଠନ ଅନିଲ କୁମାର ପାତ୍ରଙ୍କୁ 'ବଂଶୀଧର ନାଟ୍ୟ ସମ୍ମାନ', ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥଙ୍କୁ 'ବଂଶୀଧର ପତ୍ରକାର ସମ୍ମାନ', କବୟିତ୍ରୀ ହରପ୍ରିୟା ଦ୍ୱିବେଦୀଙ୍କୁ 'ବଂଶୀଧର ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପରମ୍ପରା ସମ୍ପାଦକ ଡ. ନିର୍ମଳ ଚନ୍ଦ୍ର ସୁରଦେଓ, ଡ. ରଙ୍ଗନାଥ ବେହେରା, କବି ଗୋଲକ ନାୟକ, ଗାଳ୍ପିକ ଲଳିତ ମୋହନ ମିଶ୍ର, କବୟିତ୍ରୀ ଶୁକ୍ଳିଣୀ ଆନନ୍ଦ, କବି ଦେବେନ୍ଦ୍ର ପରମଗୁରୁ, ବ୍ୟଙ୍ଗକବି ଘରବୁଢ଼ା ପ୍ରତାପ କୁମାର ସାହୁ, ଅଧ୍ୟାପକ ଦିବାକର ରାଉତ, ରୀନାବାଳା ସାହୁ, ସୁଜାତା ସାହୁ, ବରିଷ୍ଠ କିରାଣି ସୂର୍ଯ୍ୟନାରାୟଣ ପ୍ରଧାନ, ବଂଶୀବାବୁଙ୍କ ସୁପୁତ୍ର ମାନସ ରଞ୍ଜନ ସାହୁ, ମଧୁସୂଦନ ସାହୁ, ମନ୍ମଥ ସାହୁ, ଝିଅ ମୋନାଲିସା ସାହୁ, ଏବଂ ଦୀପକ ସୁନ୍ଦରକୋ, ସମାଜସେବୀ ଶ୍ରୀଧର ପ୍ରଧାନ, କଣ୍ଠଶିଳ୍ପୀ ତାନ୍‌ସେନ୍ ରଫି କିଶୋର ସିଂ, ପ୍ରହଲ୍ଲାଦ ସାହୁ, ଅଧିବକ୍ତା ବଂଶୀଧର ରାଉତରାୟ, ତପନ ନାୟକ, କୃପାସିନ୍ଧୁ ଦାସ, ରମେଶ ଚନ୍ଦ୍ର ମହାରଣା ଏବଂ ମନୋଜ ନାୟକ ଯୋଗଦେଇଥିବା ବେଳେ ଶତାଧିକ କବି ଓ କବୟିତ୍ରୀ ସ୍ୱ ରଚିତ କବିତା ପାଠ କରିଥିଲେ।

## ଷ୍ଟାମ୍ପ୍ ଭେଣ୍ଡର୍‌ଙ୍କ ଲାଇସେନ୍ସ ରଦ୍ଦ ଦାବି



**ବେଗୁନିଆ,୧୪।୪/ଏନ୍‌ଏନ୍‌ଏସ୍:** ବେଗୁନିଆ ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଲାଇସେନ୍ସପ୍ରାପ୍ତ ଷ୍ଟାମ୍ପ ଭେଣ୍ଡର ଶଶିଭୂଷଣ ସାହୁଙ୍କ ଲାଇସେନ୍ସ ରଦ୍ଦ କରିବା ପାଇଁ ବେଗୁନିଆ ଉପ ନିବନ୍ଧକଙ୍କ ଜରିଆରେ ଖୋର୍ଦ୍ଧା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗରୁ ଜଣାଯାଏ ଯେ, ଆଜିକୁ ଦୀର୍ଘ ତିନିବର୍ଷ ହେଲା କାର୍ଯ୍ୟାଳୟକୁ ନ ଆସି ନିଜ ଘରେ ଏକ ଘରୋଇ କାର୍ଯ୍ୟାଳୟ ମାଧ୍ୟମରେ ଷ୍ଟାମ୍ପ ପେପରକୁ ସରକାରୀ ମୂଲ୍ୟଠାରୁ ଦଶ ପ୍ରତିଶତ ଅଧିକ ମୂଲ୍ୟରେ ବିକ୍ରୟ କରି ଗ୍ରାମାଞ୍ଚଳରେ ଗରିବ, ନିରୀହ ଜନସାଧାରଣଙ୍କୁ ଆର୍ଥିକ ଶୋଷଣ କରିଚାଲିଛନ୍ତି। ଏଥିରେ ତାଙ୍କର ଜନୈକ ଘନିଷ୍ଠ ସହଯୋଗୀ ଷ୍ଟାମ୍ପକ୍ରେତାଙ୍କ ଦସ୍ତଖତକୁ ଜାଲିଆତି କରି ଚଢ଼ା ମୂଲ୍ୟରେ ଷ୍ଟାମ୍ପ ବିକ୍ରୟରେ ସହଯୋଗ କରିଆସୁଛନ୍ତି ବୋଲି କୁହାଯାଉଛି। କୌଣସି ବ୍ୟକ୍ତିବିଶେଷ ଏଥିରେ ସନ୍ଦେହ ପ୍ରକାଶ କରି ପ୍ରଶ୍ନକଲେ, ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଏପରିକି ମାଡ଼ ମାରିବାକୁ ବି ପଛାଉ ନାହାନ୍ତି। ତେବେ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦିନକୁ ଦିନ ସମ୍ପୃକ୍ତ ଷ୍ଟାମ୍ପ ଭେଣ୍ଡରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ଉମାଶଙ୍କର ଜୟସିଂହ, ହେମନ୍ତ କୁମାର ସାହୁ, ସନ୍ତୋଷ କୁମାର ସାହୁ, ଅଜୟ କୁମାର ବେହେରା, ଧୀରେନ କୁମାର ସାହୁ, ମହେଫୁଜ ଅଲ୍ଲୀ ଓ ବ୍ରଜବନ୍ଧୁ ସାହୁଙ୍କ ସମେତ ବେଗୁନିଆର ବହୁ ଜନସାଧାରଣ ସ୍ଥାନୀୟ ଉପନିବନ୍ଧକଙ୍କୁ ସାକ୍ଷାତକରି ତୁରନ୍ତ ଶ୍ରୀ ସାହୁଙ୍କ ଲାଇସେନ୍ସ ରଦ୍ଦ କରିବା ପାଇଁ ଏକ ଅଭିଯୋଗପତ୍ର ପ୍ରଦାନ କରିବା ସହ ଏହାର ଏକକିତା ନକଲକୁ ସ୍ପିଡ୍‌ପୋଷ୍ଟ ଜରିଆରେ ଖୋର୍ଦ୍ଧାଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟମଣ୍ଡିତ ପ୍ରଧାନଙ୍କୁ ଜଣାଇଛନ୍ତି। ଏ ସମ୍ବନ୍ଧରେ ଏକ ପ୍ରତିନିଧି ମଣ୍ଡଳୀ ଆଗାମୀ ସପ୍ତାହରେ ଉଭୟ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ପାଇଁ ପ୍ରସ୍ତୁତ ଚଳାଇଥିବା ଜଣାପଡ଼ିଛି।

## ବେଆଇନ୍ ମାଟି ଚାଲାଣ, ରାଜସ୍ୱ ବିଭାଗ ଚୁପ୍



**ନୟାହାଟ,୧୪।୪/ଏନ୍‌ଏନ୍‌ଏସ୍:** ପ୍ରାଚୀ ନଦୀ ପଠାରୁ ଜେସିବି ଦ୍ୱାରା ରାତିଅଧିଆ ମାଟି ଖନନ କରାଯାଇ ଚୋରାଚାଲାଣ ହେଉଥିବା ଦେଖିବାକୁ ମିଳୁଥିବା ବେଳେ ସରକାରଙ୍କ ରାଜସ୍ୱ ବିଭାଗ ଚୁପ୍ ରହିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ ଜଙ୍ଗଲବୋରି ଆର୍‌ଆଇ ଅଧୀନରେ ଥିବା ରାମେଶ୍ୱର, ସହାଗପୁର, ନିଭରଣ ନଦୀ ପଠାରୁ ବେଆଇନ୍ ଭାବେ କିଛି ଅସାଧୁ ବ୍ୟକ୍ତି ଟ୍ରାକ୍ଟର ଯୋଗେ ମାଟି ଆଣି ଇଟାଭାଟି ମାଲିକମାନଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ମାଟି ଉଠାଉଥିବା ବ୍ୟକ୍ତି କୁହନ୍ତି ଆର୍‌ଆଇଙ୍କ ଜ୍ଞାତସାରରେ ନଦୀରୁ ମାଟି ଖୋଳାଯାଇ ବାହାରକୁ ଚାଲାଣ ହେଉଛି। ନଦୀ ପଠା ଖୋଳାଯିବା ଦ୍ୱାରା ମୃର୍ତ୍ତିକା ସଂରକ୍ଷଣ ପ୍ରତି ବିପଦ ସୃଷ୍ଟି ହେଉଛି। ଦିନ ରାତି କେତେକ ଟ୍ରାକ୍ଟର ଏସବୁ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କ ନିକଟରେ ଗାଡ଼ିର କାଗଜପତ୍ର ନଥିବା ସାଙ୍ଗକୁ ମାଟି ଖୋଳିବା ପାଇଁ ତହସିଲଦାରଙ୍କ ନିର୍ଦ୍ଦେଶ ମଧ୍ୟ ନଥିବା ଜଣାଯାଇଛି। ଗୋଚର ଅନାବାଦି ସରକାରୀ ଜାଗାରୁ ନିୟମିତ ମାଟି ଚାଲାଣ ଦ୍ୱାରା ସରକାରଙ୍କ ରାଜସ୍ୱହାନି ଘଟିବାରେ ଲାଗିଛି। ଏ ସଂପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ ସେ ରାତିରେ ହେଉଥିବା ଚୋରାଚାଲାଣକୁ ରୋକିବା ଆମ ପକ୍ଷେ ସମ୍ଭବପର ନୁହେଁ ବୋଲି କହିଥିଲେ। ତଥାପି ଦିନବେଳା ହେଉଥିବା ମାଟି ଚାଲାଣ ଉପରେ ଅଙ୍କୁଶ ଲାଗିବ ବୋଲି ସେ ପ୍ରକାଶ କରିଥିଲେ।

## ଚଇତି ପର୍ବର ଦ୍ୱିତୀୟ ସନ୍ଧ୍ୟାରେ ଭଜନ ସମାରୋହ



**କଣ୍ଟିଲୋ,୧୪।୪/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଫକିର ଅତବୁଦ୍ଧି ପାଟଣା କୈବର୍ତ୍ତ ସମାଜର ଇଷ୍ଟ ଦେବୀ 'ମା ସିଦ୍ଧ ବାଶେଳୀ'ଙ୍କ ଚଇତି ପର୍ବର ଦିତୀୟ ସନ୍ଧ୍ୟା ରବିବାରେ ସମାଜର କୁଳ ଦେବତା ଶ୍ରୀ ବରୁଣ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜ ଯୁବ ପରିଷଦ ଆନୁକୂଲ୍ୟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ଗ୍ରୁପ୍ ମୁଖ୍ୟ ତପନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସାଥି କଳାକାର ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିବା କଳାକାରମାନଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ଭଜନସଂଧ୍ୟା ଅନୁଷ୍ଠିତ ହୋଇଥିଲା। ଏହାକୁ ଉପଭୋଗ କରିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ଦେଖିବାକୁ ମିଳିଥିଲା। ସମସ୍ତଙ୍କୁ ସ୍ୱାଗତ ଓ ପ୍ରଶଂସା କରାଯାଇଥିବା ସଭାପତି ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ହନୁମାନ ଜନ୍ମ ମହୋତ୍ସବ ଓ ଗୀତାପାଠ



**ମାହାଙ୍ଗା,୧୪।୪/ଏନ୍‌ଏନ୍‌ଏସ୍:** ପବିତ୍ର ପଣାସଂକ୍ରାନ୍ତି ଅବସରରେ ମାହାଙ୍ଗା ବ୍ଲକ ନୁର୍ତାଙ୍ଗସ୍ଥିତ ପୁରାଣ ପ୍ରସିଦ୍ଧ ଅଜାଣ ମଠରେ ପ୍ରଭୁ ହନୁମାନଙ୍କ ଜନ୍ମ ମହୋତ୍ସବ ଓ ଗୀତାପାଠ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ ନିମାଇଁ ଚରଣ ଲେଙ୍କା ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପଣ୍ଡିତ ପ୍ରଦୀପ୍ତ କୁମାର ଦାଶଙ୍କ ଦ୍ୱାରା ପୂଜା କାର୍ଯ୍ୟ ସଂପାଦନ କରାଯାଇଥିଲା। ଏହି ଅବସରରେ ହନୁମାନଙ୍କ ପୂଜାର୍ଚ୍ଚନା, ହନୁମାନ ଚାଲିଶା, ରାମଚରିତ ମାନସର ସୁନ୍ଦରକାଣ୍ଡ ପାରାୟଣ ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମିଟିର ସୁବାଷ ଚନ୍ଦ୍ର ବାରିକ, ଶ୍ୟାମସୁନ୍ଦର ସ୍ୱାଇଁ, ଦେବେନ୍ଦ୍ର ନାୟକ, ଭରତ ରାଉତ, ରଞ୍ଜିତ ବରାଳ, ଶିବଚରଣ ଜେନା, ମନୋରଞ୍ଜନ ବେହେରା, ଶ୍ରୀନିବାସ ସାହୁ, ଧରଣୀଧର ସ୍ୱାଇଁ, ସୁକାନ୍ତ ଦଲେଇ, ବାବାଜି ଚରଣ ବିଶ୍ୱାଳ, ଭାସ୍କର ଲେଙ୍କା, ବସନ୍ତ କୁମାର ମହାନ୍ତି, ରଞ୍ଜିତ ଜେନା, ଦୈତାରୀ ସାମଲ, ସୁରେନ୍ଦ୍ର ମାଢେଇ, ପବିତ୍ର ଜେନା, ସୁନାକର ଜେନା, ସୁଶାନ୍ତ କୁମାର ଜେନା, କିଶୋର ନାୟକ, ନରେନ୍ଦ୍ର କୁମାର ସାମଲଙ୍କ ସମେତ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୦ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ଝାମୁଯାତ୍ରା



**ବେଗୁନିଆ,୧୪।୪/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ଭଳି ଚଳିତବର୍ଷ ରୀତିନୀତି ଓ ପରମ୍ପରା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକର ବୋତଲମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଛତ୍ରପଡ଼ା, ବାଦବାରବାଟୀ, ମାଣିକପୁରପାଟଣା, ଡୋଭାପାଟଣା ଓ ଗୌଡ଼ପାଟଣା ଗ୍ରାମ ସମେତ ହିରାପୁର ପଞ୍ଚାୟତ ଅନ୍ତର୍ଗତ ହିରାପୁର, ଜାଲଭାର, ହଜ ପଞ୍ଚାୟତ ଅନ୍ତର୍ଗତ ମୁକ୍ତାପୁର, ହଜ୍, କଲରାଝର, ସିକୋ ପଞ୍ଚାୟତ ଅନ୍ତର୍ଗତ ସିକୋ ଚଂଦ୍ରଶେଖରଦେବ, ଶଗଡ଼ଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ଶଗଡଭଗା, ସମେତ ଗଡ଼ମାଣତୀର, ଗୋବିଦପୁର ଓ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଆଦି ଗ୍ରାମରେ ଦଣ୍ଡପର୍ବ ସହ ମହାବିଷୁବ ପଣାସଂକ୍ରାନ୍ତି ଓ ମହାବୀର ଜୟନ୍ତୀ ମହାସମାରୋହ ସହିତ ପାଳିତ ହୋଇଯାଇଛି। ଗ୍ରାମର ଦଣ୍ଡଠାକୁରଙ୍କ ସ୍ଥାନୀୟ ଅଞ୍ଚଳରେ ମଞ୍ଚସ୍ଥ ହୋଇଥିବା ଚଢେୟା ସୁଆଙ୍ଗ ପ୍ରସଙ୍ଗ ଭକ୍ତମାନଙ୍କୁ ଆକୃଷ୍ଟ କରିଥିଲା। ଏହିପର୍ବ ଉପଲକ୍ଷେ ପଣା ସଂକ୍ରାନ୍ତି ଦିନ ମଧ୍ୟାହ୍ନରେ କଲରାଝର ଓ ହଜ୍ ଗ୍ରାମର ଭଗତାମାନେ ପୋଖରୀରେ ସ୍ନାନ କରିବା ପରେ ପୂର୍ବପୁରୁଷ ଅନୁଯାୟୀ କେତେକ ଭକ୍ତଙ୍କ ଦେହରେ ବିଭିନ୍ନ ଦେବାଦେବୀ ସବାର ହୋଇ ଘଣ୍ଟ, ମର୍ଦ୍ଦଳ, ମୃଦଙ୍ଗ ଆଦି ବାଦ୍ୟର ତାଳେ ତାଳେ ନାଚି ନାଚି ଯାଇ ଗ୍ରାମର ପ୍ରତ୍ୟେକ ଭକ୍ତଙ୍କ ଦୁଆରେ ଭୋଗ ଖାଇବା ପରେ କାମନା ଠାକୁରଙ୍କ ବିଜେସ୍ଥଳୀରେ ଡହଡହ ନିଆଁରେ ଝାମୁ ଚଲା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ଶୁଦ୍ଧାନନ୍ଦ ବିଦ୍ୟାଳୟରେ ହନୁମାନ ଜୟନ୍ତୀ



**ଫୁଲନଖରା,୧୪।୪/ଏନ୍‌ଏନ୍‌ଏସ୍:** ସଦର ଥାନା ନଛିପୁରସ୍ଥିତ ଶୁଦ୍ଧାନନ୍ଦ ବିଦ୍ୟାଳୟରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ଓ ସମ୍ପାଦିକା ବ୍ରହ୍ମଚାରିଣୀ ମନିଷା ଚୈତନ୍ୟଙ୍କ ପୌରୋହିତ୍ୟରେ ଏକ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଶିକ୍ଷକ, ଶିକ୍ଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ଓଡ଼ିଆ ନବବର୍ଷ ପାଳନ ଓ ହନୁମାନ ଚାଲିଶା ପାଠରେ ଅଂଶ ଗ୍ରହଣ କରିଥିଲେ। ସେହିପରି ସଦର ଥାନା ନୂଆକାଚରାମାଳଠାରେ ମର୍ଣ୍ଣିଙ୍ଗ୍ ମିଟ୍ ପକ୍ଷରୁ ମହାବିଷୁବ ମିଳନ ଓ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ସଭାପତି ପ୍ରଶାନ୍ତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିରିକ୍ତ ଡିସିପି ଦେବଦତ୍ତ କର ମୁଖ୍ୟ ଅତିଥିଭାବେ ଏହାକୁ ଉଦଘାଟନ କରିଥିଲାବେଳେ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତି, ପ୍ରତାପ ରାଉତରାୟ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସ୍ୱାଧିନଚେତା ମହାନ୍ତି, ସୁଧିର ପଟ୍ଟନାୟକ, ପ୍ରତିଭା ଜେନା, ନିରଞ୍ଜନ ସାହୁ, ଗଣେଶଚନ୍ଦ୍ର ସାହୁ, ଟିଟନ ସାହୁ, ଯୁଗଳକିଶୋର ସାହୁ, ବିନୟକୁମାର ଜେନା, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ରାମନଗର ଗଡ଼ାଠାରେ ରାମନଗର ଗ୍ରାମ୍ୟ କମିଟି ତରଫରୁ ଜଳସେବା କେନ୍ଦ୍ରକୁ ଏସିପି ଅମିତାଭ ମହାପାତ୍ର ଓ ଆଇଆଇସି ଓମପ୍ରକାଶ ମହାନ୍ତି ଉଦଘାଟନ କରିଥିଲେ। ଦିବ୍ୟାଲୋକ ସନ୍ଧାନେ ସମ୍ପାଦକ ଶ୍ରୀ ସନ୍ନ୍ୟାସୀଜୀ, ଗ୍ରାମ୍ୟ କମିଟି ସଭାପତି ପ୍ରକାଶ ନାୟକ, ସମ୍ପାଦକ ଲକ୍ଷ୍ମୀଧର ସେଠୀ ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବ୍ରାହ୍ମଣଝରିଲୋସ୍ଥିତ ଆରାଧ୍ୟା କଲଚରାଲ ଏକାଡ଼େମୀ ଆନୁକୁଲ୍ୟରେ ଓଡ଼ିଆ ନବ ବର୍ଷ ଅଧକ୍ଷ ଅଜୟକୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚନ୍ଦ୍ରମଣି ପ୍ରଧାନ, ପ୍ରଦ୍ୟୁମ୍ନକୁମାର ପତି, ସୁନ୍ଦରପ୍ରଭାତ ଦାସ ଓ ସୁରେନ୍ଦ୍ରନାଥ ଛୋଟରାୟ ଯୋଗଦେଇ ବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବ ବର୍ଷ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାକେଶକୁମାର ହୋତା ଧନ୍ୟବାଦ ଦେଇଥିଲେ।

# ମାଟି ସ୍ୱାସ୍ଥ୍ୟ ସମ୍ପର୍କରେ ଅଭିଭାଷଣ




**କଟକ,୧୪।୪/ଏନ୍ଏନ୍ଏସ୍:** ନୂଆବଜାରସ୍ଥିତ ରୋଟାରୀ କ୍ଲବ୍ କଟକ ଗ୍ରୀନଫିଲ୍ଡ ସଭାପତି ରୋଟାରୀଆନ୍ ରୁଦ୍ର ନାରାୟଣ ପଶାୟତଙ୍କର ଅନୁରୋଧ କ୍ରମେ ରୋଟାରୀ କ୍ଲବ୍ କଟକ ମିଡ୍‌ଟାଉନ ସଭାପତି ରୋଟାରୀଆନ୍ ପ୍ର. ଡଃ. ଆଶୁତୋଷ ଦେବତା 'ମାଟି ସ୍ୱାସ୍ଥ୍ୟ' ସମ୍ପର୍କରେ ବହୁ ଉପଯୋଗୀ ତଥା ଗୁଣାତ୍ମକ ତଥ୍ୟ ଆଧାରିତ ତାଙ୍କର ବକ୍ତବ୍ୟ ସଭାକକ୍ଷରେ ଉପସ୍ଥାପନା କରିଥିଲେ। ପାୱାରପଏଣ୍ଟ୍ ପ୍ରୋଜେକ୍ସନ ମାଧ୍ୟମରେ ବିସ୍ତୃତ ଭାବରେ ଆଲୋଚନା ମଧ୍ୟ କରିଥିଲେ। ଏହି ସଭାରେ ରୋଟାରୀ କ୍ଲବ୍ କଟକ ମିଡ୍‌ଟାଉନ୍‌ର ସମ୍ପାଦକ ରୋଟାରୀଆନ୍ ବିଭୂତି ଭୂଷଣ ରାଉତ, ରୋଟାରୀ କ୍ଲବ୍ କଟକ ଗ୍ରୀନଫିଲ୍ଡର ଯୁଗ୍ମ ସମ୍ପାଦିକା ରୋ. ସଂଧ୍ୟା ମହନ୍ତି, ରୋଟାରୀଆନ୍ ତୁଷାର ରଞ୍ଜନ ଦାସ, ରୋ. ଡ. ସନ୍ତୋଷ କୁମାର ମହାନ୍ତି, ରୋ. ଡଃ. ସଂଯୁକ୍ତା ଦାସ, ରୋ. ଜୀବନାନନ୍ଦ ଦାଶ, ରୋ. ସୌଦାମିନୀ ମହାରଣା, ରୋ. ଇଂ. ମନମୋହନ ପତି, ରୋ. ନୀରୋଦ କୁମାର ସ୍ୱାଇଁ, ରୋ. ସୁଜାତା ପତି, ରୋ. ଜ୍ୟୋସ୍ନାଲତା ଭଦ୍ର, ରୋ. ସୁରେଶ ଚନ୍ଦ୍ର କର ଓଗେର ଏବଂ ପୂର୍ବାଞ୍ଚଳ କଲ୍ୟାଣ ସମିତିର ସର୍ବଶ୍ରୀ ମଧୁସୁଦନ ଧଳ, ରବୀନ୍ଦ୍ର ନାଥ ସୁତାର, ତ୍ରିଲୋଚନ ପତି, ବିଜ୍ଞାନାନନ୍ଦ ମହାନ୍ତି ଓଗେର ସଭ୍ୟବୃନ୍ଦ ଉପସ୍ଥିତ ଥିଲେ। ଶେଷରେ ରୋ. ମେଜର ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ୍ ଦେଇଥିଲେ।

# ଜଳ ବିତରଣ କେନ୍ଦ୍ର ଶୁଭାରମ୍ଭ



**କଟକ,୧୪।୪/ଏନ୍ଏନ୍ଏସ୍:** ପବିତ୍ର ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ଡ୍ରିମ୍ସ୍ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜଳ ବିତରଣ କେନ୍ଦ୍ର ଟାଙ୍ଗୀ ବସଷ୍ଟାଣ୍ଡଠାରେ ଶୁଭାରମ୍ଭ ହୋଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ ପଦ୍ମିନୀ କେୟାର ହସ୍‌ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏହାକୁ ଉଦ୍‌ଘାଟନ କରିବା ସହ ପଥଚାରୀଙ୍କୁ ବିଷୁବ ପଣା ବିତରଣ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ଯୁବ ଉଦ୍ୟୋଗୀ ଶିବ ପ୍ରସାଦ ରଥ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ସଚିବ ସୁଧାଂଶୁ ଭୂଷଣ କର, ଜିତେନ୍ଦ୍ର ବେହେରା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଅଧ୍ୟାପିକା ରାଜଲକ୍ଷ୍ମୀ ମିଶ୍ର, ପ୍ରଦୀପ ଷଡଙ୍ଗୀ, ପ୍ରଶାନ୍ତ ତ୍ରିପାଠୀ, ସୁମନ୍ତ ନାୟକ, ସାମ୍ବାଦିକ ଗଗନ ରଞ୍ଜନ ମହାନ୍ତି, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଜଳ ବିତରଣ କାର୍ଯ୍ୟକ୍ରମ ଦୁଇମାସ ଧରି ଚାଲିବ ବୋଲି ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଏ. କେ. ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ଉଦ୍‌ଯାପିତ




**କଟକ,୧୪।୪/ଏନ୍ଏନ୍ଏସ୍:** ୪୨ମୌଜାସ୍ଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଏ. କେ. ବିଦ୍ୟାମନ୍ଦିରର ଦୁଇ ଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଚନ୍ଦନା ବେହେରା, ମାର୍ଗଦର୍ଶକ ଡ. ଅନିରୁଦ୍ଧ ଖିଲାର, ଶିକ୍ଷା ନିର୍ଦ୍ଦେଶକ ଡ. ପି. ସି. ମହାନ୍ତି, ପ୍ରଶାସନିକ ଅଧିକାରୀ କ୍ଷେତ୍ରମୋହନ ସେନାପତିଙ୍କ ନେତୃତ୍ୱରେ ଏହି ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନର ମୁଖ୍ୟଅତିଥିଭାବେ ଓଡ଼ିଶା ମାନବାଧିକାର କମିସନର ସଦସ୍ୟ ଅସୀମ ଅମିତାଭ ଦାଶ, ମୁଖ୍ୟବକ୍ତା ଭାବେ ଅବନୀ ମିଶ୍ର ଏବଂ ସମ୍ମାନିତ ଅତିଥି ଶତ୍ରୁଘ୍ନ ମାଟି, ଅଜୟ ଦଳେଇ ଯୋଗ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି, ସମ୍ମାନିତ ଅତିଥି ଭାବେ ସୌମ୍ୟା ଦାସ ଓ ସମାଜସେବୀ ସମୀର ରଞ୍ଜନ ପଣ୍ଡା ଯୋଗ ଦେଇଥିଲେ। ଦୁଇଦିନ ଧରି ସନ୍ଧ୍ୟାରେ ପିଲାମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେ. ଉଷା, ସ୍ମିତାଶ୍ରୀ ସାହୁ, ଶତାବ୍ଦୀ ସ୍ୱାଗତିକା, ପ୍ରିୟଦର୍ଶିନୀ ମହାନ୍ତି, ତନୁଜା ସିଂ, ଇତିଶ୍ରୀ ଦାସ, ମମତା ଦାସ, ଭକ୍ତିଲତା ରାଉତ, ବନିତା ଜେନା, ଅଳକାନନ୍ଦା ମହାପାତ୍ର, ସୀତାରାଣୀ ମହାନ୍ତି, ତପନ କୁମାର ଦାସ, ସସ୍ମିତା ଦାସ, ପ୍ରଦୀପ କୁମାର ବସ୍ତିଆ, ପୂଜାରିଣୀ ସାହୁ, ସୌଦାମିନୀ ପାଣି, ଶର୍ମିଷ୍ଠା ବେହେରା ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଜୟନ୍ତୀ ଉତ୍ସବ: ଜାତିଭିତ୍ତିକ ଭେଦଭାବ ଦୂର କରିବାରେ ଆମ୍ବେଦକରଙ୍କ ଭୂମିକା ଅତୁଳନୀୟ



**କଟକ,୧୪।୪/ଏନ୍ଏନ୍ଏସ୍:** ଭାରତୀୟ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୪ ତମ ଜୟନ୍ତୀ ଅବସରରେ ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚ ନ୍ୟାୟାଳୟ ସନ୍ନିକଟ ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦ୍ଦୋଶ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆମ୍ବେଦକରଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ।

ଜାତିଭିତ୍ତିକ ଭେଦଭାବ ଦୂର କରି ସାମାଜିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଅକ୍ଳାନ୍ତ ପ୍ରୟାସ ଏକ ଉନ୍ନତ ଭାରତ ପାଇଁ ତାଙ୍କ ଦୃଷ୍ଟିକୋଣର ପ୍ରମାଣ ଦେଇଥାଏ। ତାଙ୍କ ଅବଦାନକୁ ସମ୍ମାନ ଜଣାଇ ସମାନତା, ନ୍ୟାୟ ଏବଂ ମାନବାଧିକାରରେ ପରିପୂର୍ଣ୍ଣ ସମାଜ ଗଠନ ଦିଗରେ ବ୍ରତୀ ହେବାପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସମ୍ପାଦକ ଭିକାରୀ ଦାସ, ସ୍ଥାନୀୟ କର୍ପୋରେଟର ଆରତୀ ସାହୁ, ଆଇନଜୀବୀ ପ୍ରଶାନ୍ତ ନାୟକ, କଟକ ମହାନଗର ନାଗରିକ ମହାସଭାର ସଭାପତି ଡ. ରବି ରଞ୍ଜନ ସାହୁ, ଗୋପାଳ ଚନ୍ଦ୍ର ମିଶ୍ର, ସମରେନ୍ଦ୍ର ଘୋଷ, ସୁରେନ୍ଦ୍ରନାଥ ଛୋଟରାୟ, ସାହିତ୍ୟିକା ନଳିନୀପ୍ରଭା ନାୟକଙ୍କ ସମେତ ଦ୍ୱିପାୟନ ପଟ୍ଟନାୟକ, ଡ. ରଞ୍ଜନ ବିଶ୍ୱାଳ ପ୍ରମୁଖ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଏବଂ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପୃଥିବୀର ସର୍ବଶ୍ରେଷ୍ଠ ସମ୍ବିଧାନର ପ୍ରଣେତା ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସନ୍ନିକଟସ୍ଥ ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବିରଞ୍ଜନ ସାହୁ, ଡ. ହେମନ୍ତ କୁମାର ପରିଡ଼ା, ରବୀନ୍ଦ୍ରନାଥ ପଣ୍ଡା, ଗୋପାଳ ଚନ୍ଦ୍ର ମିଶ୍ର, ସୁରେନ୍ଦ୍ର ନାଥ ଛୋଟରାୟ, ପ୍ରଶାନ୍ତ ନାୟକ, ଭଗବତୀ ଖଟୁଆ, ସମରେନ୍ଦ୍ର ଘୋଷ, ନିବାସ ଚନ୍ଦ୍ର ମିଶ୍ର, ନଳିନୀପ୍ରଭା ନାୟକ, ମାଧବ ଚନ୍ଦ୍ର ମିଶ୍ର ଓ ଅରୁଣ ଅଗ୍ରୱାଲ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ।

କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ୍‌ର ପ୍ରାକ୍ତନ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରଣେତା ଡ. ଭୀମ୍ ରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ ସଦର ନିର୍ବାଚନମଣ୍ଡଳୀର ବରିଷ୍ଠ କଂଗେସ ନେତା ରାମଚନ୍ଦ୍ର ଗୋଛାୟତ, କଟକ ନଗର(ଜିଲ୍ଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜିଲ୍ଲା ସମ୍ପାଦକ ସଚ୍ଚିଦାନନ୍ଦ ରାଉତ, କଂଗ୍ରେସ ନେତା ରାଜେଶ୍ ସ୍ୱାଇଁ, ମନୋଜ ବିଶ୍ୱାଳ, ରଜନୀ ବସ୍ତିଆ, ଜୟନାରାୟଣ ତ୍ରିପାଠୀ, କାଳନ୍ଦୀ ଖୁଣ୍ଟିଆ, ବିକି ଜେଠୀ, ଲିପୁଲ ରାଉତ ପ୍ରମୁଖ ଯୋଗଦେଇ ବାବା ସାହେବ୍‌ଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ହରିଜନ ସାମ୍ମୁଖ୍ୟ ପକ୍ଷରୁ ବାବା ସାହେବ ଡ. ଭୀମ ରାଓ ଆମେଦକରଙ୍କ ଜୟନ୍ତୀ ଅଧ୍ୟକ୍ଷ ବିଜୟ ଓଝାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ପ୍ରାତଃରେ ତୁଳସୀପୁର ହରିଜନ ବସ୍ତିରେ ଫଳ ବଣ୍ଟନ ପରେ ହାଇକୋର୍ଟ ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂହ, ମହମ୍ମଦ ସକିଲ, ରାଜ୍ୟ ବିଜୁ ଜନତା ଦଳ କାଉନସିଲ ମେମ୍ବର ପ୍ରକାଶ ସିଂହ, ପ୍ରକାଶ ଚନ୍ଦ୍ର ରଥ, ସୁକାନ୍ତ ସ୍ୱାଇଁ, ପ୍ରତାପ ନାୟକ, ମୁକେଶ ମିଶ୍ର, ମହମ୍ମଦ ଅଜିଜୁର ରହିମ, ଅବଦୁଲ କରିମ, ସୟଦ ସଖାୱତ ଅଲ୍ଲୀ, ପ୍ରତିମା ନାୟକ, ରାମଚନ୍ଦ୍ର ନାୟକ, ଚନ୍ଦନ ନାୟକ, ରାମ ମାଧବ ଗୋଛାୟତ, ମନୋରଞ୍ଜନ ମୁଖୀ, ସୁନାକର ମୁଖୀ, ତିଲୋତ୍ତମା ଦେଇ ଓ ସୁକାନ୍ତି ନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଉତ୍କଳ ବିକାଶ ପରିଷଦର ୨୬ତମ ବାର୍ଷିକ ଉତ୍ସବ

**କଟକ,୧୪।୪/ଏନ୍ଏନ୍ଏସ୍:** ଉତ୍କଳ ବିକାଶ ପରିଷଦ ଓଡ଼ିଶା ପକ୍ଷରୁ ୨୬ତମ ବାର୍ଷିକ ଉତ୍ସବ ତଥା ବିଷୁବ ବନ୍ଧୁମିଳନ ଅଧ୍ୟକ୍ଷ ବସନ୍ତ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମହାନଦୀବିହାର ସ୍ଥିତ ରିଦ୍ଧିସିଦ୍ଧି କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚୌଦ୍ୱାର -କଟକର ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ.ପ୍ରଭାତ ରଞ୍ଜନ ବିଶ୍ୱାଳ ଏବଂ ମୁଖ୍ୟବକ୍ତା ପ୍ରଫେସର ବୈଷ୍ଣବ ଚରଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ଶମ୍ଭୁକିଶୋର ଦଣ୍ଡସେନା, ସଂଗଠନର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବଂଶୀଧର ନାୟକ, ଶୁଭାଙ୍ଗିନୀ ଦେବୀ ମଞ୍ଚାସୀନ ଥିଲେ।

କାମଦେବ ପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ କାର୍ଯ୍ୟକାରୀ ଅଧ୍ୟକ୍ଷ ଅର୍ଦ୍ଧେନ୍ଦୁ ଶେଖର ଭୋଳ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମହାସଚିବ ଶ୍ୟାମ ସୁନ୍ଦର୍ ସାମଲ ୨୦୨୪-୨୫ ମସିହାର ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଷଦ ତରଫରୁ ବିଶିଷ୍ଟ ଚାଷୀ ଶ୍ୟାମ ସୁନ୍ଦର ସ୍ୱାଇଁ, ସୁଶାନ୍ତ କୁମାର ସ୍ୱାଇଁ, ପ୍ରେମାନନ୍ଦ ସ୍ୱାଇଁ ତଥା ବିଶିଷ୍ଟ ସଙ୍ଗଠକ ସୁଦର୍ଶନ ପ୍ରଧାନ, ସମାଜସେବୀ ଶ୍ରୀ ଦଣ୍ଡସେନାଙ୍କୁ ସମ୍ମାନିତ କରିବା ସହିତ ପରିଷଦର ସର୍ବଶ୍ରେଷ୍ଠ ସମ୍ମାନ ବିଶିଷ୍ଟ ସାହିତିକ ସମାଜସେବୀ ଇଂ.ଡଃ ପ୍ରଭାକର ସ୍ୱାଇଁଙ୍କୁ ବୀର ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ପାଇକ ଗୁରୁ ଦଇତାରୀ ମହାରଣା ନିଜର କଳା ପ୍ରଦର୍ଶନ କରିଥିଲେ। କର୍ପୋରେଟର୍ ଇଂ. ସୁବ୍ରତ ଘଡ଼ାଇ, କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତ, ଏମ୍‌ଡିଏ ସଭାପତି ସଞ୍ଜୟ ଜେନା, ସମାଜସେବୀ ପ୍ରଶାନ୍ତ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପରିଷଦର ମୁଖ ପତ୍ର ଦୁନ୍ଦୁଭି ଉନ୍ମୋଚିତ ହୋଇଥିଲା। ଶ୍ୟାମ ସୁନ୍ଦର୍ ଚୌଧୁରୀ, ହୃଦାନନ୍ଦ ପଟ୍ଟନାୟକ, ଆର୍ତ୍ତତ୍ରାଣ ବିଶ୍ୱାଳ, ପଦ୍ମଲୋଚନ ନାୟକ,କାମଦେବ ପାତ୍ର, କୈଳାଶ ଚନ୍ଦ୍ର ବସ୍ତିଆ, ସୃଷ୍ଟିଧର ନାୟକ, ଜଟାଧାରୀ ଲେଙ୍କା, ଇଂ ଆଶିଷ କୁମାର ସ୍ୱାଇଁ, ଅଜୟ କୁମାର ସାମଲ, ବିଚିତ୍ରାନନ୍ଦ ସାମଲ ଓ ଉତ୍କଳରତ୍ନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିଷଦର ଉପାଧ୍ୟକ୍ଷ ରବୀନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

# ମହାବିଷୁବ ସଂକ୍ରାନ୍ତିରେ କଟକଉତ୍ସବ ମୁଖର

**କଟକ,୧୪।୪/ଏନ୍ଏନ୍ଏସ୍:** ମହାବିଷୁବ ସଂକ୍ରାନ୍ତି ତଥା ଉତ୍କଳୀୟ ନବବର୍ଷରେ କଟକ ସହର ଉତ୍ସବ ମୁଖର ହୋଇଛି। ବିଭିନ୍ନ ମନ୍ଦିର ବିଶେଷ କରି ମହାବୀରଙ୍କ ମନ୍ଦିରରେ ପ୍ରବଳ ଭିଡ଼ ଜମିଥିଲା ବେଳେ ସହରର ଗଳି କନ୍ଦିରେ ପଣା ଓ ଅନ୍ନ ବଣ୍ଟନ କରାଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ମହାବିଷୁବ ସଂକ୍ରାନ୍ତି ଅବସରରେ କଟକ ସହରରେ ୨ଟି ବଡ଼ ଧାର୍ମିକ ସଂଗଠନ ପକ୍ଷରୁ ବିରାଟ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ହିନ୍ଦୁ ସେନା ଓ ହିନ୍ଦୁ ଜାଗରଣ ମଞ୍ଚ ତଥା ଅନ୍ୟ ସଂଗଠନ ପକ୍ଷରୁ ଏହି ଶୋଭାଯାତ୍ରା କରାଯାଇଛି। ହିନ୍ଦୁ ସେନା ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ପୂର୍ବାହ୍ନ ୧୧ଟାରୁ ବାଲିଯାତ୍ରା ଉପର ପଡ଼ିଆରୁ ବାହାରି ସହର ପରିକ୍ରମା କରିବା ସହ ହରିପୁର ଦୋଳମୁଣ୍ଡାଇ ସ୍ଥିତ ଜଗନ୍ନାଥ ମନ୍ଦିରରେ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ପ୍ରାୟ ୩ ହଜାର ମୋଟରସାଇକେଲ ଓ ଚାରିଚକିଆ ଯାନ ଏଥିରେ ସାମିଲ ହୋଇଥିଲା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ବାରବାଟୀ ଷ୍ଟାଡ଼ିୟମ ପାଖରୁ ଶୋଭାଯାତ୍ରା ବାହାରି ଚଣ୍ଡୀଛକ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର, ନୟାସଡ଼କ, ବାଲୁବଜାର, ହାଇକୋର୍ଟ ଛକ, ଚାନ୍ଦିନୀ ଚୌକ, ଚଣ୍ଡୀମନ୍ଦିର ରାସ୍ତା ଦେଇ ପୁଣି ବାରବାଟୀ ଷ୍ଟାଡ଼ିୟମ ପାଖ ତ୍ରିନାଥ ମନ୍ଦିରରେ ପହଞ୍ଚିଥିଲା। ରାତିରେ ପ୍ରାୟ ୨୦୦୦ ବାଇକ ସାମିଲ ହେବ। ଏହି ଶୋଭାଯାତ୍ରା ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଛି। କମିଶନ୍‌ରେଟ୍ ପୁଲିସ ପକ୍ଷରୁ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ୧୫ ପ୍ଲାଟୁନ ଫୋର୍ସ ସହରରେ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଥିଲା।

## ୭୬ତମ ବିଷୁବ ମିଳନ ସମାବର୍ତ୍ତନ ଉତ୍ସବ

# 'ଇତିହାସ ହେଉଛି ଏକ ରାଷ୍ଟ୍ର ଓ ସଭ୍ୟତାର ଦର୍ପଣ'

**କଟକ,୧୪।୪/ଏନ୍ଏନ୍ଏସ୍:** ବିଷୁବ ମିଳନ ଯେକୌଣସି ସାହିତ୍ୟିକଙ୍କ ପାଇଁ ଏକ ଅପୂର୍ବ ଅବସର ବୋଲି ପ୍ରଜାତନ୍ତ୍ର ପ୍ରଚାର ସମିତି ତରଫରୁ ବିଷୁବ ମଣ୍ଡପରେ ଆୟୋଜିତ ୭୬ତମ ସମାବର୍ତ୍ତନ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତ ରଖିଛନ୍ତି। ପ୍ରଜାତନ୍ତ୍ର ପ୍ରଚାର ସମିତି ଅଧ୍ୟକ୍ଷ ତଥା ଝଙ୍କାରର ମୁଖ୍ୟ ସମ୍ପାଦକ ଭର୍ତ୍ତୃହରି ମହତାବ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ ଯେ ସମାଜକୁ ନିର୍ଭୀକ କରିପାରିବେ ସୃଜନଶୀଳ ସ୍ରଷ୍ଟାମାନେ। ସତ୍ୟ, ନ୍ୟାୟ ଓ ଧର୍ମର ଉଦ୍‌ଘୋଷଣା ସବୁବେଳେ ନିଜର ଲେଖନୀ ମାଧ୍ୟମରେ ସ୍ରଷ୍ଟାମାନେ କରିଆସିଛନ୍ତି ବୋଲି ସେ କହିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ କନ୍ନଡ ଲେଖକ ତଥା ଐତିହାସିକ ଡକ୍ଟର ବିକ୍ରମ ସମ୍ପଥ୍ କହିଥିଲେ, ଇତିହାସ ହେଉଛି ଏକ ରାଷ୍ଟ୍ର ଓ ସଭ୍ୟତାର ଦର୍ପଣ। ଅତୀତକୁ ଅନ୍ୱେଷଣଦ୍ୱାରା ଭବିଷ୍ୟତକୁ ଉନ୍ନତ କରିବାର ଚେତନା ଆମେ ପାଇଥାଉ। ଆମେ ଆମର ସଭ୍ୟତା, ସଂସ୍କୃତି ଓ ପ୍ରାଚୀନତାକୁ ଭୁଲିଯାଉଛୁ। ତା' ଭିତରେ ଆମର ସ୍ୱର୍ଣ୍ଣିମ ଇତିହାସ ଲୁଚିଲୁଚି ଯାଉଛି ବୋଲି ସେ କହିଥିଲେ। ଏଥିରେ ସଭାପତିତ୍ୱ କରି ପ୍ରଖ୍ୟାତ ସାହିତ୍ୟିକ ଦାଶ ବେନହୁର କହିଥିଲେ ଯେ ବିଷୁବ ମିଳନ ଯେକୌଣସି ସାହିତ୍ୟିକଙ୍କ ପାଇଁ ଏକ ଅପୂର୍ବ ସୁଯୋଗ। ଓଡ଼ିଆ ସାହିତ୍ୟିକମାନଙ୍କ ପାଇଁ ଡକ୍ଟର ମହତାବଙ୍କ ଏହି ସାରସ୍ୱତ ମଣ୍ଡପ ଏକ ତୀର୍ଥଭୂମି। ପ୍ରଖ୍ୟାତ କବୟିତ୍ରୀ ଅପର୍ଣ୍ଣା ମହାନ୍ତିଙ୍କୁ ବିଷୁବ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କୁ ୧ଲକ୍ଷ ଟଙ୍କାର ଚେକ୍ ଏବଂ ମାନପତ୍ର ପ୍ରଦାନ କରି ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ୨୫ହଜାର ଟଙ୍କାର ଚେକ୍ ଓ ମାନପତ୍ର ସହ ଡ. ବେଣୁଧର ପାଢ଼ୀଙ୍କୁ ଝଙ୍କାର ପ୍ରବନ୍ଧ ପୁରସ୍କାର, ରଞ୍ଜିତା ନାୟକଙ୍କୁ ଝଙ୍କାର କବିତା ପୁରସ୍କାର, କ୍ଷୀରୋଦ ଦାସଙ୍କୁ ଝଙ୍କାର କଥା ସାହିତ୍ୟ ପୁରସ୍କାର ଏବଂ କମଳା ଶତପଥୀଙ୍କୁ ଝଙ୍କାର ଅନୁବାଦ ଭାରତୀ ପୁରସ୍କାର ପ୍ରଦାନ କରାଯାଇଥିଲା। ପତ୍ରିକାର ଅନ୍ୟତମ ସମ୍ପାଦକ ତରୁଣ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସରୋଜ ରଞ୍ଜନ ମହାନ୍ତି ସମ୍ପାଦକୀୟ ସମ୍ଭାଷଣ ଏବଂ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ।
























## ଆଜିର ଇତିହାସ

- ୧୮୯୫-ବାଲ୍ ଗଙ୍ଗାଧର ତିଲକ, ଶିବାଜୀ ଉତ୍ସବର ଉଦ୍‌ଘାଟନ କରିଥିଲେ।
- ୧୯୪୦-ପ୍ରସିଦ୍ଧ ସାରଙ୍ଗୀ ବାଦକ ଓ ଶାସ୍ତ୍ରୀୟ ଗାୟକ ସୁଲତାନ ଖାନ ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୯୪୮-ହିମାଚଳ ପ୍ରଦେଶର ସ୍ଥାପନା ହୋଇଥିଲା।
- ୧୯୯୪-ଭାରତ ସମେତ ୧୦୯ଟି ଦେଶ ଗ୍ୟାଟ୍ ବୁଝାମଣାରେ ସ୍ୱୀକୃତି ପ୍ରଦାନ କରିଥିଲେ।
- ୧୯୭୨-ବଲିଉଡ୍ ଅଭିନେତ୍ରୀ, କ୍ରିକେଟ୍ ଗ୍ଲାମର୍ ଓ ମଡେଲ୍ ମନ୍ଦିରା ବେଦୀ ଜନ୍ମଗ୍ରହଣ କରିଥିଲେ।
- ୨୦୦୪- ରାଜୀବ ଗାନ୍ଧୀଙ୍କ ହତ୍ୟାକାଣ୍ଡ ସହିତ ଜଡ଼ିତ ଉଗ୍ରବାଦୀ ଭି.ମୁରଲୀଧରନ୍‌ର ହତ୍ୟା କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ସ୍ୱାସ୍ଥ୍ୟ ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ଆର୍ଥିକ ମାମଲାରେ ଚିନ୍ତା କରି ନିଷ୍ପତ୍ତି ନେବେ। ପାରିବାରିକ ଜୀବନରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବିରୋଧୀମାନେ ସକ୍ରିୟ ରହିବେ। କାମ ପାଇଁ ଯାତ୍ରା କରିପାରନ୍ତି।

**ବୃଷ** - ଦିନଟି ସାମାନ୍ୟ ରହିବ। ଅଜ୍ଞାତ ଭୟ ଚିନ୍ତାରେ ପକାଇବ। ଧନ ସହିତ ଜଡ଼ିତ ନିଷ୍ପତ୍ତି ଚିନ୍ତା କରି ନିଅନ୍ତୁ। କ୍ଲାଏଣ୍ଟ ଅଫିସ୍‌କୁ ଯାତ୍ରା କରିପାରନ୍ତି। ବ୍ୟପାର ବୃଦ୍ଧି ହୋଇପାରେ। ଜୀବନରେ ସୁଖ-ସମୃଦ୍ଧି ଆସିବ।

**ମିଥୁନ** - ସ୍ୱାସ୍ଥ୍ୟକୁ ନେଇ ମନ ଚିନ୍ତିତ ରହିବ। ଅଧିକ ଚିନ୍ତିତ ହେବାର ଆବଶ୍ୟକତା ନାହିଁ। ପାରିବାରିକ ଜୀବନରେ ଆନନ୍ଦମୟ ପରିବେଶ ରହିବ। ପରିବାର ଓ ସାଙ୍ଗସାଥିଙ୍କ ସହିତ ବୁଲିବାକୁ ଯାଇପାରନ୍ତି। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ।

**କର୍କଟ** - ମାନସିକ ଚାପରୁ ମୁକ୍ତି ପାଇବେ। ଧନ ଲାଭର ନୂଆ ଅବସର ପାଇବେ। ଘର-ପରିବାରରେ ଖୁସିର ପରିବେଶ ରହିବ। ଲକ୍ଷ୍ୟକୁ ହାସଲ କରିବା ପାଇଁ ପ୍ରେରିତ ହେବେ। ସମ୍ପତ୍ତି ସହିତ ଜଡ଼ିତ ବିବାଦରୁ ମୁକ୍ତି ମିଳିବ।

**ସିଂହ** - ପରିବାରର ଲୋକଙ୍କ ସହିତ ମଉଜ ମସ୍ତିଭରା ମୁହୂର୍ତ୍ତକୁ ଉପଭୋଗ କରିବେ। ରିୟଲ୍ ଇଷ୍ଟେଟ୍‌ରେ ନିବେଶ କରିଲେ ଲାଭ ପାଇବେ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ପ୍ରତିଦିନ ଯୋଗ ଓ ଧ୍ୟାନ କରନ୍ତୁ।

**କନ୍ୟା** - ଧନ-ସମ୍ପତ୍ତି ସହିତ ଜଡ଼ିତ ନିଷ୍ପତ୍ତି ନେବାବେଳେ ସାବଧାନ ରହିବେ। ସାଙ୍ଗସାଥିଙ୍କ ସହିତ ବୁଲିବାକୁ ଯିବାର ଯୋଜନା କରିପାରନ୍ତି। ପାରିବାରିକ ଜୀବନ ଆନନ୍ଦମୟ ରହିବ। କ୍ୟାରିୟର୍ ପାଇଁ ନିରନ୍ତର ପ୍ରୟାସ କରିବେ।

**ତୁଳା** - ପରିସ୍ଥିତି ଅନୁକୂଳ ରହିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଆଜି ପରିବାରର ଲୋକମାନେ ନିଜର ଫିଲିଂସ୍ ସେୟାର୍ କରିବାରେ ସଂକୋଚ ନକରନ୍ତୁ। ଅଫିସ୍‌ରେ ନିଜର ପ୍ରତିଭା ଓ କୌଶଳର ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ରୁହନ୍ତୁ।

**ବିଛା** - ଆପଣଙ୍କ ଭିତରେ ଆଜି ଉର୍ଜା ଓ ଆତ୍ମବିଶ୍ୱାସ ଭରପୂର ରହିବ। ଆର୍ଥିକ ସମସ୍ୟାରୁ ମୁକ୍ତି ମିଳିବ। ଧନ ଆଗମନ ହେବ। ଧନ-ସମ୍ପତ୍ତିରେ ବୃଦ୍ଧି ଯୋଗ ଅଛି। କିଛି ଲୋକଙ୍କ ଅଜ୍ଞାତ ଭୟ ମନକୁ ଚିନ୍ତିତ କରେଇବ।

**ଧନୁ** - ଆର୍ଥିକ ସ୍ଥିତିରେ ସୁଧାର ହେବ। ଘର-ପରିବାରରେ ଖୁସିର ପରିବେଶ ନଜର ଆସିବ। ପରିବାର ସହିତ ଟ୍ରିପ୍‌ର ପ୍ଲାନ୍ କରିପାରନ୍ତି। ଘରର ଆବଶ୍ୟକ ଅନୁଯାୟୀ ଜିନିଷ କିଣି ପାରିବେ। କ୍ୟାରିୟର୍ ସହିତ ନିଷ୍ପତ୍ତି ଚିନ୍ତା କରି ନେବେ। କ୍ରୋଧ ଉପରେ କାବୁ ରଖନ୍ତୁ।

**ମକର** - ସ୍ୱାସ୍ଥ୍ୟରେ ସୁଧାର ହେବ। ଦୀର୍ଘ ଦିନରୁ ଚାଲି ଆସୁଥିବା ସମସ୍ୟାରୁ ମୁକ୍ତି ମିଳିବ। କାମ ସଂକ୍ରାନ୍ତରେ ଯାତ୍ରା କରିପାରନ୍ତି। ପ୍ରପର୍ଟି ଡିଲର୍ସଙ୍କୁ ବ୍ୟବସାୟରେ ଲାଭ ହେବ। ଘରେ ମାଙ୍ଗଳିକ କାର୍ଯ୍ୟଗୁଡ଼ିକର ଆୟୋଜନ ହୋଇପାରେ।

**କୁମ୍ଭ** - ଆଳସ୍ୟରୁ ଦୂରରେ ରହିବେ। ନିବେଶ ସହିତ ଜଡ଼ିତ ନିଷ୍ପତ୍ତି ଚିନ୍ତା କରି ନିଅନ୍ତୁ। ପାରିବାରିକ ସମସ୍ୟାର ସମାଧାନ କରିବାରେ ଅସୁବିଧା ହୋଇପାରେ। ପରିବାର ଓ ସାଙ୍ଗସାଥିଙ୍କ ସହିତ ସମୟ ଅତିବାହିତ କରନ୍ତୁ।

**ମୀନ** - ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁ ନାହିଁ। ନୂଆ ବ୍ୟବସାୟ ଆରମ୍ଭ କରିବା ପାଇଁ ଶୁଭ ଦିନ। ପାରିବାରିକ ଜୀବନରେ ସୁଖ-ଶାନ୍ତି ବଜାୟ ରହିବ। ବ୍ୟାପାରରେ ଧନ ଲାଭ ହେବ। ସନ୍ତାନ ପକ୍ଷରୁ ଶୁଭ ସମାଚାର ପାଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍।
ହେତୁନାନେନ କୌନ୍ତେୟ ଜଗଦ୍‌ବିପରିବର୍ତ୍ତତେ। (୯/୧୦)**

ଆମ୍ଭେ ଅଧ୍ୟକ୍ଷ ହୋଇ ପ୍ରକୃତି ଦ୍ୱାରା ସମସ୍ତ ଚରାଚର ସୃଷ୍ଟି ଉତ୍ପନ୍ନ କରାଉଁ। ହେ କୌନ୍ତେୟ ! ଏହି କାରଣରୁ ଜଗତ ବାରମ୍ବାର ଉତ୍ପନ୍ନ ହୋଇଥାଏ ଅର୍ଥାତ ଜଗତର ଉତ୍ପତ୍ତି ପ୍ରଳୟ ହୋଇଥାଏ। ଏଠାରେ ଭଗବାନଙ୍କର କହିବାର ଉଦ୍ଦେଶ୍ୟ ହେଲା ଯେ ପ୍ରକୃତି ହେଉଛି ତାଙ୍କ ହାତରେ ଏକ ଯନ୍ତ୍ର ବା ଉପକରଣ। ସେ ପ୍ରକୃତିକୁ ସକ୍ରିୟ କରି ଚରାଚର ସୃଷ୍ଟି ଉତ୍ପନ୍ନ କରନ୍ତି। ପ୍ରକୃତିକୁ ଈଶ୍ୱର ସମସ୍ତ ଦାୟିତ୍ୱ ଦେଇଥାନ୍ତି ଯାହାଫଳରେ ପ୍ରକୃତି ସୃଷ୍ଟି ପାଳନ ଓ ସଂହାର ଭଳି ସମସ୍ତ କାର୍ଯ୍ୟ ପରମାତ୍ମା ପରଂବ୍ରହ୍ମଙ୍କର ଶକ୍ତିରେ ବଳିୟାନ ହୋଇ ସମ୍ପନ୍ନ କରନ୍ତି କିନ୍ତୁ ଈଶ୍ୱର ବା ପରଂବ୍ରହ୍ମ କେବଳ ଅନାସକ୍ତ ସାକ୍ଷୀ ରୂପରେ ରହିଥାନ୍ତି। ଅଧ୍ୟକ୍ଷ ଭାବରେ ସେ କେବଳ ପ୍ରକୃତିର କାର୍ଯ୍ୟକଳାପ ଉପରେ ନଜର ରଖିଥାନ୍ତି। ତାଙ୍କର ଉପସ୍ଥିତିରେ ପ୍ରକୃତିର ଦିବ୍ୟଲୀଳା ଚାଲୁଥାଏ। ସେ ହିଁ କର୍ମଶୂନ୍ୟ ଅନାସକ୍ତ ସର୍ବଶକ୍ତିମାନ ଈଶ୍ୱର।

# ଶାକାହାରୀ ସହର-ପାଳିତାନା



ଆମ ଦେଶରେ ଅନେକ ପ୍ରକାରର ନିରାମିଷ ଖାଦ୍ୟ ତିଆରି କରାଯାଏ ଯେଉଁଗୁଡ଼ିକୁ ଲୋକମାନେ ଖୁବ୍ ସଉକରେ ଖାଇଥାନ୍ତି। କିନ୍ତୁ ଦୁନିଆର ଏପରି କିଛି ଅଂଶ ରହିଛି ଯେଉଁଠାରେ ଲୋକମାନେ ଆମିଷ ଖାଦ୍ୟକୁ ସ୍ପର୍ଶ ମଧ୍ୟ କରନ୍ତି ନାହିଁ। ତେବେ ଏହି ସହରଟି ରହିଛି ଆମ ଦେଶର ଗୁଜରାଟ ରାଜ୍ୟରେ। ସେଠାରେ ସ୍ଥିତ ଭାବନଗର ଜିଲ୍ଲାର ପାଲିତାନା ହେଉଛି ଦୁନିଆର ଏକମାତ୍ର ସହର ଯେଉଁଠାରେ ମାଂସାହାରୀ ଭୋଜନ ଉପରେ ପ୍ରତିବନ୍ଧ ଲଗାଯାଇଛି। ପାଲିତାନାରେ କୌଣସି ପଶୁ, ପକ୍ଷୀଙ୍କୁ ମାରିବା ଦଣ୍ଡନୀୟ ଅପରାଧ। ପାଲିତାନା ଏକ ପବିତ୍ର ସହର। ତେବେ ୨୦୦ ଜଣ ଜୈନ ସାଧୁ-ସନ୍ଥଙ୍କ ବିରୋଧ ପ୍ରଦର୍ଶନ ପରେ ଆମିଷ ଉପରେ ପ୍ରତିବନ୍ଧ ଲଗାଯାଇଥିଲା। ସହରରେ କୌଣସି ପ୍ରକାରର ହିଂସାତ୍ମକ କାର୍ଯ୍ୟ ନହେଉ ବୋଲି ଏହି ଜୈନ ସାଧୁମାନେ ଚାହୁଁଥିଲେ। କୌଣସି ଜୀବିତ ପ୍ରାଣୀଙ୍କୁ ହତ୍ୟା କରିବା ଜୈନ ସମୁଦାୟରେ ପାପ ବୋଲି ମାନନ୍ତି। ଜୈନ ଧର୍ମର ପବିତ୍ର ତୀର୍ଥସ୍ଥଳଗୁଡ଼ିକ ମଧ୍ୟରୁ ଅନ୍ୟତମ ହେଉଛି ପାଲିତାନା। ଏହି ସହରର ଶତ୍ରୁଞ୍ଜୟ ପାହାଡ଼ରେ ରହିଛି ୮୦୦ରୁ ଅଧିକ ମନ୍ଦିର ଯେଉଁଗୁଡ଼ିକ ମଧ୍ୟରୁ ପ୍ରମୁଖ ହେଉଛି ଆଦିନାଥ ମନ୍ଦିର। ତେଣୁ ଅନେକ ଲୋକ ପାଲିତାନାକୁ ମନ୍ଦିରର ସହର ବୋଲି କହନ୍ତି। ତେବେ ଐତିହାସିକ ଗ୍ରନ୍ଥଗୁଡ଼ିକରେ କାଠିଆୱାଡ଼ର ପଦ୍‌ଲିପ୍ତପୁର ନାମରେ ଏହାର ଉଲ୍ଲେଖ ରହିଛି। ୨୦୧୧ର ଜନଗଣନା ଅନୁସାରେ କଥିତ ଭାବରେ ୯୧.୭୭ ପ୍ରତିଶତ ହିନ୍ଦୁ ରହୁଥିବା ବେଳେ ବାକି ଭାଗ ଅନ୍ୟ ଧାର୍ମିକ ସମୁଦାୟର ଲୋକ ରହନ୍ତି। ପାଲିତାନାର ୧୫ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ଛଅ ବର୍ଷରୁ କମ୍ ହେବ। ପାଲିତାନା ୭୨୮୮ ଫୁଟ୍ ଉପରେ ଅବସ୍ଥିତ ହୋଇଥିବାରୁ ସେଠାକୁ ପହଞ୍ଚିବା ପାଇଁ ୩୭୫୦୦ରୁ ଅଧିକ ପଥରର ଶିଡ଼ି ଚଢ଼ିବାକୁ ପଡ଼ିଥାଏ।

# ବିଶ୍ୱ କଳା ଦିବସ



୧୫ ଏପ୍ରିଲ୍, ୧୪୫୨ରେ ଇଟାଲୀର ମହାନ ଚିତ୍ରକାର ଲିଓନାର୍ଦୋ ଦା ଭିଞ୍ଚି ଜନ୍ମଗ୍ରହଣ କରିଥିଲେ। ସେ ଥିଲେ ଜଣେ ଚିତ୍ରକାର, ମୂର୍ତ୍ତିକାର, ବାସ୍ତୁଶିଳ୍ପୀ, ସଙ୍ଗୀତଜ୍ଞ, କୁଶଳ ଯାନ୍ତ୍ରିକ, ଇଞ୍ଜିନିୟର ଓ ବୈଜ୍ଞାନିକ। କଳା କ୍ଷେତ୍ରରେ ତାଙ୍କର ପାରଙ୍ଗମତା କାରଣରୁ ତାଙ୍କୁ ପୂରା ବିଶ୍ୱରେ ସମ୍ମାନ ମିଳିଥିଲା ଓ ତାଙ୍କର ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ଆଜି ପୂରା ବିଶ୍ୱ ପାଳନ କରୁଛି କଳା ଦିବସ। ଅଭିବ୍ୟକ୍ତି ଓ ଭାବନାଗୁଡ଼ିକର ସନ୍ଧାନ ନେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେଉଛି କଳା। ଏହା ଏପରି ଏକ କ୍ରିୟା ଯେଉଁଥିରେ ଜଣେ କଳାକାର ତା'ର ବିଚାର, ଅଭିବ୍ୟକ୍ତି, ଭାବନା, ଅନ୍ତର୍ଜ୍ଞାନ ଓ ଇଚ୍ଛାଗୁଡ଼ିକୁ ବ୍ୟକ୍ତ କରିଥାଏ। ୨୦୧୨ରେ ପ୍ରଥମ ଥର କଳା ଦିବସ ପାଳନ କରାଯାଇଥିଲା। କିନ୍ତୁ ଆଧିକାରିକ ଭାବରେ ୨୦୧୫ରେ ଲସ୍ ଆଞ୍ଜେଲସ୍ ଠାରେ ଏହି ଦିବସକୁ ପାଳନ କରାଯାଇଥିଲା। ସମାଜର ବିକାଶରେ କଳାର ମହତ୍ତ୍ୱ ଓ ଅଲଗା ଅଲଗା କଳାର ବିଦ୍ୟାଗୁଡିକ ପ୍ରତି ଲୋକମାନଙ୍କୁ ସଚେତନ କରେଇବା ପାଇଁ ୟୁନେସ୍କୋ ୨୦୧୯ରେ ଏକ ସାମାନ୍ୟ ସମ୍ମିଳନୀର ୪୦ତମ ସତ୍ରରେ ଏହି ଦିନଟିକୁ କଳା ଦିବସ ଭାବରେ ପାଳନ କରିବା ପାଇଁ ଘୋଷଣା କରିଥିଲା। ଏହାପରେ ଦୁନିଆରେ କଳାର ରଚନାତ୍ମକ ଗତିବିଧିଗୁଡ଼ିକ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରେଇବା ଓ କଳା ପ୍ରତି ଲୋକମାନଙ୍କର ରୁଚିକୁ ବୃଦ୍ଧି କରେଇବା ଏହି ଦିବସର ଉଦ୍ଦେଶ୍ୟ। ଅନ୍ତଃରାଷ୍ଟ୍ରୀୟ କଳା ସଂଘ ଓ ୟୁନେସ୍କୋର ମିଳିତ ସହଯୋଗରେ ଏହିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ଆୟୋଜନ କରାଯାଏ। ସମାଜରେ କଳାତ୍ମକ ଅଭିବ୍ୟକ୍ତିଗୁଡ଼ିକୁ ଦୃଢ଼ତାର ସହିତ ଏକୀକୃତ କରିବା, ସମାଜର ବିକାଶରେ କଳାର ମହତ୍ତ୍ୱ ଓ ଯୋଗଦାନକୁ ମହତ୍ତ୍ୱ ଦେବା ବିଶ୍ୱ କଳା ଦିବସର ଉଦ୍ଦେଶ୍ୟ।



# ଆର୍ଟ ଥେରାପି

ଏହା ଏପରି ଏକ ପ୍ରକ୍ରିୟା ଯାହାର ଉପଯୋଗ କରି ଲୋକମାନଙ୍କ ମାନସିକ ଓ ଭାବନାତ୍ମକ ସ୍ୱାସ୍ଥ୍ୟକୁ ଆହୁରି ଉନ୍ନତମାନର କରାଯାଏ। କଳା ମାଧ୍ୟମରେ ନିଜର ଭାବନାଗୁଡ଼ିକୁ ବ୍ୟକ୍ତ କରିବା ପାଇଁ ସାହାଯ୍ୟ କରେ ଆର୍ଟ ଥେରାପି। ଏଥିରେ ପେଣ୍ଟିଂ, ସ୍କେଚିଂ, ମଡେଲିଂ, କୋଲାଜ ଓ ଅନ୍ୟ କଳା ରୂପଗୁଡ଼ିକର ଉପଯୋଗ କରାଯାଏ। ଯେଉଁ ଲୋକମାନେ ନିଜର ଭାବନାକୁ ଶବ୍ଦ ସାହାଯ୍ୟରେ ବ୍ୟକ୍ତ କରିପାରନ୍ତି ନାହିଁ ସେମାନଙ୍କ ପାଇଁ ଆର୍ଟ ଥେରାପି ହେଉଛି ଉପଯୁକ୍ତ ପ୍ରକ୍ରିୟା। ଏହି ଥେରାପି ଯୋଗୁ ଲୋକମାନେ ଚିନ୍ତା, ଅବସାଦ ଓ ଅନ୍ୟ ମାନସିକ ସ୍ୱାସ୍ଥ୍ୟ ସ୍ଥିତିଗୁଡ଼ିକର ପ୍ରବନ୍ଧନରେ ସାହାଯ୍ୟ ପାଇଥାନ୍ତି। ଲୋକମାନଙ୍କର ବିଚାର ଓ ଭାବନାଗୁଡ଼ିକୁ ବ୍ୟକ୍ତ କରିବାର ଉପାୟଗୁଡ଼ିକ ସମ୍ପର୍କରେ ସଚେତନତା ବୃଦ୍ଧି କରେଇଥାଏ ଏହି ଥେରାପି। ଏହି ଚିକିତ୍ସା ପଦ୍ଧତିରେ ଚିକିତ୍ସକ ଗ୍ରାହକମାନଙ୍କ ସହିତ ମିଶି କେଉଁ ବିଷୟ ନେଇ ସେମାନେ ଚିନ୍ତିତ ଅଛନ୍ତି ସେ ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତି। ଚିକିତ୍ସକ ଏହିପରି କଳା ତିଆରି କରିବାକୁ ମାର୍ଗଦର୍ଶନ କରାଇଥାଆନ୍ତି ଯେଉଁଥିରେ ସେମାନଙ୍କର ସମସ୍ୟାର ସମାଧାନ ହୋଇପାରିବ। କଳା ଚିକିତ୍ସା ମୁଡ୍ ସମ୍ବନ୍ଧୀୟ ସ୍ଥିତିଗୁଡ଼ିକ ଯଥା-ଚିନ୍ତା ଓ ଅବସାଦ, ଆଘାତ, କମ୍ ଆତ୍ମ-ସମ୍ମାନ ଓ ଏହିପରି ବିକାରଗୁଡ଼ିକ ଉପରେ ଗୁରୁତ୍ୱ ଦେଇ ଚିକିତ୍ସା ଉପାୟ କରିଥାନ୍ତି। କ୍ଷତି-ଅନ୍ୟ ପ୍ରକାରର ଚିକିତ୍ସା ଉପାୟ ପରି କଳା ଚିକିତ୍ସା ମଧ୍ୟ କ୍ଷତି କରିପାରେ। ସମ୍ଭାବିତ ନକାରାତ୍ମକ ପ୍ରଭାବଗୁଡ଼ିକ ଏଥିରେ ସାମିଲ ରହିଥାନ୍ତି ଯଥା - ଚାପ ଓ ଚିନ୍ତାର ଉଚ୍ଚସ୍ତର, ଭାବନାଗୁଡ଼ିକୁ ପ୍ରଭାବୀ ଢ଼ଙ୍ଗ ଦ୍ୱାରା ସମ୍ବନ୍ଧିତ କରିବା ବିନା ସେଗୁଡ଼ିକୁ ଧ୍ୟାନକୁ ଆଣିବା, ଯଦି ଚିକିତ୍ସାକୁ ଅଚାନକ ବନ୍ଦ କରାଯାଉଛି ସେଗୁଡ଼ିକ ସହିତ କିପରି ସଂଘର୍ଷ କରିବାର କଠିନ ପ୍ରକ୍ରିୟା ଆଦି। ଆର୍ଟ ଥେରାପି ଯଦି ଅପ୍ରଭାବୀ ରହିଲା ତେବେ ରୋଗୀର ସମସ୍ୟାର ସମାଧାନ ଆଉ ସମ୍ଭବପର ହେବ ନାହିଁ। ଏହାଦ୍ୱାରା ରୋଗୀର ସମସ୍ୟା ବୃଦ୍ଧି ହୁଏ ଓ ରୋଗୀ ଅନ୍ୟ, ଉତ୍କୃଷ୍ଟ-ଅନୁକୂଳ ଚକିତ୍ସା ପଦ୍ଧତିଗୁଡ଼ିକ ପ୍ରତି ପ୍ରତିରୋଧୀ ବି ହୋଇପାରେ। ତେବେ ଏଥିପାଇଁ ରୋଗୀର ମଧ୍ୟ କଳାତ୍ମକ ପ୍ରତିଭା ରହିବା ବହୁତ ଜରୁରୀ।





## ରି-ରିଲିଜ ହେବ 'ବର୍ଷମ୍'



ଅଭିନେତା ପ୍ରଭାସ ଆଜି କେବଳ ପ୍ୟାନ୍ ଇଣ୍ଡିଆ ଷ୍ଟାର ହୋଇ ଆଉ ରହିନାହାନ୍ତି ଅନ୍ତଃରାଷ୍ଟ୍ରୀୟ ସ୍ତରରେ ମଧ୍ୟ ସେ ଜଣେ ପ୍ରସିଦ୍ଧ ଷ୍ଟାର୍। ଫିଲ୍ମ 'ବାହୁବଳୀ' ଜରିଆରେ ସମସ୍ତଙ୍କ ହୃଦୟରେ ରାଜ୍ କରିଥିଲେ ପ୍ରଭାସ। ଏହାପରେ ଆସିଥିଲା 'ସାଲାର' ଓ 'କଲ୍‌କି ୨୮୯୮ ଏଡି' ପରି ଫିଲ୍ମ ଯେଉଁଥିରେ ପ୍ରଭାସଙ୍କ ଅଭିନୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏପରି ନୁହେଁ ଯେ ପ୍ରଭାସ ଏହା ପୂର୍ବରୁ କୌଣସି ହିଟ୍ ଫିଲ୍ମ ଦେଇନଥିଲେ। ଏବେ କିନ୍ତୁ ତାଙ୍କର ଏକ ପୁରୁଣା ସୁପରହିଟ୍ ଫିଲ୍ମକୁ ସିନେମା ଘରଗୁଡ଼ିକରେ ରି-ରିଲିଜ କରାଯିବ। ଏହି ଫିଲ୍ମର ନାମ 'ବର୍ଷମ୍'। ତାଙ୍କର ସଫଳ ଫିଲ୍ମ ମଧ୍ୟରୁ 'ବର୍ଷମ୍' ଅନ୍ୟତମ। ବର୍ତ୍ତମାନ ପ୍ରଭାସ ଫିଲ୍ମ 'ରାଜା ସାବ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ରିଲିଜ ତାରିଖ ବିଷୟରେ ଘୋଷଣା କରାଯାଇ ନଥିଲେ ମଧ୍ୟ 'ବର୍ଷମ୍'ର ରି-ରିଲିଜ ମେ' ମାସରେ ହେବା ବିଷୟରେ ଶୁଣିବା ପରେ ଦର୍ଶକମାନେ ଖୁସିରେ ଅଛନ୍ତି। ତ୍ରିଷା କ୍ରିଷ୍ଣନଙ୍କ ସହିତ ରିଲିଜ ହୋଇଥିବା ଫିଲ୍ମ 'ବର୍ଷମ୍'ର ବଜେଟ୍ ଥିଲା ୮ କୋଟି। ତେବେ ବକ୍ସ ଅଫିସ୍‌ରେ ଫିଲ୍ମଟି ୨୧ କୋଟି ଆୟ କରିଥିଲା। ଏହାର ନିର୍ଦ୍ଦେଶନା ଭାର ନେଇଥିଲେ ଶୋଭନ ଓ ଫିଲ୍ମଟିର ନିର୍ମାଣ କରିଥିଲେ ଏମ୍‌ଏସ୍ ରାଜୁ। 'ବର୍ଷମ୍'ରେ ସଙ୍ଗୀତ ଦେଇଥିଲେ ଦେବୀ ଶ୍ରୀ ପ୍ରସାଦ। 'ବାହୁବଳୀ' ପୂର୍ବରୁ ଏହା ପ୍ରଭାସଙ୍କର ଥିଲା ଏକ ବ୍ଲକବଷ୍ଟର୍ ଫିଲ୍ମ। ଟିଭିରେ ମଧ୍ୟ ଏହି ରୋମାଣ୍ଟିକ-ଆକ୍ସନ୍ ଫିଲ୍ମଟିର ପ୍ରସାରଣ ହେଉଛି ଯେଉଁଟିକୁ ଖୁବ୍ ପସନ୍ଦ କରୁଛନ୍ତି ଦର୍ଶକମାନେ ଓ ଏହାର ରି-ରିଲିଜ କରିବା ଦର୍ଶକମାନଙ୍କ ପାଇଁ କୌଣସି ଟ୍ରିଟ୍ ଠାରୁ କମ୍ ହେବ ନାହିଁ।



## ଚୀନ୍‌ର ଉଚ୍ଚତମ ବ୍ରିଜ୍

ଚୀନ୍ ନିଜ ନାମରେ କରିଛି ଅନେକ ରେକର୍ଡ। ଏହି ରେକର୍ଡଗୁଡ଼ିକ ମଧ୍ୟରେ ରହିଛି ଉଚ୍ଚରେ ଥିବା ଏକ ବ୍ରିଜ୍ ବା ପୋଲ। ନିର୍ମାଣ ହୋଇସାରିବା ପରେ ଏହି ପୋଲଟି ସବୁଠାରୁ ଉଚ୍ଚତମ ପୋଲ ଭାବରେ ରେକର୍ଡ କରିଛି। ଏହି ପୋଲ ଦ୍ୱାରା ଏକ ଘଣ୍ଟାର ରାସ୍ତା ଏକ ମିନିଟ୍‌ରେ ପୂରା କରିବା ସମ୍ଭବପର ହେବ। ଜୁନ୍ ମାସରେ ହୁଆଜିୟାଙ୍ଗ ଗ୍ରାଣ୍ଡ କାନ୍ୟନ୍ ବ୍ରିଜକୁ ଖୋଲିବା ପ୍ରସ୍ତୁତିରେ ଅଛି ଚୀନ୍। ବ୍ରିଜ୍‌ଟି ୨,୦୫୧ ଫୁଟ୍ ଉଚ୍ଚରେ ରହିଛି। ଏହି ପୋଲର ନିର୍ମାଣ କରିବା ପାଇଁ ୨୧୬ ମିଲିୟନ୍ ପାଉଣ୍ଡ ଅର୍ଥାତ ୨୨୦୦ କୋଟି ଅର୍ଥ ଚୀନ୍ ବ୍ୟୟ କରିସାରିଛି। ଏହି ପୋଲ ଜରିଆରେ ଯାତ୍ରା କରିବା ଦ୍ୱାରା ଲୋକମାନଙ୍କର ସମୟର ସଠିକ୍ ଉପଯୋଗ ହୋଇପାରିବ ବୋଲି କୁହାଯାଉଛି। କେବଳ ଯେ ଏହି ପୋଲଟି ଯାତ୍ରାର ସମୟକୁ କମ୍ କରିବ ତାହା ନୁହେଁ ଏହା ଏଫିଲ୍ ଟାୱାର ଠାରୁ ମଧ୍ୟ ଉଚ୍ଚ ଓ ତିନି ଗୁଣ ଅଧିକ ଓଜନର ହେବ। ଏହି ସୁପର୍ ପ୍ରୋଜେକ୍ଟ ଚୀନ୍‌ର ଉଚ୍ଚ ନିୟନ୍ତ୍ରିୟରିଂ କ୍ଷମତାକୁ ଦୁନିଆ ସମ୍ମୁଖରେ ରଖିବା ସହିତ ଗୁନ୍‌ଝୋଉକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚୟ ଦେବ। ଏହି ବ୍ରିଜ୍‌ର ଷ୍ଟିଲ୍ ଟ୍ରସ୍‌ର ଓଜନ ୨୨,୦୦୦ ମେଟ୍ରିକ ଟନ୍। ଏହା ତିନୋଟି ଏଫିଲ୍ ଟାୱାର ସହିତ ସମାନ। ମାତ୍ର ଦୁଇ ମାସ ମଧ୍ୟରେ ନିର୍ମିତ ହୋଇଥିବା ଏହି ପୋଲଟିକୁ ଏକ ଘାଟି ଉପରେ ନିର୍ମାଣ କରାଯାଇଛି ଯାହାର ଉପଲବ୍ଧି ଦେଶକୁ ଗୌରବାନ୍ୱିତ କରୁଛି। ପୋଲଟି ଗ୍ରାମୀଣ କ୍ଷେତ୍ରକୁ ଯୋଡ଼ିବା ସହିତ ପରିବହନ ପାଇଁ ସୁଯୋଗ ସୃଷ୍ଟି କରିବ। ଗ୍ରାମୀଣ ସମୁଦାୟ ସହିତ ଯେଉଁ ଶହେଟି ପୋଲର ନିର୍ମାଣ କରାଯାଇଛି ପାଖାପାଖି ତାହାର ଅଧା ଭାଗ ରହିଛି ସେହି ସ୍ଥାନରେ। ୨୦୧୬ରେ ଚୀନ୍‌ର ସବୁଠାରୁ ଉଚ୍ଚ ପୋଲ ବେଇପାଞ୍ଜିୟାଙ୍ଗରେ ନିର୍ମାଣ କରାଯାଇଥିଲା।



## ସମାଜସେବୀ ପ୍ରଣବାନନ୍ଦ ଦାସଙ୍କ ନିଧନରେ ଶୋକ



**ଢେଙ୍କାନାଳ,୧୪।୪/ଏନ୍‌ଏନ୍‌ଏସ୍‌:** ପ୍ରବୀଣ ବ୍ୟବସାୟୀ, କଳାପ୍ରେମୀ ଓ ସମାଜସେବୀ ପ୍ରଣବାନନ୍ଦ ଦାସଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୬୩ ବର୍ଷ ବୟସ ହୋଇଥିଲା । ପ୍ରଣବାନନ୍ଦଙ୍କର ଗଣେଶ ବଜାର ଛକରେ ପୂଜା ଏଜେନ୍ସି ନାମରେ ଏକ ଫର୍ଣ୍ଣିଚର ଓ ପାଣି ପମ୍ପ ଦୋକାନ ବହୁବର୍ଷ ହେଲା ରହିଛି । ନଳକୂଅ ଖନନ ପାଇଁ ଉପଯୁକ୍ତ ସ୍ଥାନ ନିରୂପଣର ବୈଷୟିକ କୌଶଳର ପ୍ରୟୋଗ ଯୋଗୁ ସେ ସାରା ରାଜ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ବାସ୍ତୁଶାସ୍ତ୍ର ଓ ରେକି ଆଦି ବିଦ୍ୟା ଉପରେ ତାଙ୍କର ଜ୍ଞାନ ଥିଲା । ଢେଙ୍କାନାଳର ଅଧିଷ୍ଠାତ୍ରୀ ଦେବୀ ବ୍ରାହ୍ମଣୀ ଦେଇ ଓ ଜୟ ଗୋପାଳସାହିସ୍ଥିତ ରାଧାକୃଷ୍ଣ ମନ୍ଦିରରେ ହୋମ, ଯଜ୍ଞ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରୁଥିଲେ । ସେ ଢେଙ୍କାନାଳ ବଣିକ ସଂଘ ଓ ଗଣେଶ ବଜାର ପୂଜା କମିଟିର ସଦସ୍ୟ ଥିଲେ । ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଗତ ୧୩ ତାରିଖ ସଂଧ୍ୟାରେ ନଟରାଜ ସଙ୍ଗୀତ ମହାବିଦ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ କୃଷ୍ଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ସାମ୍ବାଦିକ ସତ୍ୟ ନାରାୟଣ କର, ରକ୍ତଚାବୁକ୍ ସମ୍ପାଦକ ଗଗନ ବିହାରୀ ପଣ୍ଡା, ବରିଷ୍ଠ ଶିକ୍ଷକ ମଧୁସୂଦନ ରାଉତ, ସମାଜେବୀ ମଥୁରୀ ସାହୁ, ଆଇନଜୀବୀ ନିର୍ମଳ ମିଶ୍ର, ଗୁରୁ ଜ୍ୟୋତ୍ସ୍ନାରାଣୀ ମିଶ୍ର, ସମାଜସେବୀ ଦେବସ୍ମିତା ଦାସ, ଝରଣା ରାଉତ, ଅନ୍ନଦା ପ୍ରସାଦ ମହାନ୍ତି, ଅନ୍ନଦା ପ୍ରସାଦ ଦାସ, ଜୟନ୍ତ କର ଓ ବିଜୟାନନ୍ଦ ସାହୁ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଣବାନନ୍ଦଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# କମୁଛି ଭୂତଳ ଜଳସ୍ତର, ବଢୁଛି ପାନୀୟଜଳ ସମସ୍ୟା

**ତାଳଚେର,୧୪।୪/ଏନ୍‌ଏନ୍‌ଏସ୍‌:** କିଛିବର୍ଷ ହେବ ଭୂତଳ ଜଳସ୍ତର କମୁଥିବାରୁ ତାଳଚେରରେ ପାନୀୟଜଳ ସମସ୍ୟା ବୃଦ୍ଧି ପାଇବାର ଲାଗିଛି । ଏନେଇ ବ୍ଲକ୍‌ର ଲୋକଙ୍କ ମଧ୍ୟରେ ଦିନକୁଦିନ ହତାଶ ଭାବ ସୃଷ୍ଟି ହେଉଛି । ପୂର୍ବରୁ ୪ରୁ ୫ଥର ନଳକୂପ ମାରିଲେ ବାଲ୍‌ଟିଏ ପାଣି ଭର୍ତ୍ତି ହୋଇଯାଉଥିଲା । କିନ୍ତୁ ଏବେ ମାରିମାରି ଥକିଗଲେ ମଧ ପାଣି ବାଲ୍‌ଟିଏ ହେବା କଷ୍ଟକର ହେଉଛି । ତେଣୁ ଲୋକମାନେ ଯେତେ ସହଜରେ ଜଳ ପାଇ ପାରୁଥିଲେ ତାହା ଏବେ ଆଉ ସମ୍ଭବ ହେଉନାହିଁ । ଭୂତଳ ଜଳସ୍ତର କମିବା ଏହାର ମୁଖ୍ୟ କାରଣ ବୋଲି ଲୋକମାନେ କହୁଛନ୍ତି । ପାନୀୟଜଳ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ନଳକୂପ ଖନନ, ପାନୀୟଜଳ ଯୋଗାଣ କରାଯାଉଥିଲେ ମଧ ତାହା ସଠିକ୍ ରୂପାୟନ ହୋଇପାରୁ ନାହିଁ । ଭୂତଳ ଜଳସ୍ତର ବଢ଼ାଇବା ପାଇଁ ପୋଖରୀ ଖନନ ଓ ଆଡ଼ିବନ୍ଧ ଭଳି ଦୀର୍ଘମିଆଦି ଯୋଜନା ମାଧ୍ୟମରେ ବର୍ଷା ଜଳ ସଞ୍ଚୟ କରାଯାଇପାରନ୍ତା । କିନ୍ତୁ ବର୍ଷା ଜଳ ସଞ୍ଚୟ ପରିବର୍ତ୍ତେ ପୋଖରୀ ଓ ଖାଲ ଜମି ପୋତାଯାଇ ଗୃହ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି । ଫଳରେ ବର୍ଷା ଜଳ



ସଞ୍ଚୟ ହୋଇନପାରି ନିମ୍ନଗାମୀ ହୋଇ ବୋହି ଯାଉଛି । ସରକାରୀ ସ୍ତରରେ ପୋଖରୀ ଖନନ ଓ ଜଳାଶୟ ଉଦ୍ଧାର କରାଯିବାକୁ ଅନୁଦାନ ଥିଲେ ମଧ ସେଥିରେ ଧର୍ମକୁ ଆଖିଠାର ପରି କାର୍ଯ୍ୟ କରାଯାଉଛି । ରକ୍ଷଣାବେକ୍ଷଣା ଅଭାବରୁ ଜଳାଶୟ ଗୁଡ଼ିକ ପୋତିହୋଇ ପଡୁଥିବାବେଳେ ଜଳସ୍ତର ବଢ଼ାଇବା ପାଇଁ ବର୍ଷା ଜଳ ହିଁ ନିତ୍ୟାନ୍ତ ଆବଶ୍ୟକ । ଏପରି ଏହି ବର୍ଷାଜଳକୁ ଠିକ୍ ସମୟରେ ସଦୁପଯୋଗ କରାଯାଇ ପାରୁନଥିବାରୁ ଭୂତଳ ଜଳ ପୂର୍ଣ୍ଣ ହୋଇନପାରି ତଳକୁ ବୋହି ଯାଉଛି ।

ପୂର୍ବରୁ ଖରାଦିନେ ନଦୀ ଗୁଡ଼ିକରେ ପାଣି ରହୁଥିଲା । ଲୋକମାନେ ପାନୀୟଜଳ ରୂପେ ବ୍ୟବହାର କରିବା ସହ ସ୍ନାନ ଓ ଗୋରୁଗାଈଙ୍କୁ ଧୋଉଥିଲେ । କିନ୍ତୁ ଏବେ ନଦୀ ଗୁଡ଼ିକ ପୋତିହୋଇ ପଡ଼ିବା ସହ ସେଥିରେ ବିଶେଷ ପାଣି ରହୁନାହିଁ । ଆହୁରି ମଧ ପାନୀୟଜଳ ପ୍ରକଳ୍ପ ନାମରେ ଭୂତଳ ଜଳକୁ ପ୍ରତ୍ୟେହ ପାଇପ୍ ଜରିଆରେ ଲୋକଙ୍କୁ ଯୋଗାଣ କରାଯାଉଥିବାବେଳେ ଜଳ ସଠିକ୍ ବିନିଯୋଗ କରାଯାଇ ପାରୁନାହିଁ । ଫଳରେ ଭୂତଳ ଜଳ କମୁଥିବାବେଳେ ପାନୀୟଜଳ ସମସ୍ୟା ବୃଦ୍ଧି ପାଉଛି । ତେବେ ବର୍ତ୍ତମାନ ଭୂତଳ ଜଳ ବୃଦ୍ଧି ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କରାଯାଉଛି । ଏହି ଯୋଜନା ମୁତାବକେ ବିଭିନ୍ନ ଗ୍ରାମରେ ଥିବା ପୋଖରୀ, କଲେଜ ଛାତଘର ଓ ସରକାରୀ ଗୃହ ନିକଟରେ ନଳକୂପ ଖୋଳାଯାଇ ସୁଡ଼ଙ୍ଗ କରାଯାଇଛି । ପୋଖରୀ ନିକଟରେ କରାଯାଇଥିବା ନଳକୂପ ସୁଡ଼ଙ୍ଗ ପୋଖରୀରେ ସଂଯୋଗ କରାଯାଇଛି । ପୋଖରୀ ପାଣି ବୃଦ୍ଧି ହେଲେ ସେହି ନଳକୂପ ସହିତ ସଂଯୋଗ କରାଯାଇଥିବା ସୁଡ଼ଙ୍ଗ ବାଟଦେଇ ପାଣି ଭୂତଳକୁ ପ୍ରବେଶ କରିବ । ତେଣୁ ପ୍ରକୃତରେ ଏହି ଯୋଜନା ଦ୍ୱାରା ଭୂତଳକୁ ଜଳ ଯାଉଛି କି ନାହିଁ ତା'ର ସମୀକ୍ଷା କରାଗଲେ ଏହାର ସଫଳ ରୂପାୟନ ହୋଇପାରନ୍ତା । କିନ୍ତୁ ବର୍ତ୍ତମାନ ଭୂତଳ ଜଳ କମ୍ ଥିବାରୁ ପାନୀୟଜଳ ସମସ୍ୟା ବୃଦ୍ଧି ପାଉଛି ।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ସୋର,୧୪।୪/ଏନ୍‌ଏନ୍‌ଏସ୍‌:** ସୋର ଥାନା ମହୁମୁହାଣ ପଞ୍ଚାୟତ ଯୋଡ଼ାମ୍ବ ଗ୍ରାମରେ ଗାଧୁଆ ଘରୁ ସନ୍ଦେହଜନକ ଅବସ୍ଥାରେ ଜଣେ ନବବଧୂଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ହେଲେ ଏହି ଗ୍ରାମର କରୁଣାକର ମଳିକଙ୍କ ସ୍ତ୍ରୀ ନମିତା ମଳିକ (୨୪) । ନମିତା ପୂର୍ବାହ୍ନରେ ଗାଧୁଆ ଘରକୁ ଯାଇଥିବାବେଳେ କିଛି ଶବ୍ଦ ଶୁଣି ତାଙ୍କ ବଡ଼ ଯାଆ ସେଠାକୁ ଯାଇଥିଲେ । କିନ୍ତୁ ଗାଧୁଆ ଘର କବାଟ ବନ୍ଦ ଥିବାରୁ ପଡ଼ୋଶୀଙ୍କ ସହାୟତାରେ କବାଟ ଭାଙ୍ଗିଥିଲେ । ଭିତରେ ନମିତା ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ସୋର ପୁଲିସ ମେଡିକାଲ୍‌ରେ ପହଞ୍ଚି ଶବ ଜବତ କରି ଏକ ମାମଲା ରୁଜୁ କରି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରକାଶଥାଉକି କରୁଣାକର ଗତ ମାର୍ଚ୍ଚ ୧୨ ତାରିଖରେ ନମିତାଙ୍କୁ ବିବାହ କରିଥିଲେ ।

## ମା' ଚର୍ଚ୍ଚିକା ପୀଠରେ ପଣା ସଂକ୍ରାନ୍ତି

**କେନ୍ଦୁଝର,୧୪।୪/ଏନ୍‌ଏନ୍‌ଏସ୍‌:** କେନ୍ଦୁଝର ଜିଲ୍ଲାର ତେଲକୋଇ ବ୍ଲକ୍ ଅନ୍ତର୍ଗତ ଜଗମୋହନପୁର ନିକଟସ୍ଥ ସିଙ୍କୁଲାବାହାଲ ଗ୍ରାମର ଗ୍ରାମଦେବୀ ମା' ଚର୍ଚ୍ଚିକା ଠାକୁରାଣୀଙ୍କ ବାର୍ଷିକ ପଣା ସଂକ୍ରାନ୍ତି ଅନୁଷ୍ଠିତ ହୋଇଯାଇଛି । ସଂକ୍ରାନ୍ତି ପୂର୍ବଦିନ ଗ୍ରାମଦେବୀଙ୍କୁ ସଂଲଗ୍ନ ସରୁଆଳି, ଟୁଙ୍ଗୁରୁବାହାଲ ଓ ଅଙ୍ଗଦସରୁଆଳି ଗ୍ରାମ ପରିକ୍ରମା କରାଯାଇଥିଲା । ପଣା ସଂକ୍ରାନ୍ତିରେ ନୀତିକାନ୍ତି ସହ ମା' ଚର୍ଚ୍ଚିକାଙ୍କ ପୂଜାବିଧି କାର୍ଯ୍ୟ ଦେହୁରୀ ନିରାକାର ନାୟକ ସମ୍ପାଦନ କରିଥିଲେ । ପୀଠକୁ ଆଗନ୍ତୁକ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କୁ ପଣା ବଣ୍ଟା



ଯାଇଥିଲା । ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ପଣା ସଂକ୍ରାନ୍ତି ଯୋଗୁ ଶିଙ୍କୁଲାବାହାଳ ଗ୍ରାମ ଉତ୍ସବମୁଖର ହୋଇଥିଲା । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅପେରା ପରିବେଷଣ କରାଯାଇଥିଲା ।

## ଶିବ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



**ଚାନ୍ଦୋଳ,୧୪।୪/ଏନ୍‌ଏନ୍‌ଏସ୍‌:** ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଡ଼ା ନିକଟସ୍ଥ କୁସୁନପୁର ଗ୍ରାମର ମା' ଦକ୍ଷିଣେଶ୍ୱରୀ ପୀଠ ନିକଟରେ ମହାଜିତେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁସୁନପୁର ଗ୍ରାମବାସୀଙ୍କ ଉଦ୍ୟମରେ ଆୟୋଜିତ ଉତ୍ସବରେ ପଞ୍ଚପଡ଼ା(ନୂଆପଡ଼ା, ପନାପଡ଼ା, ଗୌଡ଼ବିଶି, ଓରଗଳା ଓ ପଥରପଡ଼ା) ଭରତପଡ଼ା ଓ ପାଟସାଇଲୋ ଗ୍ରାମବାସୀଙ୍କ ସହଯୋଗରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମନ୍ଦିର ପ୍ରତିଷ୍ଠା, ଦେବତା ପ୍ରତିଷ୍ଠା ଓ ରୁଦ୍ରମହାଯଜ୍ଞ ଆଦି କାର୍ଯ୍ୟ ହୋଇଥିଲା । ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରବଚନ ହୋଇଥିଲା । ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ୭ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ମା' ପାଟଣମଙ୍ଗଳା ପୀଠରେ ବୁଡ଼ ପକାଇଲେ ହଜାର ହଜାର ପାଟୁଆ

**ତିହିଡ଼ି,୧୪।୪/ଏନ୍‌ଏନ୍‌ଏସ୍‌:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଛତ୍ରପଦା ଗ୍ରାମସ୍ଥିତ ଐତିହାସିକ ମା' ପାଟଣମଙ୍ଗଳା ପୀଠ ପଣାସଂକ୍ରାନ୍ତି ପାଇଁ ଉତ୍ସବମୁଖର ହୋଇଛି । ଏହି ପରିପ୍ରେକ୍ଷୀରେ ମା'ଙ୍କ ପୀଠସ୍ଥିତ ମଙ୍ଗଳା ପୋଖରୀରେ ହଜାର ହଜାର ପାଟୁଆ ବୁଡ଼ ପକାଇଥିଲେ । ପରେ ସେଠାରେ ପାଟୁଆ ଯାତ୍ରା ଅନୁଷ୍ଠିତ ହୋଇଥିଲା । ପାଟୁଆଙ୍କ ନୃତ୍ୟରେ ମା'ଙ୍କ ପୀଠସ୍ଥଳ କମ୍ପିଥିଲା । କନିକା ଅଞ୍ଚଳର ଏହି ଅଧିଷ୍ଠାତ୍ରୀ ଦେବୀଙ୍କ ଯାତ୍ରା ୭ ଦିନ ଧରି ଅନୁଷ୍ଠିତ ହେବ । ସୋମବାର ପଣା ସଂକ୍ରାନ୍ତି ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ସଂକ୍ରାନ୍ତି



ପୂର୍ବଦିନ ପାଟୁଆମାନେ ମା'ଙ୍କ ନିକଟରେ ଉଜାଗର ରହି ଅଧିଆ ପଡ଼ିଥିଲେ । ସକାଳେ ପାଦୁକ ପାଇବା ପରେ ଆଜ୍ଞାମାଳ ନେଇ ମଙ୍ଗଳା ପୋଖରୀରେ ବୁଡ଼ ପକାଇଥିଲେ । ପରେ ମା'ଙ୍କ ବେତ ପୂଜା ହେବା ପରେ ପାଟୁଆମାନେ ପଇତା ଧାରଣ କରିଥିଲେ । ସେମାନେ ରାତିସାରା ଉଜାଗର ରହି ମା'ଙ୍କ ବେଢ଼ାରେ ଦୀପ ଜାଳିଥିଲେ । ସଂକ୍ରାନ୍ତି ଦିନ ପୂର୍ବାହ୍ନରେ ପାଟୁଆମାନେ ମା'ଙ୍କ ପାଖରୁ ଆଶୀର୍ବାଦ ନେଇ ମଙ୍ଗଳା ପୋଖରୀକୁ ୭ଥର ପରିକ୍ରମା କରିଥିଲେ । ପରେ ସେମାନେ ମା'ଙ୍କ ପାଦୁକା ପାଇ ବୁଡ଼ ପକାଇ ବ୍ରତ ପୂରଣ କରିଥିଲେ । ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ୨ ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପ୍ରତିଷ୍ଠାନ ଖୋଲିଛନ୍ତି । ଏହି ପୀଠରେ ସପ୍ତାହ ବ୍ୟାପି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏବଂ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ମେଳାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୀରହାଟ ଥାନା ଅଧିକାରିଣୀ ରୋଜାଲିନଙ୍କ ତତ୍ତ୍ୱାବଧାନରେ ପୁଲିସ ମୁତୟନ ହୋଇଛି ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ବାଲେଶ୍ୱର,୧୪।୪/ଏନ୍‌ଏନ୍‌ଏସ୍‌:** ସମ୍ବିଧାନ ପ୍ରଣେତା ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ରେମୁଣା ଗୋଲେଇସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରି, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ନାରୀନେତ୍ରୀ ଶୋଭନା ମହାନ୍ତି, ପୂର୍ବତନ ବ୍ଲକ୍



ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଶ୍ରୀନିବାସ ପ୍ରଧାନ, ଶୋଭଙ୍କର ପ୍ରଧାନ, ମହେଶ୍ୱର ପ୍ରଧାନ, ଗିରିଧାରୀ ଦାସ, ନାରାୟଣ ମହନ୍ତ, ମଣ୍ଡଳ ସଭାପତି ପ୍ରଫୁଲ୍ଲ ଦ୍ୱିବେଦୀ, ବିବେକ ବିକାଶ ରାଉତ, ମାୟାଧର ପ୍ରଧାନ, କୃଷ୍ଣ ଚନ୍ଦ୍ର ସାହା, ନିତୁନ କୁମାର ସାହା, ରବିତା ଦାସ, ଚନ୍ଦ୍ରକାନ୍ତି ପ୍ରଧାନ, କାଉନସିଲର ଶିବୁନ ରୟ ଓ ମହେଶ୍ୱର ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ପୋଖରୀରୁ ହରିଣ ଉଦ୍ଧାର



**ରାଜନଗର,୧୪।୪/ଏନ୍‌ଏନ୍‌ଏସ୍‌:** ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତ ନୂଆଗାଁ ଗ୍ରାମର ଦିଲ୍ଲୀପ କୁମାର ରାଉତଙ୍କ ପୋଖରୀରୁ ଜୀବନ୍ତ ହରିଣକୁ ଉଦ୍ଧାର କରାଯାଇଛି । ସୋମବାର ସକାଳୁ କିଛି ବୁଲା କୁକୁର ହରିଣକୁ ଗୋଡ଼ାଇଥିଲେ । ହରିଣଟି ଭୟରେ ଦିଲ୍ଲୀପଙ୍କ ପୋଖରୀ ଭିତରେ ପଶି ରହିଥିଲା । ଦିଲ୍ଲୀପ ବନ ବିଭାଗକୁ ଖବର ଦେବା ପରେ ରାଜନଗର ରେଞ୍ଜ ପକ୍ଷରୁ ଫରେଷ୍ଟର୍ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ବନ ବିଭାଗର ଏକ ଦଳ ହରିଣଟିକୁ ଉଦ୍ଧାର କରି ଭିତରକନିକା ଜାତୀୟ ଉଦ୍ୟାନର ପେଣ୍ଠ-ବରୁଣେଇ ନିକଟ ଦୋବନ୍ଧିରେ ଛାଡ଼ି ଦେଇଥିଲେ । ଏନେଇ ଫରେଷ୍ଟର୍ ଶ୍ରୀ ପାତ୍ରଙ୍କୁ ପଚାରିବାରୁ ଭିତରକନିକା ଜାତୀୟ ଉଦ୍ୟାନରୁ ପୁରୁଷ ହରିଣଟି ରାତିରେ ଜଙ୍ଗଲ ଭିତରୁ ବାହାରି ଜନବସତିକୁ ଚାଲି ଆସିଥିବାବେଳେ କୁକୁର ଗୋଡ଼ାଇବାରୁ ସେ ଭୟରେ ପୋଖରୀ ଭିତରକୁ ପଶି ଯାଇଥିଲା । ହରିଣ ଆହତ ହୋଇନଥିବା ନେଇ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

# 'ଦେଶ ପାଇଁ ଆମ୍ବେଦକରଙ୍କ ଅବଦାନ ଅତୁଳନୀୟ'




**ସୋର,୧୪।୪/ଏନ୍‌ଏନ୍‌ଏସ୍‌:** ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ବାଲେଶ୍ୱର ଶାଖା ଏବଂ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ମେଘମାଧବରେ ସମ୍ବିଧାନର ଜନକ ବି ଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସମାଜ ଏବଂ ପରିବେଶକୁ ଆବର୍ଜନା ମୁକ୍ତ କରିବା ପାଇଁ ଏକ ସ୍ୱଚ୍ଛ ସହର ଅଭିଯାନ କରାଯିବା ସହ ସଚେତନତା ରାଲି କରାଯାଇଥିଲା । ଏହାସହ ଆମ୍ବେକରଙ୍କ ଜିବନୀ ଏବଂ ସମ୍ବିଧାନର ମୂଲ୍ୟବୋଧ ଉପରେ ଏକ ଆଲୋଚନାଚକ୍ର ସହ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଯୁବକ ସଂଘର ସମ୍ପାଦକ ସରୋଜ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଶିକ୍ଷାବିତ୍ ଦିଲ୍ଲୀପ କୁମାର ବୈଶାଖ ଯୋଗଦେଇ ଆମ୍ବେଦକରଙ୍କ ଜିବନୀ ସହ ଗଣତନ୍ତ୍ର ରାଷ୍ଟ୍ରରେ ସମ୍ବିଧାନର ମୂଲ୍ୟବୋଧ ଉପରେ ଆଲୋଚନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଯୁବକ ସଂଘର କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସଞ୍ଚାଳନ କରିଥିବାବେଳେ ମଲିକ ରାଜା, ସ୍ଲୋଗାନ ଦାସ, ପ୍ରଭୁଜ୍ୟୋତି ମହାନ୍ତି, ଗୋପାଳ ଦାସ ଓ ଜିତେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ ।



**କେନ୍ଦୁଝର:** କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭାରତରତ୍ନ ଡ଼ଃ ବି ଆର୍ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଯୋଗଦେଇ ଦେଶ ପାଇଁ ଡ଼ଃ ଆମ୍ବେଦକରଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ । ସମାଜରୁ ଭେଦଭାବ ଓ ଛୁଆଁ ଅଛୁଆଁ ମନୋଭାବ ଦୂର କରିବା ପାଇଁ ଡକ୍ଟର ଆମ୍ବେଦକରଙ୍କ ଅବଦାନ ସର୍ବଦା ମହାନ ହୋଇ ରହିବ । ଡ଼ଃ ଆମ୍ବେଦକରଙ୍କ ବ୍ୟକ୍ତିତ୍ୱ, ଦକ୍ଷତା, ଜ୍ଞାନ ଗାରିମା ଓ ସମାଜ ସଂସ୍କାର ସବୁବେଳେ ଉତ୍ତରପୀଢ଼ୀଙ୍କୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ମହାଲିକ କହିଥିଲେ । ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ ଯୋଗଦେଇ ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ପାଇଁ ସମ୍ବିଧାନ ପ୍ରଣୟନରେ ଡ଼ଃ ଆମ୍ବେଦକର ଯେଉଁ ନିଷ୍ଠା, ପରାକାଷ୍ଠା ଓ ଦୂରଦୃଷ୍ଟି ପ୍ରତିପାଦନ କରିଛନ୍ତି ତାହା ଭାରତ ଏବଂ ଭାରତର ସମ୍ବିଧାନକୁ ଅନନ୍ୟ କରିଛି ବୋଲି କହିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବିମ୍ବାଧର ବେହେରା ଯୋଗଦେଇ ଆଧୁନିକ ଭାରତରେ ଡ଼ଃ ଆମ୍ବେଦକରଙ୍କ ଜୀବନାଦର୍ଶର ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆୟୋଜିତ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଶିକ୍ଷାବିତ୍ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ ।

**ପାରାଦୀପ:** ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସମ୍ବିଧାନ ପ୍ରଣେତା ଡ. ବି ଆର୍ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ମଧୁବନସ୍ଥିତ ଆମ୍ବେଦକର ପାର୍କରେ ବନ୍ଦର ଅଧ୍ୟକ୍ଷ ପି ଏଲ୍ ହରନାଦ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ବନ୍ଦର ଅଧ୍ୟକ୍ଷଙ୍କ ସମେତ ବନ୍ଦରର ବହୁ ଅଧିକାରୀ ଯୋଗଦେଇ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଜୟଦେବ ସଦନରେ ଅନୁଷ୍ଠିତ ସ୍ମୃତି ସଭାରେ ଉପସଂରକ୍ଷକ କ୍ୟାପଟେନ୍ ଏ ସି ସାହୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ସାଂସଦ ବିଭୂପ୍ରସାଦ ତରାଇ, ସମ୍ମାନିତ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି ଏଲ୍ ହରନାଦ, ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ଟ୍ରଷ୍ଟି ପରେଶ ମୁର୍ମୁ, ନିମନ୍ତ୍ରିତ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟାପକ ଧନେଶ୍ୱର ସାହୁ, ଜାତୀୟ ମାନବାଧିକାର ସଭାର ଉପସଭାପତି ପ୍ରଶାନ୍ତ କୁମାର ମଲ୍ଲିକ ଯୋଗଦେଇ ଡ. ଆମ୍ବେଦକରଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।



**ଜଗତସିଂହପୁର:** ଜଗତସିଂହପୁର ଜିଲ୍ଲା ଦଳିତ ବିକାଶ ପରିଷଦ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ଡଃ ଭିମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅଦଳିତ ବିକାଶ ପରିଷଦର ସଭାପତି ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ଯୋଗଦେଇ ଭାରତ ରତ୍ନ ଡଃ ଆମ୍ବେଦକରଙ୍କ ଜିବନୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମାଜିକ କର୍ମୀ ଅମୀୟ ପାଣ୍ଡବ, ସମ୍ମାନିତ ଅତିଥିଭାବେ ତିର୍ତ୍ତୋଲ ଆତ୍ମାର ଅଧ୍ୟକ୍ଷ, ସଂଗ୍ରାମପୁର ପଞ୍ଚାୟତର ସମିତିସଭ୍ୟ ନାଥ କାଣ୍ଡି, ଶିକ୍ଷାବିତ୍ ଓ ଦଳିତ ସମାଜସେବୀ ଗଣେଶ୍ୱର ହାଁସଦା




ପ୍ରମୁଖ ଯୋଗଦେଇ ଭାରତ ରତ୍ନ ତଥା ଭାରତର ସମ୍ବିଧାନ ପ୍ରଣେତା ଡଃ ବି ଆର୍ ଆମ୍ବେଦକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଏହାସହ ଦଳିତ, ଗରିବ ଓ ନିଷ୍ପେସିତ ଛାତ୍ରଛାତ୍ରୀଙ୍କୁ ଅମୂଲ୍ୟ ସମ୍ପଦ ଶିକ୍ଷାରୁ ବଞ୍ଚିତ ନକରିବା ପାଇଁ ଅବିଭାବକଙ୍କୁ ପରାମର୍ଶ ଦେଇଥିଲେ । ବିଶେଷକରି ଦଳିତ ଛାତ୍ରଛାତ୍ରୀମାନେ ଶିକ୍ଷାର ମୁଲ୍ୟବୋଧ ହାସଲ କରିପାରିଲେ ଭାରତର ସମ୍ବିଧାନ ସମ୍ପର୍କରେ ଜାଣିବା ସହ ସବୁଠି ସେମାନଙ୍କ ଅଧିକାର ସାବ୍ୟସ୍ତ କରିପାରିବେ ବୋଲି ଅତିଥିବୃନ୍ଦ କହିଥିଲେ । ଏହି ଅବସରରେ ପରିଷଦ ପକ୍ଷରୁ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲାପାଳ ଜେ ସୋନାଲଙ୍କ ସହ ଅତିଥିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଡଃ ବି ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ପରିଷଦର ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଶତାଧିକ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ନେତା, ପୁରୁଷ, ମହିଳା ଓ ଯୁବକର୍ମୀମାନେ ସ୍ଥାନୀୟ ସିପି ଛକରୁ ଜୟ ଭୀମ ନାରା ଦେଇ ରାଲିରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ । ସେହିପରି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ରଙ୍କ ନେତୃତ୍ୱରେ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଥିଲା ।

**ଭଦ୍ରକ:** ଭାରତ ରତ୍ନ ଡକ୍ଟର ବି ଆର୍ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ ଆମ୍ବେଦକରଙ୍କ ଭାରତ ବର୍ଷ ପ୍ରତି ଅବଦାନ, ଦଳିତ ବର୍ଗର ଲୋକଙ୍କ ପାଇଁ ଜନ ସେବା, ଦେଶରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ତାଙ୍କ ବଳିଷ୍ଠ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଭାବେ ରାଜେନ୍ଦ୍ର ପ୍ରସାଦ ଜେନା ମଧ ତାଙ୍କ ଗବେଷଣାତ୍ମକ ଅଭିଭାଷଣରେ ବାବା ସାହେବ୍‌ଙ୍କ ମହାନ୍ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥିଭାବେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟୀ କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ, କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ସାମଲ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସୀର୍କା ଅଂଶଗ୍ରହଣ କରିଥିଲେ । ସମାଜସେବୀ ତଥା ରୋଟରିଆନ୍ ଅତିଶ୍ ବେହେରା ମଞ୍ଚ ପରିଚାଳନା କରିଥଲେ । ଏଥିରେ ରସିକ ମୋହନ ମହାନ୍ତି, ତାହେର ମହମ୍ମଦ ଓ ମହେନ୍ଦ୍ର ମଲ୍ଲିକ ଭାଗ ନେଇଥିଲେ । ଏହି କାର୍ଯକ୍ରମ ସୁଚାରୁ ରୂପେ ପାଳନ କରିବାରେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗର କର୍ମଚାରୀ ଲିସାରାଣୀ ରାଉତ, ମିନାକ୍ଷୀ ଗରାବରୁ, ପ୍ରଫୁଲ୍ଲ ଓ କାଠିଆ ସହଯୋଗ କରିଥିଲେ ।



## ଆଜିର ମ୍ୟାଚ୍

ପଞ୍ଜାବ କିଙ୍ଗ୍‌ସ ବନାମ କୋଲ୍‌କାତା ନାଇଟ୍ ରାଇଡର୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ନୂଆ ଚଣ୍ଡିଗଡ଼

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ନିତିଦିନ NITIDIN

## ଆଇପିଏଲ୍ ୨୦୨୫ ପଏଣ୍ଟ୍ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ଗୁଜରାଟ | ୬ | ୪ | ୨ | ୮ | +୧.୦୮୧ |
| ଦିଲ୍ଲୀ | ୫ | ୪ | ୧ | ୮ | +୦.୮୯୯ |
| ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ଲକ୍ଷ୍ନୌ | ୭ | ୪ | ୩ | ୮ | +୦.୦୮୬ |
| କୋଲ୍‌କାତା | ୬ | ୩ | ୩ | ୬ | +୦.୮୦୩ |
| ପଞ୍ଜାବ | ୫ | ୩ | ୨ | ୬ | +୦.୦୬୫ |
| ମୁମ୍ବାଇ | ୬ | ୨ | ୪ | ୪ | +୦.୧୦୪ |
| ରାଜସ୍ଥାନ | ୬ | ୨ | ୪ | ୪ | -୦.୮୩୮ |
| ହାଇଦ୍ରାବାଦ | ୬ | ୨ | ୪ | ୪ | -୧.୨୪୫ |
| ଚେନ୍ନାଇ | ୭ | ୨ | ୫ | ୪ | -୦.୮୩୮ |

# ଆଇପିଏଲ୍‌କୁ ଫେରିବେ ମୟଙ୍କ ଯାଦବ

## ବିସିସିଆଇରୁ ମିଳିଲା ଫିଟ୍‌ନେସ୍ କ୍ଲିୟରାନ୍ସ



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ପାଇଁ ଖୁସି ଖବର। ଟିମ୍‌ର ଷ୍ଟାର୍ ଫାଷ୍ଟ୍ ବୋଲର୍ ମୟଙ୍କ ଯାଦବ ଆହତ ସମସ୍ୟାରୁ ସୁସ୍ଥ ହୋଇଛନ୍ତି। ରିପୋର୍ଟ ସେ ମଙ୍ଗଳବାର ଲକ୍ଷ୍ନୌ ଟିମ୍‌ରେ ଯୋଗ ଦେଇପାରନ୍ତି। ମୟଙ୍କଙ୍କୁ ବେଙ୍ଗାଲୁରୁସ୍ଥିତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସେଲେନ୍ସ (ସିଓଇ)ରୁ ଫିଟ୍‌ନେସ୍ କ୍ଲିୟରାନ୍ସ ମିଳିଛି। ଯଦି ସବୁକିଛି ଠିକ୍ ରୁହେ, ତେବେ ମୟଙ୍କ ଶନିବାରର ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଖେଳିପାରନ୍ତି। ୬ ଫୁଟ ୧ ଇଞ୍ଚ ଉଚ୍ଚତାର ଏହି ଫାଷ୍ଟ୍ ବୋଲର୍ ୨୦୨୪ ଆଇପିଏଲ୍ ସିଜନ୍‌ରେ ନିଜ ଧମାକାଦାର ବୋଲିଂ ବଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲେ। ମୟଙ୍କ ବହୁଥର ପ୍ରତିଘଣ୍ଟା ୧୫୦ କିମି ବାଧାକୁ ମଧ୍ୟ ପାର୍ କରିଥିଲେ। ତାଙ୍କ ବୋଲିଂରେ ଗତି ଦେଖିବାକୁ ମିଳିବା ସହିତ ତାଙ୍କ ଲାଇନ୍ ଲେଙ୍ଗ୍‌ଥ୍ ମଧ୍ୟ ବହୁ ସଠିକ୍ ରହିଆସିଛି। ଆଇପିଏଲ୍ ୨୦୨୪ରେ ଗୋଟିଏ ମ୍ୟାଚ୍‌ରେ ମୟଙ୍କ ଘଣ୍ଟାପ୍ରତି ୧୫୬.୭ କିମି ବେଗରେ ବୋଲିଂ କରିଥିଲେ, ଯାହା ସେହି ସିଜନ୍‌ରେ କୌଣସି ଭାରତୀୟ ବୋଲର୍‌ଙ୍କ ସବୁଠୁ ଦ୍ରୁତ ବଲ୍ ଥିଲା। ସେ ୨୦୨୪ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି) ପକ୍ଷରୁ ଚାରିଟି ମ୍ୟାଚ୍ ଖେଳି ୧୨.୧୪ ହାରାହାରି ଏବଂ ୬.୯୮ର ଇକୋନୋମି ରେଟ୍‌ରେ ୭ଟି ୱିକେଟ୍ ଅକ୍ତିଆର କରିଥିଲେ। ଅବଶ୍ୟ ଆଘାତ କାରଣରୁ ମୟଙ୍କ ଅଧିକ ମ୍ୟାଚ୍ ଖେଳିପାରି ନଥିଲେ। ଗତବର୍ଷ ଏପ୍ରିଲ୍ ୭ ତାରିଖରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚ୍‌ରେ ଗୋଟିଏ ଓଭର୍ ବୋଲିଂ କରିବା ପରେ ମାଂସପେଶୀରେ ଯନ୍ତ୍ରଣା ଯୋଗୁଁ ପଡ଼ିଆ ଛାଡ଼ିଥିଲେ। ଏହାପରେ ମୟଙ୍କ ଏପ୍ରିଲ୍ ୩୦ରେ ପ୍ରତ୍ୟାବର୍ତ୍ତନ କରି ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍ ଖେଳିଥିଲେ। ମାତ୍ର ସାଇଡ୍ ଷ୍ଟ୍ରେନ୍ କାରଣରୁ ଲକ୍ଷ୍ନୌ ପାଇଁ ବାକି ମ୍ୟାଚ୍ ଖେଳିପାରି ନଥିଲେ।

## ପନ୍ତଙ୍କ ଅର୍ଦ୍ଧଶତକ ବେକାର, ଧୋନିଙ୍କ ଧୂଆଁଧାର ବ୍ୟାଟିଂ: ୫ ୱିକେଟ୍‌ରେ ହାରିଲା ଲକ୍ଷ୍ନୌ

# ସିଜନ୍‌ରେ ଚେନ୍ନାଇର ଦ୍ୱିତୀୟ ବିଜୟ



**ଲକ୍ଷ୍ନୌ,୧୪।୪/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ର ୩୦ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ୫ ୱିକେଟ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି)କୁ ହରାଇ ଦେଇଛି। ଏହା ଚଳିତ ସିଜନ୍‌ରେ ଚେନ୍ନାଇର ୭ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌର ୭ ମ୍ୟାଚ୍‌ରେ ତୃତୀୟ ପରାଜୟ। ସ୍ଥାନୀୟ ଇକାନା ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଚେନ୍ନାଇ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ ପାଇଥିବା ଲକ୍ଷ୍ନୌ କ୍ୟାପ୍‌ଟେନ୍ ଋଷଭ ପନ୍ତଙ୍କ ଅର୍ଦ୍ଧଶତକ ବଳରେ ସିଏସ୍‌କେ ସାମ୍ନାରେ ୧୬୭ ରନ୍‌ର ଲକ୍ଷ୍ୟ ରଖିଥିଲା। ଜବାବରେ ଚେନ୍ନାଇ ୧୯.୩ ଓଭରରେ ୫ ୱିକେଟ୍ ହରାଇ୧୬୮ ରନ୍ କରି ବିଜୟୀ ହୋଇଥିଲା। ଆଭେସ୍ ଖାନ୍‌ଙ୍କ ବଲ୍‌ରେ ଚୌକା ମାରି ଶିଭମ୍ ଦୁବେ ଟିମ୍‌କୁ ବିଜୟ ଦେଇଛନ୍ତି। ୧୬୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଚେନ୍ନାଇ ସୁପର୍ କିଙ୍ଗ୍‌ସର ବହୁ ଚମତ୍କାର ଥିଲା। ଯୁବ ଓପ୍‌ନର୍ ଶେଖ୍ ରଶିଦ୍ ଓ ରଚିନ୍ ରବୀନ୍ଦ୍ର ପ୍ରଥମ ୱିକେଟ୍ ପାଇଁ ୨୯ ବଲ୍‌ରେ ୫୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ୫ମ ଓଭରରେ ଆଭେସ୍ ଖାନ୍‌ଙ୍କ ବଲରେ ନିକୋଲାସ୍ ପୁରନ୍‌ଙ୍କୁ କ୍ୟାଚ୍ ଦେଇ ଶେଖ୍ ରଶିଦ୍ ବିଦାୟ ନେଇଥିଲେ। ଆଉଟ୍ ପୂର୍ବରୁ ୧୯ ବଲ୍‌ରେ ସେ ୬ ଚୌକା ସହାୟତାରେ ୨୭ ରନ୍ କରିଥିଲେ। ସ୍କୋର୍‌ରେ ଆଉଟ୍ ୨୨ ରନ୍ ଯୋଗହେବା ପରେ ରଚିନ୍ ରବୀନ୍ଦ୍ର ଅଷ୍ଟମ ଓଭରରେ ଏଡେନ୍ ମାର୍କରମ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ରଚିନ୍ ୨୨ ବଲ୍‌ରେ ୩୭ ରନ୍ କରିଥିଲେ। ଏହାର ପରବର୍ତ୍ତୀ ଓଭରରେ ରାହୁଲ ତ୍ରିପାଠୀ (୯) ରବି ବିଷ୍ଣୋଇଙ୍କ ଶିକାର ହୋଇଥିଲେ। ରବୀନ୍ଦ୍ର ଜାଡ଼େଜା ମଧ୍ୟ କମାଲ କରିପାରି ନଥିଲେ। ସେ ମାତ୍ର ୭ ରନ୍ କରି ରବି ବିଷ୍ଣୋଇଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଏହାପରେ ୧୫ଶ ଓଭରରେ ବିଜୟ ଶଙ୍କର ମଧ୍ୟ ୯ ରନ୍ କରି ବିଦାୟ ନେଇଥିଲେ। ଦିଗ୍‌ଭେଶ ରାଠି ତାଙ୍କୁ ଆଭେସ୍ ଖାନ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇଥିଲେ। ଏହାପରେ ଶିଭମ୍ ଦୁବେ ଓ କ୍ୟାପ୍‌ଟେନ୍ ଧୋନି ଅବିଭାଜିତ ୬ଷ୍ଠ ୱିକେଟ୍‌ରେ ୫୭ ରନ୍ ଯୋଡ଼ି ଟିମ୍‌କୁ ୫ ୱିକେଟ୍‌ରେ ବିଜୟୀ କରାଇଛନ୍ତି। ଶିଭମ୍ ଦୁବେ ୩୭ ବଲ୍‌ରେ ୩ ଚୌକା ଓ ୨ ଛକା ସହାୟତାରେ ୪୩ ରନ୍ ଏବଂ ଧୋନି ୧୧ ବଲ୍‌ରେ ୪ ଚୌକା ଓ ଗୋଟିଏ ଛକା ସହାୟତାରେ ୨୬ ରନ୍ କରି ଅପରାଜିତ ରହିଥିଲେ। ଲକ୍ଷ୍ନୌ ପକ୍ଷରୁ ରବି ବିଷ୍ଣୋଇ ୨ଟି ୱିକେଟ୍ ନେଇଥିବା ବେଳେ ଏଡେନ୍ ମାର୍କରମ୍, ଦିଗ୍‌ଭେଶ ରାଠି ଏବଂ ଆଭେସ୍ ଖାନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଟିମ୍‌ର ଆରମ୍ଭ ଭଲ ନଥିଲା। ଓପ୍‌ନର୍ ଏଡେନ୍ ମାର୍କରମ୍ (୬) ପ୍ରଥମ ଓଭରରେ ହିଁ ଖଲିଲ୍ ଅହମଦ୍‌ଙ୍କ ଶିକାର ହୋଇଥିଲେ। ଏହାପରେ ଚତୁର୍ଥ ଓଭର୍ ନିକୋଲାସ୍ ପୁରନ୍ (୮) ଅଂଶୁଲ କମ୍ବୋଜଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ଏହାପରେ ମିଚେଲ୍ ମାର୍ଶ ଓ କ୍ୟାପ୍‌ଟେନ୍ ଋଷଭ ପନ୍ତଙ୍କ ମଧ୍ୟରେ ତୃତୀୟ ଓଭର୍ ପାଇଁ ୫୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ତେବେ ୧୦ମ ଓଭରରେ ରବୀନ୍ଦ୍ର ଜାଡ଼େଜା ମାର୍ଶଙ୍କୁ ବୋଲ୍ଡ ଆଉଟ୍ କରିଥିଲେ। ମାର୍ଶ ୨୫ ବଲ୍‌ରେ ୩୦ ରନ୍ କରିଥିଲେ। ଲୟରେ ଥିବା ଜାଡ଼େଜା ଏହାପରେ ୧୪ଶ ଓଭରରେ ଆୟୁଷ ବଡ଼ୋନୀଙ୍କୁ ୱିକେଟ୍ ପଛରେ ଧୋନିଙ୍କ ହାତରେ କ୍ୟାଚ୍ କରାଇ ଲକ୍ଷ୍ନୌ ସ୍କୋର୍ ୪ ୱିକେଟ୍‌ରେ ୧୦୫ ରନ୍ କରିଥିଲେ। ବଡ଼ୋନୀଙ୍କ ବ୍ୟାଟ୍‌ରୁ ୧୭ ବଲ୍‌ରେ ୨୨ ରନ୍ ହୋଇଥିଲା। ଲକ୍ଷ୍ନୌ ଇନିଂସ୍‌ର ଶେଷ ଓଭରରେ ତିନିଟି ୱିକେଟ୍‌ର ପତନ ଘଟିଥିଲା। ଅବ୍‌ଦୁଲ୍ ସମଦ ୧୧ ବଲ୍‌ରୁ ଦୁଇଟି ଛକା ସହାୟତାରେ ୨୦ ରନ୍ କରିଥିବା ବେଳେ ଶେଷ ଓଭରରେ ରନ୍‌ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରେ ପନ୍ତ ଓ ଶାର୍ଦ୍ଦୁଳ ଠାକୁର (୬) ମାଥିଶା ପାଥିରାନାଙ୍କ ଶିକାର ହୋଇଥିଲେ। ପନ୍ତ ୪୯ ବଲ୍‌ରେ ୪ଟି ଲେଖାଏ ଛକା ଓ ଚୌକା ସହାୟତାରେ ୬୩ ରନ୍ କରିଥିଲେ। ତାଙ୍କର ଏହି ଅର୍ଦ୍ଧଶତକୀୟ ଇନିଂସ୍ ବଳରେ ଲକ୍ଷ୍ନୌ ୭ ୱିକେଟ୍ ବିନିମୟରେ ୧୬୬ ରନ୍ କରିଥିଲା। ଚେନ୍ନାଇ ପକ୍ଷରୁ ରବୀନ୍ଦ୍ର ଜାଡ଼େଜା ଓ ପାଥିରାନା ୨-୨ ନେଇଥିବା ବେଳେ ଖଲିଲ ଅହମଦ ଓ ଅଂଶୁଳ କମ୍ବୋଜଙ୍କୁ ୧-୧ ସଫଳତା ମିଳିଥିଲା।

# ସନ୍‌ରାଇଜର୍ସ ହାଇଦ୍ରାବାଦ ଟିମ୍ ହୋଟେଲରେ ନିଆଁ

**ହାଇଦ୍ରାବାଦ,୧୪।୪/ଏଜେନ୍ସି:** ଆଇପିଏଲ୍ ଫ୍ରାଞ୍ଚାଇଜି ଟିମ୍ ସନ୍‌ରାଇଜର୍ସ ହାଇଦ୍ରାବାଦ ଖେଳାଳି ରହୁଥିବା ପଞ୍ଚତାରକା ହୋଟେଲ୍‌ରେ ସୋମବାର ନିଆଁ ଲାଗିଥିବା ଖବର ମିଳିଛି। ତେବେ ଆଶ୍ୱସ୍ତିର ବିଷୟ ଟିମ୍‌ର ସମସ୍ତ ଖେଳାଳି ସୁରକ୍ଷିତ ଅଛନ୍ତି। ରିପୋର୍ଟ ଅନୁସାରେ ଖେଳାଳିମାନେ ହାଇଦ୍ରାବାଦର ବଞ୍ଜାରା ହିଲ୍ସରେ ଥିବା ପାର୍କ ହାୟତ୍ ହୋଟେଲ୍‌ରେ ରହୁଥିଲେ। ଏହି ହୋଟେଲ୍‌ର ଗୋଟିଏ ମହଲାରେ ଅଚାନକ ନିଆଁ ଲାଗିଯାଇ ଅନ୍ୟ ମହଲାକୁ ଏହା ଧୂଆଁ ବ୍ୟାପିଯାଇଥିଲା। ଖବର ପାଇଁ ଅଗ୍ନିଶମ ବାହିନୀ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଟିମ୍‌ର ଖେଳାଳିମାନଙ୍କୁ ତୁରନ୍ତ ଅନ୍ୟ ଏକ ହୋଟେଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ନିଆଁ ଲାଗିବା ପରେ ହୋଟେଲ୍‌ରେ ଥିବା ଲୋକମାନେ ବାହାରକୁ ଦୌଡ଼ି ଆସିଥିଲେ ଏବଂ ଅଗ୍ନିକାଣ୍ଡ ଯୋଗୁ ହୋଟେଲ୍‌ର ଆଖାପାଖରେ ଧୂଆଁ ବ୍ୟାପିଯାଇଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।

# ଆଇପିଏଲ୍‌ରେ ଧୋନିଙ୍କ ଆଉ ଏକ କୀର୍ତ୍ତିମାନ



**ଲକ୍ଷ୍ନୌ,୧୪।୪/ଏଜେନ୍ସି:** ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ବିପକ୍ଷ ସୋମବାରର ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ କ୍ୟାପ୍‌ଟେନ୍ ଏମ୍‌ଏସ୍ ଧୋନି ଏକ କୀର୍ତ୍ତିମାନ କରିଛନ୍ତି। ଯାହା ଆଇପିଏଲ୍‌ରେ ଅନ୍ୟ କୌଣସି ଖେଳାଳି ବର୍ତ୍ତମାନ ସୁଦ୍ଧା କରିପାରି ନାହାନ୍ତି। ଧୋନି ଆଇପିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୨୦୦ ଆଉଟ୍ କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। ଇତିମଧ୍ୟରେ ଟୁର୍ଣ୍ଣାମେଣ୍ଟ୍‌ରେ ଧୋନି ୱିକେଟ୍ ପଛରେ ୧୫୪ କ୍ୟାଚ୍ ଧରିଥିବା ଏବଂ ୪୬ ଷ୍ଟମ୍ପିଂ ମଧ୍ୟ କରିଛନ୍ତି। ଏହା ବ୍ୟତୀତ ଫିଲ୍ଡର୍ ଭାବେ ସେ ଚାରିଟି କ୍ୟାଚ୍ ମଧ୍ୟ ନେଇଛନ୍ତି। ଲକ୍ଷ୍ନୌ ବିପକ୍ଷ ମ୍ୟାଚ୍‌ରେ ରବୀନ୍ଦ୍ର ଜାଡ଼େଜାଙ୍କ ବଲ୍‌ରେ ଆୟୁଷ ବଡ଼ୋନୀଙ୍କୁ ଷ୍ଟମ୍ପ୍ ଆଉଟ୍ କରିବା ମାତ୍ରେ ହିଁ ଧୋନି ଏହି କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି।

# ଲକି ଫର୍ଗୁସନ୍ ଆଇପିଏଲ୍ ୨୦୨୫ରୁ ବାଦ୍



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ଶ୍ରେୟସ୍ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍‌ସକୁ ଚଳିତ ଆଇପିଏଲ୍ ସିଜନ୍ ମଧ୍ୟରେ ବଡ଼ ଝଟ୍‌କା ଲାଗିଛି। ଟିମ୍‌ର ଅନ୍ୟତମ ଅଭିଜ୍ଞ ବୋଲର୍ ଲକି ଫର୍ଗୁସନ୍ ଆହତ କାରଣରୁ ସିଜନ୍‌ର ବାକି ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ପଞ୍ଜାବ କିଙ୍ଗ୍‌ସ ବୋଲିଂ କୋଚ୍ ଜେମ୍ସ ହୋପ୍ସ କହିଥିଲେ, ଫର୍ଗୁସନ୍ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାହାରେ ଅଛନ୍ତି ଏବଂ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ଭାବନା ବହୁ କମ୍। ପଞ୍ଜାବ କିଙ୍ଗ୍‌ସ ଓ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଫର୍ଗୁସନ୍ ଆହତ ହୋଇଥିଲେ ଏବଂ ମଝି ମଝିରେ ପଡ଼ିଆ ଛାଡ଼ି ବାହାକୁ ଯାଉଥିଲେ। ସେ କେବଳ ଦୁଇଟି ବଲ୍ ବୋଲିଂ କରିପାରିଥିଲେ। ଲକି ଫର୍ଗୁସନ୍ ଚଳିତ ସିଜନ୍‌ରେ ଟିମ୍ ପକ୍ଷରୁ ଖେଳିଥିବା ପ୍ରତ୍ୟେକ ମ୍ୟାଚ୍‌ରେ ୱିକେଟ୍ ନେବାରେ ସଫଳ ହୋଇଥିଲେ। ପଞ୍ଜାବ କିଙ୍ଗ୍‌ସ ତାଙ୍କୁ ୨ କୋଟି ଟଙ୍କାରେ ନିଜ ସହ ଯୋଡ଼ିଥିଲା।

# ଡିସ୍କସ୍ ଥ୍ରୋ'ରେ ମାୟକୋଲାସ୍ ଅଲେକ୍ନାଙ୍କ ବିଶ୍ୱ ରେକର୍ଡ



**ରମୋନା (ଆମେରିକା),୧୪।୪/ଏଜେନ୍ସି:** ଲିଥୁଆନିଆର ଡିସ୍କସ୍ ଥ୍ରୋୟର ମାୟକୋଲାସ୍ ଅଲେକ୍ନା ଚମତ୍କାର ପ୍ରଦର୍ଶନ ଜାରିରଖି ଏଠାରେ ନିଜ ବିଶ୍ୱ ରେକର୍ଡରେ ଦୁଇଥର ସୁଧାର କରିଛନ୍ତି। ଓକ୍‌ଲାହୋମା ଥ୍ରୋଜ୍ ସିରିଜ୍ ୱାଲ୍ଡ ଇନ୍‌ଭିଟେସନ୍ ପ୍ରତିଯୋଗିତାରେ ସେ ୭୫.୫୬ ମିଟର ଡିସ୍କସ୍ ଥ୍ରୋ କରି ନୂଆ ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ଏହି ଷ୍ଟାର୍ ଖେଳାଳି ଏହା ପୂର୍ବରୁ ନିଜର ପ୍ରାରମ୍ଭିକ ପ୍ରୟାସରେ ୭୪.୮୯ ମିଟର ଥ୍ରୋ ସହିତ ନିଜର ପୂର୍ବ ବିଶ୍ୱ ରେକର୍ଡ ଭଙ୍ଗ କରିଥିଲେ। ଗତବର୍ଷ ଏହି ପ୍ରତିଯୋଗିତାରେ ସେ ୧୯୮୬ରୁ ବଜାୟ ରହିଥିବା ବିଶ୍ୱ ରେକର୍ଡ ଭଙ୍ଗ କରିଥିଲେ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ରେ ମାୟକୋଲାସ୍ ରେପ୍ୟ ପଦକ ଜିତିଥିଲେ। ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ୍ ପଦକ ବିଜେତା ଅଷ୍ଟ୍ରେଲିଆର ମ୍ୟାଟ୍ ଡେନୀ ୭୪.୭୮ ମିଟର ଥ୍ରୋ ସହିତ କିଛି ସମୟ ପାଇଁ ରେକର୍ଡ ନିଜ ନାମରେ କରିଥିଲେ। ମାତ୍ର ୨୨ ବର୍ଷୀୟ ମାୟକୋଲାସ୍ ଖୁବ୍‌ଶୀଘ୍ର ପୁଣିଥରେ ରେକର୍ଡ ନିଜ ନାମରେ କରିଥିଲେ।

# ସିଏସ୍‌କେରେ ଆୟୁଷ ମାହାତ୍ରେଙ୍କ ଏଣ୍ଟ୍ରି



ଋତୁରାଜ ଗାଏକ୍‌ୱାଡ଼ଙ୍କ ସ୍ଥାନ ନେବେ

**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ମୁମ୍ବାଇର ଯୁବ ବ୍ୟାଟର୍ ଆୟୁଷ ମାହାତ୍ରେଙ୍କ ଚେନ୍ନାଇ ସୁପର୍ କିଙ୍ଗ୍‌ସ ନିଜ ସହିତ ଯୋଡ଼ିଛି। ସେ ଟିମ୍‌ରେ ଆହତ ଋତୁରାଜ ଗାଏକ୍‌ୱାଡ଼ଙ୍କ ବଦଳ ଖେଳାଳି ଭାବେ ସାମିଲ ହୋଇଛନ୍ତି। ଗାଏକ୍‌ୱାଡ୍ ଆହତ କାରଣରୁ ବାକି ଟୁର୍ଣ୍ଣାମେଣ୍ଟ୍‌ରୁ ବାଦ୍ ପଡ଼ିଛନ୍ତି ଏବଂ ତାଙ୍କ ସ୍ଥାନରେ ମହେନ୍ଦ୍ର ସିଂହ ଧୋନି ପୁଣିଥରେ ଟିମ୍‌ର ନେତୃତ୍ୱ କରୁଛନ୍ତି। ଆଇପିଏଲ୍ ମଧ୍ୟରେ ସିଏସ୍‌କେ ଟ୍ରାଏଲ୍ ପାଇଁ ଆୟୁଷଙ୍କୁ ଡକାଇଥିଲା। ଆୟୁଷ ୨୦୨୩ରେ ପ୍ରଥମ ଥର ଅଣ୍ଡର-୨୩ ଲେଭଲ୍‌ରେ ମୁମ୍ବାଇର ପ୍ରତିନିଧିତ୍ୱ କରିଥିଲେ। ପୁଣିଥରେ ଦଶମାସ ପରେ ମୁମ୍ବାଇ ସିନିୟର୍ ଟିମ୍ ପାଇଁ ଡେବ୍ୟୁ କରିଥିଲେ। ୧୭ ବର୍ଷୀୟ ମାହାତ୍ରେ ୯ ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ଦୁଇ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସହାୟତାରେ ୫୦୪ ରନ୍ କରିଛନ୍ତି। ଏହା ବ୍ୟତୀତ ମୁମ୍ବାଇ ପକ୍ଷରୁ ସାତ ଲିଷ୍ଟ-ଏ' ମ୍ୟାଚ୍ ମଧ୍ୟ ଖେଳିଛନ୍ତି। ଏଥିରେ ସେ ୬୫.୪୨ ହାରାହାରିରେ ମୋଟ ୪୫୮ ରନ୍ କରିଛନ୍ତି। ୨୦୨୪ ଡିସେମ୍ବରରେ ନାଗାଲାଣ୍ଡ ବିପକ୍ଷ ବିଜୟ ହଜାରେ ଟ୍ରଫିରେ ସେ ୧୧୭ ବଲ୍‌ରେ ୧୮୧ ରନ୍‌ର ଇନିଂସ୍ ଖେଳିଥିଲେ। ଏହା ସହିତ କୌଣସି ଲିଷ୍ଟ-ଏ' ମ୍ୟାଚ୍‌ରେ ୧୫୦ ରନ୍ କରିବାରେ ସର୍ବକନିଷ୍ଠ ବ୍ୟାଟର୍ ହୋଇଛନ୍ତି। ଡାହାଣହାତୀ ବ୍ୟାଟର୍ ଆୟୁଷ ମାହାତ୍ରେ ଅଣ୍ଡର-୧୯ ଏସିଆ କପ୍ ୨୦୨୪ରେ ଭାରତର ପ୍ରତିନିଧିତ୍ୱ କରି ପାଞ୍ଚ ମ୍ୟାଚ୍‌ରେ ୪୪ ହାରାହାରିରେ ୧୭୬ ରନ୍ କରିଥିଲେ।

# କରୁଣ ନାୟର୍‌ଙ୍କ ବିଶ୍ୱ ରେକର୍ଡ

## ଟ୍ରାଭିସ୍ ହେଡ୍‌ଙ୍କୁ ପଛରେ ପକାଇଲେ



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ଆଇପିଏଲ୍ ୨୦୨୫ରେ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ବ୍ୟାଟର୍ କରୁଣ ନାୟକ ଆକର୍ଷଣୀୟ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଏହା ସହିତ ନାୟର ଆଇପିଏଲ୍‌ରେ ଦୁଇଟି ଅର୍ଦ୍ଧଶତକ ମଧ୍ୟରେ ଦୀର୍ଘ ବ୍ୟବଧାନର ରେକର୍ଡ ନିଜ ନାମରେ କରିଛନ୍ତି। ପ୍ରଥମେ ଏହି ରେକର୍ଡ ଟ୍ରାଭିସ୍ ହେଡ୍‌ଙ୍କ ନାମରେ ଥିଲା। 'ଟାଇମ୍ସ ନାଓ' ରିପୋର୍ଟ ଅନୁସାରେ ନାୟର୍ ଆଇପିଏଲ୍‌ରେ ୨୫୨୦ ଦିନ ପରେ ୫୦ରୁ ଊର୍ଦ୍ଧ୍ୱ ରନ୍ କରିଛନ୍ତି। ମୁମ୍ବାଇ ବିପକ୍ଷ ମ୍ୟାଚ୍ ପୂର୍ବରୁ ସେ ଆଇପିଏଲ୍ ୨୦୧୮ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେତେବେଳେ ନାୟର୍ ପଞ୍ଜାବ କିଙ୍ଗ୍‌ସ୍ ଟିମ୍‌ର ସଦସ୍ୟ ଥିଲେ। ସେହି ସିଜନ୍‌ରେ ସେ ପଞ୍ଜାବ ପକ୍ଷରୁ ମୋଟ ୧୩ ମ୍ୟାଚ୍ ଖେଳିଥିଲେ। ଏହାରେ ନାୟର୍ ୨୦୧୯ରେ ଗୋଟିଏ, ୨୦୨୦ରେ ୪ ଏବଂ ୨୦୨୨ରେ ୩ ମ୍ୟାଚ୍ ଖେଳିଥିଲେ। ରବିବାର ମୁମ୍ବାଇ ଦ୍ୱାରା ସ୍ଥାପିତ ୨୦୬ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ବେଳେ ନାୟର ମାତ୍ର ୪୦ ବଲ୍‌ରେ ୧୨ ଚୌକା ଓ ୫ ଛକା ସହାୟତାରେ ୮୯ ରନ୍ କରିଥିଲେ। କିନ୍ତୁ ତାଙ୍କର ଏହି ଇନିଂସ୍ ଟିମ୍‌କୁ ବିଜୟୀ କରାଇବାରେ ସଫଳ ହୋଇ ନଥିଲା।

ଅନ୍ୟପକ୍ଷରେ ହେଡ୍‌ଙ୍କ ଦୁଇଟି ଅର୍ଦ୍ଧଶତକ ମଧ୍ୟରେ ୨୫୧୬ ଦିନର ବ୍ୟବଧାନ ଥିଲା। ସେ ୨୦୧୭ ପରେ ୨୦୨୪ରେ ଅର୍ଦ୍ଧଶତକ ହାସଲ କରିଥିଲେ। ହେଡ୍ ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଆଇପିଏଲ୍ ଖେଳିନଥିଲେ। ଚଳିତ ସିଜନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦର ସବୁଠୁ ଉନ୍ନତ ଖେଳାଳିଙ୍କ ମଧ୍ୟରେ ଅନ୍ୟତମ ହେଡ୍‌ଙ୍କର କିଛି ବର୍ଷ ପୂର୍ବେ ଆଇପିଏଲ୍‌ରେ ସେପରି ଡିମାଣ୍ଡ ନଥିଲା।

# ସୌରଭ ଗାଙ୍ଗୁଲି ଆଇସିସି କ୍ରିକେଟ୍ କମିଟି ଅଧ୍ୟକ୍ଷ



**ଦୁବାଇ,୧୪।୪/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ରିକେଟର୍ ଏବଂ ବିସିସିଆଇର ପୂର୍ବତନ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ବଡ଼ ଦାୟିତ୍ୱ ପ୍ରଦାନ କରିଛି। ଗାଙ୍ଗୁଲିଙ୍କୁ ଦ୍ୱିତୀୟ ଥର ପାଇଁ ଆଇସିସିର ପୁରୁଷ କ୍ରିକେଟ୍ କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ଗାଙ୍ଗୁଲି ୨୦୨୧ରେ ପ୍ରଥମ ଥର ପାଇଁ ଏହି ପଦରେ ନିଯୁକ୍ତ ହୋଇଥିଲେ। ସେତେବେଳେ ସେ ଅନୀଲ୍ କୁମ୍ବଲେଙ୍କ ସ୍ଥାନ ନେଇଥିଲେ। ଗାଙ୍ଗୁଲିଙ୍କ ବ୍ୟତୀତ ଭିଭିଏସ୍ ଲକ୍ଷ୍ମଣ, ଆଫଗାନିସ୍ତାନର ପୂର୍ବତନ କ୍ରିକେଟର୍ ହମିଦ୍ ହସନ୍, ୱେଷ୍ଟଇଣ୍ଡିଜ୍‌ର ମହାନ୍ ଖେଳାଳି ଡେସ୍ମଣ୍ଡ ହେନ୍ସ, ସାଉଥ୍ ଆଫ୍ରିକା ଟେଷ୍ଟ ଓ ଦିନିକିଆ ଟିମ୍ କ୍ୟାପ୍‌ଟେନ୍ ଟେମ୍ବା ବାଭୁମା ଏବଂ ଇଂଲଣ୍ଡର ପୂର୍ବତନ କ୍ରିକେଟର୍ ଜୋନାଥନ୍ ଟ୍ରଟ୍‌ଙ୍କୁ ମଧ୍ୟ ଏହି କମିଟିରେ ସାମିଲ କରାଯାଇଛି। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡର ପୂର୍ବତନ ଅଫ୍-ସ୍ପିନର୍ କାଥେରିନ୍ କ୍ୟାମ୍ପବେଲ୍‌ଙ୍କୁ ଆଇସିସି ମହିଳା କ୍ରିକେଟ୍ କମିଟି ଚେୟାରପର୍ସନ୍ ନିଯୁକ୍ତ କରାଯାଇଛି। ମହିଳା କମିଟିରେ ତାଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳି ଏଭରିଲ୍ ଫାହିଙ୍କ ସହିତ ଫ୍ଲୋସି ମୋସେକିଙ୍କୁ ମଧ୍ୟ ସାମିଲ କରାଯାଇଛି।

## ଅଷ୍ଟ୍ରେଲିଆ ଗସ୍ତ ପାଇଁ ୨୬ ଜଣିଆ ମହିଳା ହକି ଦଳ ଘୋଷିତ

# ୫ ଖେଳାଳିଙ୍କୁ ସିନିୟର୍ ଡେବ୍ୟୁ ସୁଯୋଗ



**ନୂଆଦିଲ୍ଲୀ,୧୪।୪/ଏଜେନ୍ସି:** ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ପାଇଁ ହକି ଇଣ୍ଡିଆ ସୋମବାର ୨୬ ଜଣିଆ ମହିଳା ସ୍କ୍ୱାଡ୍ ଘୋଷଣା କରିଛି। ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ଟିମ୍‌ର ନେତୃତ୍ୱ ପ୍ରଦାନ କରାଯାଇଥିବା ବେଳେ ଅନୁଭବୀ ଫରୱାର୍ଡ ନବନୀତ କୌରଙ୍କ ତାଙ୍କ ଡେପୁଟି କରାଯାଇଛି। ଅନୁଭବୀ ସବିତା ଏବଂ ଯୁବ ପ୍ରତିଭା ବିଚୁ ଦେବୀ ଖାରିବାମ୍‌ଙ୍କୁ ଗୋଲ୍‌କିପର୍ ଭାବେ ଟିମ୍‌ରେ ସାମିଲ କରାଯାଇଛି। ମିଡ୍‌ଫିଲ୍ଡରେ କ୍ୟାପ୍‌ଟେନ୍ ସଲିମା ଟେଟେଙ୍କୁ ବୈଷ୍ଣବୀ ଭିଥଲ୍ ଫାଲ୍‌କେ, ନେହରା, ଶର୍ମିଳା ଦେବୀ, ମନିଷା ଚୌହାନ୍, ସୁନେଲିତା ଟପ୍ପୋ, ମହିମା ଟେଟେ, ପୂଜା ଯାଦବ ଏବଂ ଲାଲ୍‌ରେମ୍‌ସିଆମି ସହଯୋଗ କରିବେ। ନବନୀତ କୌର, ଦୀପିକା, ଋତୁଜା ଦାଦାସୋ ପିସାଲ୍, ମୁମତାଜ୍ ଖାନ୍, ବଲ୍‌ଜିତ୍ କୌର, ଦୀପିକା ସୋରେଙ୍ଗ୍ ଓ ବିଉଟି ଡୁଙ୍ଗ୍‌ଡୁଙ୍ଗ୍ ଫରୱାର୍ଡ ଲାଇନ୍‌ଅପ୍ ସମ୍ଭାଳିବେ। ସେହିପରି ସ୍କ୍ୱାଡ୍‌ରେ ଜ୍ୟୋତି ସିଂହ, ଇଶିକା ଚୌଧୁରୀ, ସୁଶୀଳା ଚାନୁ ପୁଖରାମ୍‌ବାମ୍, ସୁଜାତା କୁଜୁର, ସୁମ୍ ସେବା ଥୋଇଡାମ୍, ଜ୍ୟୋତି, ଆଜମିନା କୁଜୁର ଓ ସାକ୍ଷୀ ରାଣାଙ୍କ ଅଭିଜ୍ଞ ଓ ଯୁବ ଡିଫେଣ୍ଡରଙ୍କୁ ସାମିଲ କରାଯାଇଛି। ସ୍କ୍ୱାଡ୍‌ରେ ପାଞ୍ଚଜଣ ଖେଳାଳି ଜ୍ୟୋତି ସିଂହ, ସୁଜାତା କୁଜୁର, ଆଜମିନା କୁଜୁର, ପୂଜା ଯାଦବ ଓ ମହିଳା ଟେଟେଙ୍କୁ ପ୍ରଥମ ଥର ସିନିୟର୍ ଟିମ୍‌ରେ ସାମିଲ କରାଯାଇଛି। ଏହା ସହିତ ବନସାରୀ ସୋଲାଙ୍କି (ଗୋଲ୍‌କିପର୍), ଅଞ୍ଜାନା ଡୁଙ୍ଗ୍‌ଡୁଙ୍ଗ୍ ଏବଂ ଲାଲ୍‌ଥାଣ୍ଟଲୁଆଙ୍ଗି (ଡିଫେଣ୍ଡର୍), ସାକ୍ଷୀ ଶୁକ୍ଲା ଓ ଖାଇଦେନ୍ ଶିଲେଇମା ଚାନୁ (ମିଡ୍‌ଫିଲ୍ଡର୍)ଙ୍କ ସମେତ ଫରୱାର୍ଡ ଦିପି ମୋନିକା ଟପ୍ପୋ ଓ ସୋନମ୍‌ଙ୍କୁ ଷ୍ଟାଣ୍ଡବାଇ ଖେଳାଳି ଭାବେ ଟିମ୍‌ରେ ସାମିଲ କରାଯାଇଛି।

ଏହି ଟୁର୍ ଏପ୍ରିଲ୍ ୨୬ରୁ ଆରମ୍ଭ ହୋଇ ମେ ୪ ତାରିଖରେ ଶେଷ ହେବ। ଏହି ସମୟ ମଧ୍ୟରେ ଭାରତୀୟ ଟିମ୍ ଅଷ୍ଟ୍ରେଲିଆ-ଏ' ବିପକ୍ଷରେ ଦୁଇଟି ମ୍ୟାଚ୍ ଏବଂ ସିନିୟର୍ ଟିମ୍ ବିପକ୍ଷରେ ତିନିଟି ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ପର୍ଥ ହକି ଷ୍ଟାଡିୟମ୍‌ରେ ଆୟୋଜିତ ହେବ। ଟିମ୍‌ର ଏହି ଟୁର୍ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ସିଜନ୍‌ର ୟୁରୋପୀୟ ଚରଣ ପୂର୍ବରୁ ପ୍ରସ୍ତୁତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ।

# ଛଅବର୍ଷ ପରେ ଏମ୍‌ବାପେଙ୍କୁ ପ୍ରଥମ ରେଡ୍ କାର୍ଡ

## ଅଲାଭେସ୍‌କୁ ୧-୦ରେ ହରାଇଲା ରିୟଲ୍ ମାଦ୍ରିଦ୍



**ମାଦ୍ରିଦ୍,୧୪।୪/ଏଜେନ୍ସି:** ଫ୍ରେଞ୍ଚ୍ ଷ୍ଟାର୍ ଫୁଟ୍‌ବଲର୍ କିଲିୟନ୍ ଏମ୍‌ବାପେଙ୍କୁ ରେଡ୍ କାର୍ଡ ମିଳିବା କାରଣରୁ ତାଙ୍କ ବିନା ଖେଳୁଥିବା ରିୟଲ୍ ମାଦ୍ରିଦ୍ ୧-୦ ଗୋଲ୍‌ରେ ଅଲାଭେସ୍ ବିପକ୍ଷରେ ବିଜୟୀ ହୋଇଛି। ସ୍ପାନିଶ୍ ଫୁଟ୍‌ବଲ୍ ଲା ଲିଗାର ଏହି ମ୍ୟାଚ୍‌ରେ ରିୟଲ୍ ମାଦ୍ରିଦ୍ ଷ୍ଟାର୍ ଷ୍ଟ୍ରାଇକର୍ ଏମ୍‌ବାପେଙ୍କୁ ୨୦୧୯ ପରେ ପ୍ରଥମ ଥର ରେଡ୍ କାର୍ଡର ସାମ୍ନା କରିବାକୁ ପଡ଼ିଛି। ଅଲାଭେସ୍ ମିଡ୍‌ଫିଲ୍ଡର ଆଣ୍ଟୋନିୟୋ ବ୍ଲାଙ୍କୋଙ୍କୁ ତ୍ରୁଟିପୂର୍ଣ୍ଣ ଭାବେ ଟ୍ୟାକଲ୍ କରିବା କାରଣରୁ ମଧ୍ୟାନ୍ତରର ଠିକ୍ ପରେ ଏମ୍‌ବାପେଙ୍କୁ ପଡ଼ିଆ ବାହାରକୁ ପଠାଇ ଦିଆଯାଇଥିଲା। ଫ୍ରେଞ୍ଚ୍ ଷ୍ଟାର୍‌ଙ୍କ ପ୍ରଥମେ ହଳଦିଆ କାର୍ଡ ଦେଖାଯାଇଥିଲା। ମାତ୍ର ଭିଡିଓ ସମୀକ୍ଷା ପରେ ରେଫରି ଏହାକୁ ରେଡ୍ କାର୍ଡରେ ପରିବର୍ତ୍ତନ କରିଥିଲେ। ୨୦୧୯ ପରେ କୌଣସି ଟୁର୍ଣ୍ଣାମେଣ୍ଟ୍‌ରେ ଏମ୍‌ବାପେଙ୍କୁ ରେଡ୍ କାର୍ଡ ପ୍ରଦର୍ଶନ କରାଯିବ ଏହା ପ୍ରଥମ ଘଟଣା। ଏହି କାରଣରୁ ସେ ଅତିକମ୍‌ରେ ଆସନ୍ତା ରବିବାର ହେବାକୁ ଥିବା ଆଥ୍‌ଲେଟିକୋ ବିଲ୍‌ବାଓ ବିପକ୍ଷ ସ୍ପାନିଶ୍ ଲିଗ୍‌ରେ ଖେଳିପାରିବେ ନାହିଁ। ଅଲାଭେସ୍ ବିପକ୍ଷ ଏହି ମ୍ୟାଚ୍‌ର ୩୪ତମ ମିନିଟ୍‌ରେ ଏଡୁଆର୍ଡୋ କାମାଭିଙ୍ଗା ରିୟଲ୍ ମାଦ୍ରିଦ୍ ପକ୍ଷରୁ ଗୋଲ୍ ସ୍କୋର୍ କରିଥିଲେ, ଯାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଏହି ବିଜୟ ଫଳରେ ରିୟଲ୍ ମାଦ୍ରିଦ୍ ଓ ଶୀର୍ଷରେ ଥିବା ବାର୍ସିଲୋନା ମଧ୍ୟରେ କେତକ ଚାରି ପଏଣ୍ଟର ବ୍ୟବଧାନ ରହିଛି। ବାର୍ସିଲୋନାର ୩୧ ମ୍ୟାଚ୍‌ରେ ୭୦ ଏବଂ ରିୟଲ୍ ମାଦ୍ରିଦ୍‌ର ସମାନ ସଂଖ୍ୟକ ମ୍ୟାଚ୍‌ରେ ୬୬ ପଏଣ୍ଟ ହୋଇଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra